ISSN 2976-9329

# ସୃଜନ
# SRUJAN
## The Creativity Journal



2025, Volume 5, Issue 1

**Srujan: The Creativity Journal**
**ISSN** 2976-9329

**Description**

Srujan publishes creative articles in the Odia Literature (including original and translations to and from) and creativity in other fields of artistic expressions such as painting, dance, sculpting, and photography linked to Odisha for an international readership; with an aim of propagating, promoting Odia literature and creativity worldwide.

**Aim and scope**

Srujan intends to share creative articles linked to Odisha for readers in general and academics. This is a multi-lingual journal accepting creative articles of translations from and to Odia from different languages; along with articles from Odia people writing in other languages. It develops a resource for translated articles from and to other languages, which would help readers in different languages in their understanding about creative expressions linked to Odisha and vice versa. It also envisage to be useful for researches in linguistic and creativity studies.

**Submission**

Manuscripts for publication should be prepared according to the 'Instruction to authors' and submitted by email to srujan.journal@gmail.com. All papers except the invited ones are peer-reviewed. All the articles should be submitted in Word file, (Unicode font, preferably Kalinga), author's name, address (place and state/country), bio in 100 words, email are essential.

The article should be the authors' own creation. Authors will remain responsible for any conflicts about their submission. Editorial board or the publishers will not have any liability.

**Subscription**

The journal is freely distributed. Individuals and organizations interested to receive the journal should contact srujan.journal@gmail.com for e-subscriptions.

**Sponsorship**

Srujan is an Open Access journal and does not have an Article Processing or Publication Fee for authors. The journal depends upon sponsorship rather than charging authors or readers to meet its cost of operations. There are many sponsorship options and sponsoring this charitable venture in encouraged. Please contact via journal email.

The journal adheres to a strict policy of keeping all editorial process of the journal independent of the financial sponsors and contributors. The sponsors and contributors do not influence material published in the journal.

**Advertising**

Correspondence should be addressed through journal email. Journal does not endorse any advertised material and it reserves the right to accept or reject the advertisement proposals.

ISSN 2976-9329

***Editor-in-Chief***
Prof Nilamadhab Kar

***Editorial board***
Prof Sarat Chandra Rath
Prof Nandini Sahu
Dr Suresh Rath
Mr Pravat Ranjan Beura
Prof Prasanta Kumar Panda
Mrs Nirupama Kar
Mona Dash
Mr Bijay Biswaal
Dr Chinmayi Nath
Dr Suryasnata Tripathy
Mona Lisa Jena
Dr Dinabandhu Sahoo
Shri Harish Chandra Kar
Shri Satya Pattanaik
Prof Tanmay Panda
Dr Aloke Patnaik

**Regional Representatives**
Antaryami Upadhyaya – UK
Tapan Panda – America
Satyadeep Acharya – Australia
Pritisikta Panda – Europe
Tushar Kanti Das - India

**Distinguished reviewers**
Padarabinda Rath
Naresh Chandra Sahoo

**Creative Support**
Shreyan Kar
GenX studios

**Administrative support**
Gaye Johnson

---

**Publisher:** The Institute of Insight, UK
**Place of publication:** Epsom, London, UK
**Contact:** Srujan, 60 Highfield Drive, Epsom, KT19 0AP, London, UK
**Sponsor:** Quality of Life Research and Development Foundation (QoLReF)
**Submit articles at:** srujan.journal@gmail.com

Copyright of all published material in this journal is held by the authors. Articles are open-access, distributed under the terms [CC BY-NC] which permits unrestricted use, distribution, and reproduction in any medium, provided the original author and source are credited. Please inform any concerns related to copyright or ethical issues to the authors and editors. Permission is required for commercial use of the articles.

2025, Volume 5, Issue 1

# Contents


| | | |
|---|---|---|
| ଅଜ୍ଞାତ | ମା’ | 1 |
| Sanjay Bhatt | Pandit Nilamani Vidyaratna | 2 |
| ବସନ୍ତ ମାଝି | ଶବ୍ଦପକ୍ଷୀ | 4 |
| | ଏକାଏକା ଲାଗେ | 5 |
| | ଶବ୍ଦପକ୍ଷୀର ସାନ୍ତ୍ୱନା | 6 |
| पदारविन्द रथ | फ़र्क | 8 |
| | लक्ष्मण रेखा | 9 |
| | अविरल | 10 |
| ମହୁଆ ମଲ୍ଲିକ, ସବିତା ବାରିକ ରାଉତ | ଲେଡ଼ିଜ୍ ହଷ୍ଟେଲ | 11 |
| ଯଶୋବନ୍ତ ସେଠୀ | ଶେଷହୀନ ଆରମ୍ଭ | 16 |
| | ଅନ୍ଧାରୀ ବିଜେ | 17 |
| | ପ୍ରେମରେ... | 18 |
| ବୀଣାପାଣି ପ୍ରଧାନ | ଶେଷ ଅକ୍ଷର 'ନା' | 19 |
| ମନୋଜ କୁମାର ମହାପାତ୍ର | ଟୁଉକୁ ମୂଷି | 23 |
| ଶିବ ମିଶ୍ର | ତିନିଟି ମିନି କଥା | 29 |
| ପ୍ରତିମା ବିଶ୍ୱାଳ | ରୂପାନ୍ତର | 31 |
| ରମେଶ ଚନ୍ଦ୍ର ଦାଶ | ବାସ୍ତବ ଚିନ୍ତା | 35 |
| ପୁଷ୍ପିତା ଜେନା | ଥୁଣ୍ଟା ବରଗଛ | 38 |
| ମାନସ ରଞ୍ଜନ ମହାପାତ୍ର | କଟକ | 42 |
| | ଅରୂପ | 43 |
| | ଅପରାଜେୟ | 44 |
| ଜ୍ୟୋତ୍ସ୍ନା ମିଶ୍ର | ସପନର ରାତି | 45 |
| | ସମର୍ଥନ | 46 |
| | ନିଜେ ତ ଜିଉଁଛେ | 47 |
| ଶରତ ଚନ୍ଦ୍ର ମହାରଣା | ସବୁ ଅନ୍ଧାର ସେଇ ରାତିରେ | 48 |
| | ମିଛର ମହକ | 49 |
| | ଧୂସର ଜହ୍ନ | 50 |

| | | |
|---|---|---|
| Ambika Prasad Kanungo | Raghurajpur | 51 |
| ପ୍ରତିଭା ପରିଡ଼ା | ଆୟୁଷ୍ମତୀ | 57 |
| | ପ୍ରିୟତମା | 58 |
| | ଈଶ୍ୱରୀ | 59 |
| ସୁଶାନ୍ତ ଶେଖର ଦାଶ | ଲୁହ | 60 |
| | ବିଗତ ଯୌବନ | 61 |
| | ସଂଜ୍ଞା | 62 |
| ବିଶ୍ୱନାଥ କର | ଅପ୍ରେମର କାବ୍ୟ | 63 |
| | ଜୀବନ | 64 |
| | ଖେଳ ସରିଗଲେ | 65 |
| ମିନାକ୍ଷୀ ଦ୍ୱିବେଦୀ | ଜୀବନର ସତ୍ତା | 67 |
| | କଳ୍ପନାର ଚୌହଦି | 68 |
| | ମୋ ଭିତରେ ମୁଁର ସନ୍ଧାନ | 69 |
| Reshma Sultana | The mirror shows | 70 |
| | Woven threads | 71 |
| | The heart's rhythm | 72 |
| Rajanikanta Mohanty, Brajamohan Mishra | The evening song | 73 |
| ସ୍ୱୟମ୍ବରା ପଟ୍ଟନାୟକ | ଚିତ୍ର ଘର | 79 |
| | ୟୁକ୍ରେନର କ୍ରୋଟନ ଗଛ | 80 |
| | ଆତ୍ମ ପକ୍ଷ | 81 |
| ଶାନ୍ତନୁ ମହାପାତ୍ର | ଯନ୍ତ୍ରଣାର ରଂଗ | 82 |
| ପ୍ରଭାତ ରଞ୍ଜନ ବେହୁରା | ଭୁଲ ରହିଲା କେଉଁଠି ? | 86 |
| Nilamadhab Kar | The cliff | 88 |
| | Holding on | 89 |
| | You’re past | 90 |
| | Book review | |
| ପୁଷ୍ପିତା ଜେନା | ମୋ ଗାଁ ମାଟି ମୋର ଅଲିଭା ସ୍ମୃତି | 91 |
| | Information about Srujan | |
| ସବିତା ମଞ୍ଜରୀ ଦାଶ |  Cover page art | |

**ସୃଜନ ପାଇଁ ଲେଖା**

ଓଡ଼ିଆ ଭାଷା ଓ ସୃଜନ ସମ୍ଭାର ସବୁକୁ ନେଇ ସଂଯୋଜିତ ଏହି ପତ୍ରିକା ବିଶ୍ୱର ପାଠକପାଠିକାମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ I ଓଡ଼ିଆ ସାହିତ୍ୟର ଓ କୀର୍ତ୍ତିସବୁର ପ୍ରଚାର ପ୍ରସାର ଏହାର ମୁଖ୍ୟ ଲକ୍ଷ୍ୟ I

ଏହା ପାଇଁ ଆପଣ 'କବିତା', 'କ୍ଷୁଦ୍ରଗଳ୍ପ', 'ଚିତ୍ରକଳା', 'ଆଲୋକଚିତ୍ର' ଓ ଅନ୍ୟ ସର୍ଜନଶୀଳ ଲେଖା ପଠାଇପାରିବେ I ଆପଣ ନିଜର ସୁନିର୍ବାଚିତ ଲେଖାଗୁଡ଼ିକୁ ହିଁ ପଠାନ୍ତୁ I ଥରକେ ଗୋଟିଏ ଲେଖା ପଠାନ୍ତୁ; ତେବେ କବିତା ପାଇଁ ଥରକେ ତିନୋଟି ଛୋଟ କବିତା ପଠାଇ ପାରିବେ I ନିବନ୍ଧ, ଆଲୋଚନା ଆଦି ପଠାନ୍ତୁ ନାହିଁ I

ଏହା ବହୁ-ଭାଷିକ ପତ୍ରିକା I ଓଡ଼ିଆ କବି ଓ ଲେଖକ ନିଜର ଇଂରାଜୀ ଲେଖା, ଅନୁବାଦ ଲେଖା (ଓଡ଼ିଆରୁ ଅନ୍ୟଭାଷାକୁ ଓ ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ ହୋଇଥିବା ଲେଖା) ପଠାଇ ପାରିବେ I

ଆମନ୍ତ୍ରିତ ଲେଖାକୁ ଛାଡ଼ିଦେଇ, ପଠାଯାଇଥିବା ଅନ୍ୟସବୁ ଲେଖାଗୁଡ଼ିକର ଚୟନ ଏକ ଲେଖକ-ଲେଖିକା ଓ ପାଠକ ମଣ୍ଡଳୀ ଦ୍ୱାରା କରାଯାଏ I

ଲେଖା ପଠାଇବା ପାଇଁ 'ଲେଖକୀୟ ନିର୍ଦ୍ଦେଶାବଳୀ' ଦେଖନ୍ତୁ I ଲେଖାସବୁ Word ଫାଇଲରେ ପଠାନ୍ତୁ, (ଓଡ଼ିଆ ଲେଖା ପାଇଁ କଳିଙ୍ଗ ଫଣ୍ଟ, ୟୁନିକୋଡ୍ ଅଧିକ ବାଞ୍ଛନୀୟ), ନିଜର ନାମ, ଠିକଣା (କେବଳ ଗ୍ରାମ/ସହର ଓ ରାଜ୍ୟ/ଦେଶ), ନିଜ ବିଷୟରେ ଶହେ ଶବ୍ଦ, ଇମେଲ୍‌ରେ, ପଠାଇବା ନିହାତି ଦରକାର I ଲେଖାସବୁ ନିମ୍ନରେ ଦିଆଯାଇଥିବା ଇମେଲ୍ ଠିକଣାରେ ପଠାନ୍ତୁ I

ଲେଖାସବୁ ଲେଖକ-ଲେଖିକାଙ୍କ ନିଜସ୍ୱ କୀର୍ତ୍ତି ହୋଇଥିବା ଆବଶ୍ୟକ I ଲେଖା ପ୍ରକାଶନର ନୀତି ନିୟମର କୌଣସି ଉଲ୍ଲଙ୍ଘନ ପାଇଁ ଲେଖକ-ଲେଖିକା ନିଜେ ଦାୟୀ ରହିବେ; ସେଥିରେ ସୃଜନ ସମ୍ପାଦନା ମଣ୍ଡଳୀ ବା ପ୍ରକାଶକଙ୍କର କୌଣସି ଦାୟିତ୍ୱ ରହିବ ନାହିଁ I

ଲେଖା ପଠାଇବା ପାଇଁ ଇମେଲ୍: srujan.journal@gmail.com

---

**Instruction to authors is given at the end of this issue.**

---

***For further information please contact the*** Srujan Editorial Board: srujan.journal@gmail.com

The Institute of Insight, UK: theinstituteofinsight@gmail.com

Quality of Life Research and Development Foundation (QoLReF), qolref@gmail.com

# ମା'

Srujan ISSN 2976-9329

**ଅଜ୍ଞାତ**

ମା' ବୋଲି ଯେଉଁ ନାଆଁଟି, କିଏ ବାଛିଲା ସତେ,
ତାକୁ ବଳି ଆଉ ମଧୁର, କିଛି ନ ଲାଗେ ମୋତେ ।

ଅଳି ଝଳି ମୋ ଶୁଣିବ, ଆଉ କିଏ ତା' ପରି,
ଯେତେ ଦୋଷ କଲେ ସହିବ, ନେବ କୋଳେଇ କରି ।

ଖାଉ ନ ଥିଲେ କେ କହିବ, ଆହା ବାପ ଧନରେ,
ରୋଗ ହେଇଛି କି ବାବୁକୁ, ସୁଖ ନାହିଁ ମନରେ ।

ରୋଗ ହେଲେ କିଏ ମୋ ପାଖୁ, ଦଣ୍ଡେ ଛାଡ଼ି ନ ଯିବ,
ନିଦ ଭୋକ ଭୁଲି କିଏ ସେ ମୋର ସେବା କରିବ ।
●●●

[Pearls from the Stars: ଓଡ଼ିଆ ଲୋକଗୀତ, ଓଡ଼ିଆ ଭାଷାର ଉଜ୍ଜ୍ୱଳ କୃତିର ପୁନଃ ଉପସ୍ଥାପନା]
**ସଂଗ୍ରାହିକା: ଶାନ୍ତିଲତା କର**

# Pandit Nilamani Vidyaratna

A Pioneer of Odia literature and culture

**Sanjay Bhatt**

SRUJAN
The Creativity Journal
Srujan ISSN 2976-9329

Born December 14, 1867, in the culturally rich region of Brajabiharipur Village (Baideshwar) in Banki, Cuttack district, Pandit Nilamani Vidyaratna emerged as a towering figure in literature, culture, and social reform. Renowned for his extraordinary scholarship, creativity, courage, and patriotism, he was aptly honoured with the title 'Vidyaratna' by Maharani Kusumvati and Maharaja Dasharathi Mangaraj of the erstwhile State of Badamba. His unwavering dedication to the cause of literature earned him further accolades from Maharaja Sudhaldev of Bamanda.



Vidyaratna’s contributions transcended mere literary achievements as he was a steadfast guardian of the Odia language. As a magazine editor, he championed the purity of pronunciation and writing, playing a pivotal role in the Odia language movement. His profound intellect and leadership inspired many kings and emperors to unite Oriya-speaking people and advocate for a separate Odisha province. His wisdom and determination not only challenged the British government but also won the hearts of countless individuals.

Despite facing poverty and illness, Vidyaratna’s determination led him to achieve remarkable distinctions in both Odia and English literature. His body of work includes over 50 timeless poems, essays, and other literary compositions. He consistently promoted literature and language, supported literary talents, and maintained impartiality and fearlessness in his editorial endeavors. As a social reformer, he courageously opposed orthodox ideas, becoming a beacon of change for the larger Brahmin community.

Vidyaratna’s advocacy extended beyond Odia language as he strove to establish the permanence of Bengali, and Telugu languages, challenging the orthodox linguistic preferences of the time. His firm opposition to the use of Hindi in Sambalpur and Telugu in Ganjam garnered both support and resistance. In 1887, while editing Hiteisini magazine in Sambalpur, he and his contemporaries successfully introduced the Odia language in the Sambalpur court, replacing the prevailing Hindi language.

Under his eloquent leadership, the Sambalpur language movement achieved significant success. The Home Secretary Resell’s circular transferring regions from Madhya Pradesh’s Chhattisgarh Division to Odisha was a testament to his effective advocacy.

Beyond his editorial and linguistic contributions, Vidyaratna was a fierce critic and patron of literature. His mentorship transformed many aspiring poets into notable figures. He supported renowned writers like Byasakabi Fakir Mohan, Swabhaba Kabi Gangadhar Meher, and Bagmi Vishwanath fostering the growth of countless new writers. He even funded the research expenses for Pathani Samanta’s treatise and showcased his scholarly prowess by translating significant works into Urdu.

On July 26, 1923, Odisha lost this illustrious leader, but his legacy endures in the rich tapestry of Odia literature and culture. Pandit Nilamani Vidyaratna remains a symbol of scholarship, patriotism, and unwavering dedication to the advancement of language and society.

●●●

**Sanjay Bhatt** is an author and creative painter. He studied at the BK College of Arts in Bhubaneswar, inspired by Dr Dinanath Pathy. He lives in Odisha.

# ଶବ୍ଦପକ୍ଷୀ

SRUJAN
The Creativity Journal
Srujan ISSN 2976-9329

## ବସନ୍ତ ମାଝି

ଆ' ଆ'ରେ ଶବ୍ଦପକ୍ଷୀ ମୋ ପିଣ୍ଡାକୁ
ଖାଇବାକୁ ଦେବି ତୋତେ ତୋର ମନଲାଖି ଖାଦ୍ୟ
ଯାହା ତୁ ମାଗିବୁ କାମଧେନୁ ପରି ଯୋଗାଇବି
ମିନେରାଲ ପାଣି ବି ପିଇବାକୁ ଦେବି ।

ଆଦୌ ତୁ ଭାବେ ନା ରେ ପକ୍ଷୀ
ବୃଦ୍ଧ ବ୍ୟାଘ୍ର ପରି ତୋତେ ଦେଖାଉଛି
ଚିକିମିକି କଙ୍କଣର ଲୋଭ
ନୁହେଁ ବି ବ୍ୟାଧ
ଜୀବନ ନେବି କିଂବା ପଞ୍ଜୁରିରେ କଏଦ କରିବି ।

ମୁଁ ତ ପ୍ରେମିକଟିଏ ଶବ୍ଦପକ୍ଷୀର
ସ୍ତୁତିଗାନକାରୀ ତୋହରି ଚିର
ମୋ ହାତରେ ନାହିଁ ଶାୟକ
ନାହିଁ ବି ତଣ୍ଡୁଳ ବିଛା ଜାଲ
ମୁଁ ତ ତୋ ରୂପରେ ପାଗଳ ।

ଆ ମୋ ପାଖକୁ ଆ
ଲୁଚିଛୁ କେଉଁ ଗହନ ବନରେ
ଉଡୁଛୁ ଆଖି ପାଉନଥିବା ଶୂନ୍ୟତାରେ
ଗାଉଛୁ ମଧୁଗୀତି କୋଇଲି ନା ନାଇଟିଙ୍ଗେଲ କଣ୍ଠରେ
ମୋ ମନ ଉପବନ ରହିଛି ତୋ ସ୍ୱାଗତିକାରେ ।

ଆ ପାଶେ ପ୍ରିୟ ଶବ୍ଦପକ୍ଷୀ ମୋର
ଶୁଣାଇ ଦେବି ତୋତେ ପ୍ରୀତିର ଗଜଲ
ବୁଲେଇ ନେବି ତୋତେ ଭିନ୍ନ ଗୋଟେ ପୃଥିବୀକୁ
ଯେ ପୃଥିବୀ ଏତେ ମନୋରମ
କେବେ କଳ୍ପନାରେ ନଥିବୁ ତୁ ଭାବି ।

ମୋ ଆକୁତି କି ପହଞ୍ଚେନି
ତୋର ସେହି ବେ-ଦରଦୀ ହୃଦେ
ବିଲେଇର ପାଦ ନେଇ ଆ
ତୋ ପାଦକୁ ପଦେ ପଦେ ବନ୍ଦେ ।

●●●

# ଏକାଏକା ଲାଗେ

Srujan ISSN 2976-9329

**ବସନ୍ତ ମାଝି**

ଗୋଷ୍ଠୀବଦ୍ଧ ଜୀବନଚର୍ଯ୍ୟାରେ ଆମେ ଚିରବନ୍ଧା
ହସ ଲୁହ ସବୁ ବି ତାହା ସହ ଛନ୍ଦା
ତେଣୁ ସେଲକାର୍କଙ୍କ ପରି ନିତି ଖୋଜେ ଦୁଇ ପକ୍ଷ ମୋର
ଦେଖିବାକୁ ଚାହେଁ ପ୍ରିୟଜନ ମୁଖ ଓ ଆଦର ।
କିନ୍ତୁ ମୁହିଁ ଏକା ଏକା ଏ ଜନଅରଣ୍ୟରେ
କେମିତି ବଖାଣିବି ବ୍ୟଥା କହ ମନୁଆରେ
ଲାଗେ ମୋତେ ଭାରି ଏକା, ପଡ଼ୋଶିନୀର ଲାଇଟ ଲିଭିଯିବା ପରେ
ଲାଗେ ପୁଣି ଏକା, ନିଶାଚର ପକ୍ଷୀର ବେଦନାର୍ଦ୍ର ସ୍ୱରେ,
ଲାଗେ ପୁଣି ଏକା, କଲମରୁ କାଳି ସରିଗଲା ପରେ
ଶବ୍ଦମାନେ ସବୁ ମାନସରୁ ଛପି ଗଲା ପରେ ।

ବଡ଼ ଦୁର୍ବିଷହ ଏକା ଏକାର ଜୀବନ
ନଈ ତେଣୁ ଦେଖୁଥାଏ ଦରିଆ ସପନ
ତୋତେ ତେଣୁ ଖୋଜିହୁଏ ଶବ୍ଦ ପକ୍ଷୀ
ଭଙ୍ଗା କୁଡ଼ିଆରେ ନିର୍ଜନ ନିଶିରେ
ତୋ ଭରସା ହିଁ ମହୌଷଧି ଚାହିଁଛି ମସୀରେ ।
ଏକା ଚଲାବାଟେ ପାଦେ ଫୁଟିଗଲେ କଣ୍ଟା
ଆହା ପଦ କିଏ ଉଚ୍ଚାରିବ, ଏ ବାଟ ଯେ ବଡ଼ ଅଙ୍କାବଙ୍କା
ଏକାଏକା ଏ ଜୀବନ ଲାଗେ ସତେ ଶୋଇଛି ମୁଁ କଫିନରେ
ପିଟୁଛ ତହିଁରେ ପିରିକ, ଗୋଲାପଟେ ଥୋଇ ତା' ଉପରେ ।
●●●

# ଶବ୍ଦପକ୍ଷୀର ସାନ୍ତ୍ୱନା

Srujan ISSN 2976-9329

**ବସନ୍ତ ମାଝି**

ମୋ ଛାତିରେ କ୍ଷୋଭର ବୋମା ଯେବେ ଫୁଟେ
କ୍ଷତ ବିକ୍ଷତ ସାଥେ ଲହୁ ଲୁହାଣ ହୁଏ
ଅତି ଛୋଟିଆ ହୃଦୟ ମୋର,
ଆହତ ମନରୁ ନିଗିଡ଼ି ପଡୁଥାଏ
ଲୁହମଖା କବିତାର ଧାର ।

ଶବ୍ଦପକ୍ଷୀ ସାନ୍ତ୍ୱନାର ଡେଣା ବିଞ୍ଚି
ସଧୀରେ କହେ କାନମୂଳେ
ପ୍ରେମର ପାହାଚ ଚଢ଼ି ଆସିଥିଲୁ ପରା
ଏ ଧରାରେ ଅନାବିଳ ପ୍ରେମ ବାଣ୍ଟିବାକୁ
ଆୟୁଷଠୁ ବେଶି ବାଟ ଚାଲି
ସ୍ୱପ୍ନ ଆଉ ବାସ୍ତବର ସମନ୍ୱୟ ଆଣିବାକୁ ?
ମୋ ଶୂନ୍ୟ ଅଗଣାରେ ଫଗୁଣ ପବନ
ମୋ ଝରକା ଫାଙ୍କରେ ଜହ୍ନର ବଂଶୀ ବାଦନ
ମୋ ସ୍ମୃତିର ଫରୁଆରେ ଅବିଶ୍ୱାସର କ୍ରନ୍ଦନ
ମୋ ପ୍ରେମ ଅତୀବ ଦୁର୍ବଳ ଅକ୍ଷମ
ବଦଳାଇ ପାରୁନି ଜୀବନ ଓ ଜୀବନ
ରିକ୍ତ ହାତ ମୋର ପାରୁନି ଧରି ସୂର୍ଯ୍ୟ କିରଣ
ଝଡ଼ ଯେ କରୁଛି ଈର୍ଷନୀୟ ଅୟସ
ସତ୍ୟର ସଳିତାରେ ନାହିଁ ଆଉ ଆକର୍ଷଣ ।

ପାଖରେ ରଖିଛୁ ଯଦି ଦେ ଶବ୍ଦପକ୍ଷୀ
ସେ ବୃକ୍ଷର ଦୃଶ୍ୟମାନ ପରିଚୟ
ଦେ ମୋତେ ତୋ ହୃଦୟର ଛଳ ଛଳ ଭାବ
ନତୁବା କରି ଦେ ମୋ ସାଥେ ଜୀବନ ବିନିମୟ
ନେଇ ଯା ପୁଂଜୀଭୂତ ଦୁଃଖ ଯେତେ ଅସମୟ
ପାରୁଛୁ ତ ଦେ ମୋତେ ଆତ୍ମପରିଚୟ
ମୋ ସ୍ନାୟୁରେ ଭରି ଦେ ଅସୀମ ପ୍ରତ୍ୟୟ ।

ଏ ରଙ୍ଗମଞ୍ଚେ ସରିନାହିଁ ମୋର ଅଭିନୟ
ତୋ ଠାରୁ ମୋର ହୋଇନି ବିଚ୍ଛେଦ
ଉଜୁଡ଼ା କ୍ଷେତର ହିଡ଼ରେ ହେବ ସିନା
ତୋର ମୋର କାରୁଣିକ ଶେଷ ସାକ୍ଷାତ
ମୋ ହାତରେ ରହିଥିବ ନିଃଶବ୍ଦ ଶୂନ୍ୟତା
ତୋ ହାତରେ ରହିଥିବ ସୁନାରଙ୍ଗୀ ଭବିଷ୍ୟତ ।

●●●

**ବସନ୍ତ ମାଝି,** ଲେଖକ, ସମ୍ପାଦକ, ଅନେକ ପୁସ୍ତକର ରଚୟିତା । କବିତା ପୁସ୍ତକ: ଛିଃ, ଲେନିନ୍, ଦୁଃଖର ମୁରୁକି, ସପନ ଦେଖା, ରେଜାରୁ ରଜନୀ, ମାଟିର ମଲାଟ, କବିତା ଶତକ, ଇତ୍ୟାଦି । ଗଳ୍ପ ପୁସ୍ତକ: ସଂକୀର୍ଣ୍ଣତାର ଉପଗଳି, ବିଦ୍ରୋହୀ କଲମର ଗପ, ଇତ୍ୟାଦି । ଏହାଛଡ଼ା ସେ ଆତ୍ମଜୀବନୀ ଓ ଭ୍ରମଣ କାହାଣୀ ବି ଲେଖିଛନ୍ତି । ସାହିତ୍ୟ ପାଇଁ ଅନେକ ସମ୍ମାନରେ ସମ୍ମାନିତ; ସେସବୁ ମଧ୍ୟରେ ଦୀନକୃଷ୍ଣ ସ୍ମୃତି ସମ୍ମାନ, ବାଞ୍ଛାନିଧି ମହାନ୍ତି ସ୍ମୃତି ସମ୍ମାନ, ମନମୋହନ ମିଶ୍ର ସ୍ମୃତି ସମ୍ମାନ, ଓଡିଆ ପର୍ବ ସାହିତ୍ୟ ସମ୍ମାନ ଅନ୍ୟତମ । ସାହିତ୍ୟ ସଂସ୍କୃତିର ବିକାଶରେ ଅହରହ ଚେଷ୍ଟିତ । ଭୁବନେଶ୍ୱରରେ ରହନ୍ତି ।

# फ़र्क

## पदारविन्द रथ

Srujan ISSN 2976-9329

झूठ बोलना कम हुआ लेकिन
सच छिपाना सीख गया हूँ
ख़ुशी भले न दे पाऊँ किसको
ग़म छिपाना सीख गया हूँ

चालाकी सीखना न हुआ लेकिन
चालाक दिखना सीख गया हूँ
मीठी बातें भले बोल न पाऊँ
कड़वा छिपाना सीख गया हूँ

स्पर्द्धा में जीतना सम्भव न हो
समझौता करना सीख गया हूँ
खुलकर बातें हो ना पाई तो
ख़ामोश रहना सीख गया हूँ

अचानक उत्तर कुछ न सूझे
उपेक्षा करना सीख गया हूँ
माफ़ी जहां मुझे माँगनी न हो
जड़ता जताना सीख गया हूँ

होशियारी ग़र इसको ही कहते
होशियार बनता जा रहा हूँ
किसी और को पता चले न चले
खुद को ही धोखा दे रहा हूँ
●●●

# लक्ष्मण रेखा

Srujan ISSN 2976-9329

## पदारविन्द रथ

कोई भी चाहे कितना हो क़रीब
स्वयं से क़रीब कोई भी नहीं
किसी भी ऐसे रिश्ते के ख़ातिर
मर्यादाओं से हो समझौता नहीं

एक बार जो तोड़ी मर्यादा
फिर से शुरू से चलना होगा
पछतावा होगी सो तो अलग
दण्ड भी बहुत खाना पड़ेगा

सुलझे जीवन को उलझा दे कोई
इतना क़रीब कभी आने न देना
भावनाओं से कोई खेल न सके
इतना ताकतवर खुद को बनाना

सहारा देना, किसी की मदद करना
अच्छा है, लेकिन ध्यान है रखना
बचाते-बचाते किसी डूबते को
मँझधार में खुद बह न जाना

खिंची थी रेखा लक्ष्मण बनकर
अंदर रहेंगे तो सुरक्षित होंगे
किसी भी भेष में आयेगा रावण
परख पायेंगे, विजयी बनेंगे
•••

# अविरल

Srujan ISSN 2976-9329

## पदारविन्द रथ

दर्द को पिघलना होगा
हिमालय बनने से पहले
चोटी पर पहुँचना होगा
चट्टान खिसकने से पहले

यह मत गिनना कितने
आये पहाड़ तेरे राहों में
थकना या रुकना मना है
सागर से मिलन से पहले

साथ खड़े थे जो, एक दिन
अचानक छोड़ जाएँगे
वायदे किए थे जो, याद रख,
पल में तोड़ जाएँगे

न कहना साथ रहो कुछ देर,
न डरकर कभी टूटना है
उठकर फिर से चल सको तो
वह उत्तर समझ जायेंगे
●●●

**डॉ. पदारविन्द रथ**, पीएच.डी., पिछले चार दशकों से साहित्य साधना कर रहे हैं। लेखन के माध्यम से अपने सामाजिक दायित्व की पूर्ति हेतु डॉ. रथ निरन्तर सारस्वत साधना में प्रयत्नशील हैं। उनका जन्म ओड़िशा के जाने-माने स्वतंत्रता सेनानी, लेखक तथा समाज सुधारक पंडित गोविन्द रथ जी के परिवार में हुआ है। विभिन्न सामाजिक समस्याओं पर उनके कई आलेख राष्ट्रीय एवं अंतर्राष्ट्रीय पत्रिकाओं में प्रकाशित हो चुके हैं। भारत सरकार की गृह मत्रालय में एक समर्पित अधिकारी के रूप में उन्हें दो बार राष्ट्रपति पदक से सम्मानित किया गया है। दिल्ली में रहतें हैं।

# ଲେଡ଼ିଜ୍ ହଷ୍ଟେଲ


**ମହୁଆ ମଲ୍ଲିକ (ମୂଳ ବଙ୍ଗଳା)**

**ସବିତା ବାରିକ ରାଉତ (ଅନୁବାଦ)**



SRUJAN The Creativity Journal

Srujan ISSN 2976-9329


(ଏକ)

ଦୂରରୁ ବିନା ଚିନିରେ ଗୋଟେ ଚା' କପ୍‌ର ଅର୍ଡ଼ର ଦେଇ ସୁଜିତ ବାବୁ ଭିଡ଼ ଠେଲି ଦୋକାନ ଭିତରକୁ ପଶିଗଲେ । ଟିକେ କଣେଇ ଚାହିଁ ଦେଖିଲେ ଭିତରେ ଏକଦମ୍ ମାଛହାଟ ବସିଯାଇଛି । ସମସ୍ତଙ୍କ ମୁହଁରେ ସେଇ ଗୋଟିଏ ଆଲୋଚନା । ବଜାରରେ କଥାଟା ତାଙ୍କ କାନରେ ପଡ଼ୁପଡ଼ୁ ପାଖ ଘରର ଦଉଦର ସାନପୁଅ ହାତରେ ପରିବାବ୍ୟାଗଟା ଘରକୁ ପଠେଇଦେଇ ସେ ସାଙ୍ଗେ ସାଙ୍ଗେ ଏଇଠିକୁ ଚାଲି ଆସିଛନ୍ତି । ତାଙ୍କୁ ଦେଖି ପଲ୍ଲବ, ଅମ୍ଳାନ, ରାଜୁ ପ୍ରଭୃତି ଏକଦମ୍ ହଡ଼ବଡ଼େଇ ଯାଇ ବସିବା ଥାନରୁ ଉଠିପଡ଼ିଲେ । ରାଜୁ କାଠ ବେଞ୍ଚରୁ ଉଠିଯାଇ ତାଙ୍କ ପାଇଁ ଜାଗା କରିଦେଲା । ଅମ୍ଳାନ ତାଙ୍କ ସାମ୍ନା ସାମ୍ନି ବସି ପ୍ରଶ୍ନ କଲା, "କାକୁ..... ସବୁ ଶୁଣିଲେ ତ ?"

ସେଇକଥା ତ ଶୁଣି ଚାଲିଆସିଛନ୍ତି ସୁଜିତ ବାବୁ । କେବଳ ଶୁଣିଛନ୍ତି ନୁହେଁ ଘଟଣାସ୍ଥଳରେ ଗୋଟିଏ ଚକ୍କର ମଧ ମାରି ଆସିଛନ୍ତି । କିନ୍ତୁ କିଛି ବୁଝିପାରିଲେ ନାହିଁ । ବନ୍ଦ ହୋଇଥିବା ଗେଟ ଭିତରେ କଣ ସବୁ ହେଉଛି ସେ କଥା ସେ ଜାଣିବେ ବା କେମିତି ? ତାଙ୍କ ମନର ଭାବନାକୁ ମନ ଭିତରେ ରଖି ସେ ସେଇ ପିଲାମାନଙ୍କୁ ପଚାରିଲେ, "ବଜାରରେ ଗୋଟିଏ ଅଧେ କଥା ମୋ କାନରେ ପଡ଼ିଯିବାରୁ ସାଙ୍ଗେସାଙ୍ଗେ ଏଠିକୁ ଚାଲିଆସିଲି । ମୁଁ ଜାଣେ ତୁମେ ସବୁ ଏଇଠି ଥିବ । ହଉ, ପିଲାମାନେ ମୋତେ ଆଗ କହିଲ କେସ୍‌ଟା ପ୍ରକୃତରେ କ'ଣ ?"

ଏତେ ସମୟ ଧରି ରାଜୁ କେବଳ ସୁଯୋଗ ଅପେକ୍ଷାରେ ହିଁ ଥିଲା । ପ୍ରଶ୍ନଟା ସୁଜିତ ବାବୁଙ୍କ ମୁହଁରୁ ବାହାରୁ ବାହାରୁ ସାଙ୍ଗେସାଙ୍ଗେ କହିଲା, "ସେନ ଜେଠୁଙ୍କୁ ସେତେବେଳଠାରୁ ପଚାରି ଚାଲିଛି, ସେ ସବୁକିଛି ଜାଣନ୍ତି କିନ୍ତୁ କିଛି କହୁନାହାଁନ୍ତି । ବିଲେ କହୁଥିଲା ମର୍ଣ୍ଣିଂ ୱାକ ସାରି ଫେରିଲା ବେଳକୁ କଥାଟା ପ୍ରଥମେ ପଡ଼ିଥିଲା ସେନ ଜେଠୁଙ୍କ ଆଖିରେ ।"

ଜିଜ୍ଞାସୁ ଦୃଷ୍ଟିରେ ସୁଜିତ ବାବୁ ବି ମି. ସେନଙ୍କ ଆଡ଼କୁ ଚାହିଁଲେ । ସେନବାବୁ ଦେଖିଲେ ଏଇନା କଥାଟା ବାହାର କରିବାକୁ ହିଁ ପଡ଼ିବ । ସୁଜିତ ବାବୁଙ୍କ ପାଖରୁ ନ ହେଲେ ମୁକ୍ତି ନାହିଁ । ପେଟ ଭିତରୁ କଥା ବାହାର କରିବାକୁ ତାଙ୍କ ଭଳିଆ ଆଉ କେହି ନାହାନ୍ତି ।

ଟିକେ ଗଳା ଝାଡ଼ି ବାଧ ହୋଇ ଆରମ୍ଭ କଲେ । "ସେଇ ଯେଉଁ ଉଚ୍ଚ ପାଚେରିଘେରା ବଡ଼ ଜମିଟା ଅଛି ନା, ଯେଉଁ ଗେଟ ବାହାରେ 'ସାଇଟ ଫର ଅମକ କଲେଜ' ଲେଖା ହୋଇଥିବା ବୋର୍ଡ଼ ଝୁଲୁଛି ?" ଏତିକି କହିଦେଇ ସେଠି ଉପସ୍ଥିତ ସମସ୍ତଙ୍କ ମୁହଁ ଉପରେ ଗୋଟିଏ ନଜର ବୁଲେଇ ଆଣିଲେ ଏଇୟା ଜାଣିବା ପାଇଁ ଯେ ସମସ୍ତଙ୍କ ମୁହଁରେ କୌତୂହଳ ସୃଷ୍ଟି ହେଲାଣି କି ନାହିଁ ! ପିଲାମାନଙ୍କ ଦଳ ଆଁ କରି ଅନେଇଥିଲେ ପ୍ରତ୍ୟକ୍ଷଦର୍ଶୀଙ୍କ ମୁହଁରୁ କିଛି ଶୁଣିବାର ଆଶା ନେଇ । ଭିଡ଼ ଯେତିକି ବଢୁଥିଲା ହାଟୁର

ବ୍ୟସ୍ତତା ସେଇ ଅନୁପାତରେ ବଢ଼ି ଚାଲିଥିଲା । ଗରମ ଗରମ ଚା'ର ଗ୍ଲାସ ସମସ୍ତଙ୍କ ହାତକୁ ବଢ଼େଇ ଦେଉଥିଲା । ସକାଳ ପାଖରୁ ବିକ୍ରିବଟା ଆଜି କିଛି ମନ୍ଦ ହେଉନାହିଁ । ହାରୁ ଆଖିରେ ଥିଲା ଖୁସିର ଝଲକ ।

"ତାପରେ ?" ସୁଜିତବାବୁ ତାଗିଦ କଲେ ।

"ହଁ, ସେତେବେଳେ ଭୋର ଆଲୁଅ ବି ଠିକ ଭାବରେ ଆସିନଥିଲା । ଫର୍ଚ୍ଚା ଦିଶୁନଥିଲା କିଛି । ଦଳେ ଲୋକଙ୍କୁ ଗେଟ ବାହାରେ କଥାବାର୍ତ୍ତା ହେଉଥିବାର ଦେଖି ମୁଁ ଛିଡ଼ା ହୋଇଗଲି । ସେମାନଙ୍କ ଭିତରୁ ଜଣେ ଦୁଇଜଣ ଲୋକ ଜଙ୍କ ଲଗା ତାଲାଟାକୁ ଖୋଲିବା ପାଇଁ ଚେଷ୍ଟା କରୁଥିଲେ । ମୋତେ ଦେଖି ମ୍ୟାନେଜର ପିଲାଟି ଆଗକୁ ଆସିଲା । ତା ସହିତ କଥା ହୋଇ ଜାଣିଲି ଯେ ଆଜିକାଲି ଆଉ ଟିଚର୍ସ ଟ୍ରେନିଂ କଲେଜ ସେତେ ଲାଭଦାୟକ ବେପାର ହୋଇରହିନାହିଁ । ସେଥିପାଇଁ ମାଲିକ ଏଠି ଝିଅମାନେ ରହିବା ପାଇଁ ଘର ତିଆରି କରିବା ପାଇଁ ଚାହାଁନ୍ତି । ଆଜିଠାରୁ ହିଁ କାମ ଆରମ୍ଭ ହେବ । ଯନ୍ତ୍ରପାତି ବି ସବୁ ଆସିଯାଇଛି ।

ପଲ୍ଲବ, ରାଜୁ ଓ ଆହୁରି କେତେଜଣ ଏକା ସଙ୍ଗେ ପାଟିକରି କହିଲେ, "ତା'ମାନେ, ଲେଡିଜ୍ ହଷ୍ଟେଲ ?" ସୁଜିତ ବାବୁ ଲକ୍ଷ୍ୟ କଲେ ସମସ୍ତଙ୍କ ଆଖିରେ ଯେମିତି ହଜାର ୱାଟ୍‌ର ବଲ୍‌ବ ଜଳିଉଠିଲା । ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ନିଜ ଛାତିରେ ହାତ ରଖି ଦେଖିଲେ ତାଙ୍କ ବୟସ୍କ ହୃତପିଣ୍ଡଟା ଆଜି ଯେମିତି ଟିକେ ଜୋରରେ ଧକ୍‌ଧକ୍ କରୁଛି ।

## (ଦୁଇ)

ସକାଳୁ ସକାଳୁ ଦୋକାନରେ ପୁଅକୁ ଦେଖି ହାରୁ କାବା ହୋଇଗଲା । ମୁହଁରେ କିଛି ନ କହି ଗ୍ରାହକଙ୍କୁ ଚା' ବଢ଼ଉ ବଢ଼ଉ ପୁଅର ହାବଭାବକୁ ଲକ୍ଷ୍ୟ କଲା । ଅବାଧ ବୀରୁ ଆଜି କିଏ ଯେମିତି ଜାଦୁ କରିଦେବା ପରି ତଳକୁ ମୁହଁ କରି ଦୋକାନକୁ ଆସି ବାପ ସାଙ୍ଗରେ ହାତକୁ ହାତ ମିଳାଇ କାମରେ ଲାଗିଯାଇଛି । କେତେ ଥର ତା ମା' କହେ, "ରୋଗ ଯନ୍ତ୍ରଣାରେ ଲୋକଟା କଷ୍ଟ ପାଉଛି । ମଝିରେ ମଝିରେ ଯାଇ ଟିକେ ଦୋକାନରେ କାମ କରନ୍ତୁନି ?" କିନ୍ତୁ, ବୀରୁ ତା ମା' କଥାକୁ କାନ ଦେଲେ ତ !

ବେଶୀ ସମୟ ଅପେକ୍ଷା କରିବାକୁ ପଡ଼ିଲାନି । ଭିଡ଼ ଟିକେ କମିଯିବା ମାତ୍ରକେ ହିଁ ପୁଅ ତା ମୁଣ୍ଡର ବାଳକୁ ସଜାଡ଼ି ଦେଇ ଆସି ବାପ ପାଖରେ ଛିଡ଼ା ହେଲା । ୟାଡୁ ସାଡୁ କିଛି କଥା କହିସାରିବା ପରେ ଅସଲ କଥା କହିବାକୁ ଚେଷ୍ଟା କରି କହିଲା, "ବାବା ମୁଁ ଭାବୁଛି 'ଶ୍ରୀମୟୀ ଆବାସ' ସାମ୍ନାରେ ଥିବା ଜାଗାରେ ଗୋଟିଏ ଚା' ଦୋକାନ ଦେବି । ତା ସହିତ ଟୋଷ୍ଟ, ଆମ୍‌ଲେଟ୍ ଇତ୍ୟାଦିର ବ୍ୟବସ୍ଥା ମଧ୍ୟ ରହିବ ।"

'ଶ୍ରୀମୟୀ ଆବାସ' ନାଁଟା ଶୁଣି ହାରୁ ପ୍ରଥମେ ଚମକି ପଡ଼ିଲା । କାରଣ ବୀରୁ ବାର କ୍ଲାସ ପାସ୍ କରିଥିବା ପିଲା । ଠିକ୍ ନାଁଟା ଠିକ ଭାବରେ ଉଚ୍ଚାରଣ କରିବ । ଆଉ ପାଞ୍ଚଜଣଙ୍କ ପରି 'ଲେଡିଜ୍ ହଷ୍ଟେଲ' ବୋଲି କହିବ ବା କାହିଁକି?

ପ୍ରସ୍ତାବଟା ମନ୍ଦ ନୁହେଁ । ଅତନୁ, ବିଲେ ଇତ୍ୟାଦି ସମସ୍ତେ ତ ତା ସାମ୍ନା ଜାଗାରେ ଗୋଟାଏ କ୍ଲବ କରିଦେଇ ବସିଯାଇଛନ୍ତି । ଦିନରାତି ସେଠି କ୍ୟାରମ୍ ମାଡ଼ ଚାଲିଛି । ତା ସହିତ ଲେଡିଜ୍ ହଷ୍ଟେଲକୁ ନେଇ ତାଙ୍କର ପ୍ରକାର ପ୍ରକାରର କଳ୍ପନା-ଜଳ୍ପନା ବି ଚାଲିଛି । ରାମଚନ୍ଦ୍ର କହୁଥିଲା ତା ପୁଅ ଦୀନେଶର ବି ଆଉ ମୁଣ୍ଡ କାମ କରୁନାହିଁ । ପୁଅଟା ତାର ଅସ୍ଥାୟୀ ଲଣ୍ଡ୍ରୀଟାକୁ ନିଜ ଦାୟିତ୍ୱରେ ନେବାପାଇଁ ଚାହୁଁଛି । ଅନେକ ଦିନରୁ ରାମଚନ୍ଦ୍ର ବିହାରରେ ଥିବା ତା ଗାଁକୁ ଫେରିଯିବା ପାଇଁ ଅପେକ୍ଷା କରି ରହିଛି । ବୟସ ବି ଖୁବ ହୋଇଗଲାଣି ତା'ର । ଗାଁକୁ ଯାଇ ବିଲବାଡ଼ି ଦେଖି ବାକି ଜୀବନଟା କାଟିଦେବାକୁ ତା'ର ବହୁତ ଇଚ୍ଛା । କିନ୍ତୁ ପୁଅଟା ଅନ୍ୟ ପ୍ରକାରର । ବ୍ଲାକ୍‌ରେ ଟିକେଟ ବିକ୍ରି କରିବା ଛଡ଼ା ଆହୁରି ଅନେକ କିଛି କରେ ଯାହାର ଟେର୍ କେହି ପାଆନ୍ତିନାହିଁ । ପୁଅର ଏ ପ୍ରକାର ଲାଭଜନକ ବେପାର ଦେଖି ବେଳେବେଳେ ତା'ର ବି ମନଟା ରହିଯାଏ । ଆଉ ଗାଁକୁ ଯିବାକୁ ମନ ହୁଏ ନାହିଁ । କିନ୍ତୁ ଏତେ ଦିନ ପରେ ଦୀନେଶ ଦାୟିତ୍ୱ ନେବାପାଇଁ ଚାହୁଁଛି । ଏ ତ ଅତି ଆନନ୍ଦର କଥା !

ହାରୁ ଦେଖୁଥିଲା ପୁଅ ତା'ର, ତା'ଠାରୁ ଉତ୍ତର ଆଶାରେ ତା ମୁହଁକୁ ଅନେଇ ରହିଛି । ସେ କହିଲା, "ଦେଖିବା କଣ କରାଯାଇପାରିବ । ପାର୍ଟିର ଭାଇମାନଙ୍କର ଟିକେ ଖାଇବା ପିଇବାର ବ୍ୟବସ୍ଥା କରିଦେଲେ ଲାଗୁଛି ଲାଇନଟା କ୍ଲିୟର ହୋଇଯିବ । ଆଉ କିଏ ବା ଏ କଥା ନ ଜାଣିଛି ଯେ, ଥରେ ଜବରଦଖଲ ହୋଇଗଲେ ସେ ଜାଗାରୁ ଉଚ୍ଛେଦ କରିବା ପାଇଁ ଭୂତଙ୍କ ବାପାର ବି ସାଧ ନାହିଁ ।

ବାବା ପାଖରୁ କଥା ଆଦାୟ କରି ସାଇକେଲଟି ଧରି ବୀରୁ 'ଶ୍ରୀମୟୀ ଆବାସ' ନିକଟକୁ ଚାଲିଗଲା ଗୋଟିଏ ଚକ୍କର ମାରି ଆସିବା ପାଇଁ । ଦୀନେଶ ସାଙ୍ଗରେ ବି ତା'ର ଦେଖା ହୋଇଗଲା । ସେ ଆଖି ବଡ଼ ବଡ଼ କରି କହିଲା, "ବୀରୁଦା, କେତେ ଯେ ଆଲତୁ ଫାଲତୁ ଜିନିଷ ସବୁ ଗଦା ହୋଇଥିଲା ତା'ର ସୀମା ନାହିଁ । ଟ୍ରକ ବୋଝେଇ କରି କେବଳ ଖଲାସ କରିବା ପାଇଁ ନେଇ କି ଯାଉଛି । ମୂଳଦୁଆ ଖୋଳା ଆରମ୍ଭ ହୋଇଗଲାଣି । ମ୍ୟାନେଜର ପିଲାଟି ସହିତ ଏ ଇଲାକାର ଅନେକ ଜଣଙ୍କର ଭଲ ସେଟିଂ ହୋଇଗଲାଣି । ଅତନୁ ଦା'ର ଭାଇକୁ ସିକ୍ୟୁରିଟି ଗାର୍ଡ଼ର କାମ ଦେବ ବୋଲି କହିଛି । ମୋତେ ବି କହୁଥିଲା । ମୁଁ କିନ୍ତୁ ମନା କରିଦେଲି ।

"କାହିଁକି ?" କଲେ ତ ତୁ ସେ କାମ କରିପାରିବୁ ! ସିଫ୍‌ଟ ଡ୍ୟୁଟି ସହିତ ତୋ ଲଣ୍ଡ୍ରୀ ବି ଧମାଧମ ଚାଲିବ ।"

"ନାଁ ବୀରୁଦା, ସେ ସବୁ କାମରେ ବହୁତ ଅସୁବିଧା ଅଛି । ତା'ଛଡ଼ା ମୋର ଅନ୍ୟ ପ୍ଲାନ ଅଛି", ବୋଲି କହି ଦୀନେଶ ଆଖି ମିଟିକା ମାରିଲା ।

"ଆଉ ପୁଣି କି ପ୍ଲାନ୍ ?"

ଲଣ୍ଡ୍ରୀ ସାଙ୍ଗରେ ମୁଁ ଆଉ ଗୋଟିଏ ଜିନିଷ ବି ରଖିବି । ଏସବୁ ଜିନିଷର ହେଭି ଡିମାଣ୍ଡ । ବୁଝିଲ ତ ? ମାସରେ ଥରେ, ଶଳା ସବୁ ସୁନ୍ଦରୀଙ୍କୁ ଏଇ ଦୀନେଶ ଶର୍ମା ପାଖରେ ଛିଡ଼ା ହେବାକୁ ହିଁ ପଡ଼ିବ ।" ନିଜର ରସିକତାରେ ନିଜେ ହିଁ ହୋ ହୋ ହୋଇ ହସିଲା ।

ତାପରେ ବୀରୁର ଚିନ୍ତିତ ମୁହଁକୁ ଅନେଇ କହିଲା, "ବୁଝିପାରିଲନି ତ? ଆରେ ନାପକିନ୍ ... ନାପକିନ୍ ... ଷ୍ଟେ'ଫ୍ରି, .... ନାଁ କଣ କେବେ ଶୁଣିନାହଁ ?" ତା'ପରେ ନିଜକୁ ନିଜେ କହିବା ଭଳି କହିଲା, "ଆଉ ଗୋଟିଏ ପ୍ଲାନ ଅଛି । ବାପା ଗାଁକୁ ଚାଲିଗଲା ପରେ ଟଙ୍କା ଜମା କରି ଗୋଟିଏ ଦୋକାନ ଦେବି, ଲଣ୍ଡ୍ରୀ ରଖିବି ଆଉ ନାପକିନ ବି ରଖିବି । ଆଉ ତା ସହିତ ରହିବ ଝିଅପିଲାମାନଙ୍କର ସବୁ ଦରକାରୀ ଜିନିଷ । ଚାନ୍ଦିନୀଚୌକରେ ବୁଲିବୁଲି ମୁଁ ସବୁ ଜିନିଷ ଦେଖିଆସିଛି । କେତେ ପ୍ରକାର ଜିନିଷ ସବୁ ଅଛି କ'ଣ କହିବି ବୀରୁଦା ! ପ୍ରଜାପତି ଭଳି ଜୋଡ଼ିଶଙ୍ଖ ଭଳି ପୁଣି ନାଲି, ଧଳା, କଳା, ଛିଟ, ସବୁ ପ୍ରକାରର ସବୁ ସାଇଜର ବତିଶ ... ଚଉତିରିଶ ... ଛତିଶ...!

'ଶ୍ରୀମୟୀ ଆବାସ'ର ଗେଟ ଆଡ଼କୁ ଅନେଇ ସ୍ୱପ୍ନର ଜାଲ ବୁଣୁଥାଏ ଦୀନେଶ । ମୁଣ୍ଡ ଉପରେ ଚକଚକ କରୁଥାଏ ମଧ୍ୟାହ୍ନର ସୂର୍ଯ୍ୟ ।

## (ତିନି)

କ୍ଲବ୍‌ର ସେକ୍ରେଟାରୀ ଅତନୁଦା 'ଶ୍ରୀମୟୀ ଆବାସ'ର ବନ୍ଦଗେଟ ଆଡ଼କୁ ଗୋଟିଏ ଦୃଷ୍ଟିରେ ଚାହିଁ ରହିଥିଲା । ମୁଣ୍ଡ ଭିତରେ ସ୍ୱରଚିତ ନାଟକର ସ୍କ୍ରିପ୍ଟରେ ଆଉ କିଛି ଯୋଡ଼ିହେବ କି ନାହିଁ ଭାବୁଥିଲା । ଏଠାର ବସନ୍ତ ଉତ୍ସବରେ ଷ୍ଟେଜ ଫଟେଇ ଦେବାକୁ ହେବ । ଏଇନା ତ ଅନେକ ସମୟ ଅଛି, ସେଥିପାଇଁ ସେତିକି ଦିନ ଭିତରେ 'ଶ୍ରୀମୟୀ ଆବାସ'ର ଘରଗୁଡ଼ାକ ତନ୍ୱୀ, ସୌନ୍ଦର୍ଯ୍ୟବତୀ, ସୁଗନ୍ଧା ନାରୀମାନଙ୍କ ଦ୍ୱାରା ଭରିଯାଇଥିବ ।

ଡିରେକ୍ଟର ଅତନୁ ସାନ୍ୟାଲ ନିଜେ ଯିବ 'ଶ୍ରୀମୟୀ ଆବାସ'କୁ ଆଉ ଝିଅମାନଙ୍କୁ ରାଜି କରାଇବ ତାଙ୍କ ନାଟକରେ ଅଂଶଗ୍ରହଣ କରିବା ପାଇଁ । ନାରୀ-ପ୍ରଧାନ ନାଟକ । ଅନେକ ଝିଅଙ୍କର ଆବଶ୍ୟକତା ପଡ଼ିବ । ତାର ବିଶ୍ୱାସ ସେ ଝିଅମାନେ କେହି ତାକୁ ମନା କରିବେ ନାହିଁ । ତା'ର ଚେହେରାଟା ବି ତ ଚମତ୍କାର, ଠିକ ହିରୋଙ୍କ ପରି । ସେ ନାଟକର ନାୟକ ହେବାକଥା ଶୁଣିଲେ ଝିଅମାନଙ୍କ ଭିତରେ ବେଶ ପ୍ରତିଦ୍ୱନ୍ଦିତା ଲାଗିଯିବ । ସିଗାରେଟର ଗୋଟିଏ ଲମ୍ବା କସ୍‌ର ନେଇ ବନ୍ଦ ଗେଟ ଆଡ଼କୁ ଅନେଇ ରହିଥିଲା ଅତନୁ ସାନ୍ୟାଲ । ବଡ଼ ଗେଟଟା ତାକୁ ଦେଖାଗଲା ଅନ୍ଧକାର ଭିତରେ ଗୋଟିଏ ଜଏ ସ୍କ୍ରିନ ପରି । ଅତନୁ ମୁଗ୍‌ଧ ହୋଇ ହସୁଥିଲା ।

ଆଜି ସକାଳ ପାଖରୁ 'ଶ୍ରୀମୟୀ ଆବାସ'ରେ ବ୍ୟସ୍ତତା ଥିଲା ଆଖିରେ ପଡ଼ିବା ଭଳି । ଗୋଟିଏ ଗୋଟିଏ ଗାଡ଼ି ଆସୁଥିଲା ଆଉ ଭିତରକୁ ଯାଉଥିଲା । ଗେଟର ଏ ପାଖରେ ଥିବା ମଣିଷଙ୍କର ହା ହୁତାଶ ବଢ଼ି ଚାଲିଥିଲା । କିଏ ଜଣେ କହିଲା, ଆଜି ଗୃହ ପ୍ରବେଶ । କଥାଟା ଶୁଣି ମନ ଟିକେ ହାଲୁକା ଲାଗୁଥିଲା ଯାହା !

ସୁଜିତ ବାବୁ ଗତ କେତେମାସ ହେଲାଣି ମି. ସେନଙ୍କ ଦଳରେ ନାମ ଲେଖାଇଛନ୍ତି । ନିୟମ କରି ମର୍ଣ୍ଣିଂ ୱାକ ପାଇଁ ବାହାରୁଛନ୍ତି । ଆଜି ତ ସେଇ ସକାଳ ପାଖରୁ ବୀରୁର ଚା' ଦୋକାନରେ ବସିଛନ୍ତି । ଆଜିକାଲି ବୀରୁ ଦୋକାନରେ ଭିଡ଼ ଦେଖିଲା ଭଳିଆ । କିନ୍ତୁ ଏତେ ସମୟ ବସିରହି ବି କିଛି ସେମିତି

ସୁବିଧା ପାଇପାରିଲେନି । ସେପଟକୁ ଅନେଇ ଦେଖିଲେ ଫୁସ୍‌ଫାସ୍ ଆହୁରି ବଢ଼ିଯାଇଥିଲା । କିଛି ସମୟ ପରେ ଗୋଟିଏ ଗୋଟିଏ କରି ଯିଏ ଯାହାର ଉଠି ଚାଲିଗଲେ ସେଠାରୁ ।

ଉପରଓଳି ଆହୁରି ଗୋଟିଏ ଚିତ୍ର । ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇ ସେ ଗେଟ ସାମ୍ନାରେ ଆସି ଛିଡ଼ାହେଲା ଗୋଟିଏ ଧଳାରଙ୍ଗର ଛୋଟ ବସ୍ । ତା' ଉପରେ ନୀଳରଙ୍ଗରେ ଲେଖା ହୋଇଥିଲା 'ଶ୍ରୀମୟୀ ଆବାସ' ସମସ୍ତେ ବେଶ ଉତ୍ସୁକତାର ସହ ଅନେଇଥିଲେ । ଦୋକାନ ଭିତରେ ଶବ୍ଦ ବି କମ୍ ହୋଇଗଲା । ଅଧୀର ଆଗ୍ରହରେ ସମସ୍ତେ ଚାହିଁଥିଲେ ବସ୍ ଆଡ଼କୁ । ବସ୍‌ର ଡୋର୍ ଖୋଲିଗଲା । ଧଳାଶାଢ଼ୀ ପରିହିତା ବୟସ୍କା ମହିଳା ଦଳେ ବସରୁ ଓହ୍ଲାଇ ତଳେ ଛିଡ଼ା ହୋଇଗଲେ ।

ବନ୍ଦ ଥିବା ଗେଟଟି ବି ଖୋଲିଗଲା । ରୁଚିସଂପନ୍ନା ଜଣେ ମଧ୍ୟବୟସ୍କା ମହିଳା, ପରିଚାରିକା ଶ୍ରେଣୀର କେତେଜଣ ମହିଳାଙ୍କୁ ନେଇ ଆଗେଇ ଆସିଲେ । ଦୂବ, ଅରୁଆ ଚାଉଳ ଓ ଚନ୍ଦନ ଦେଇ ବରଣ କରି ଖୁବ ମିଠା ସ୍ୱରରେ କହିଲେ "ଆସନ୍ତୁ ମାଆମାନେ, ଆଜିଠାରୁ ଏ 'ଶ୍ରୀମୟୀ ଆବାସ' ଆପଣମାନଙ୍କର ।

କେତେ ସମୟ ହେଲାଣି 'ଶ୍ରୀମୟୀ ଆବାସ'ର ଗେଟ୍‌ଟା ବନ୍ଦ ହୋଇଯାଇଛି । ଭିଡ଼ଟା ବି ଏଇନା ବହୁତ କମ୍ ହୋଇଗଲାଣି । ସମସ୍ତଙ୍କ ଉତ୍ସାହରେ ଯେମିତି ଭଟ୍ଟା ପଡ଼ିଗଲା । ଦୀନେଶ ସାନ୍ୟାଲ କହିଲା, "ଆରେ ବାବା, ଇଏ ତ ବୃଦ୍ଧାଶ୍ରମ !"

ବୀରୁ କଞ୍ଚା ପଇସାର ସ୍ୱାଦ ଚାଖି ସାରିଥିଲା । ମନେ ମନେ ଭାବିଲା, ଏଠି ତା' ଦୋକାନରେ ସେ ଫଳ, କ୍ଷୀର ପ୍ୟାକେଟ, ବିସ୍କୁଟ ପ୍ୟାକେଟ ଇତ୍ୟାଦି ବି ରଖିବ ଏଥର । ବୟସ୍କ ଲୋକମାନଙ୍କର କାମରେ ଲାଗିବ । ଦୀନେଶ ସାନ୍ୟାଲ ବନ୍ଦ ଗେଟ୍ ଭିତର ପାଖକୁ ଅନେଇ ରହିଥିଲା । ପ୍ରଜାପତି, ଯୋଡ଼ଶଙ୍ଖ ଇତ୍ୟାଦି ଯେମିତି ତାକୁ ଘେରି ପକାଇଛନ୍ତି ଆଉ ତା' ଚାରିପାଖରେ ଘୂରି ଘୂରି ଉପରକୁ ଉଡ଼ିଯାଉଛନ୍ତି । ଅତନୁ ସାନ୍ୟାଲ ଗେଟ୍ ଆଡ଼କୁ ଅନେଇବା ପାଇଁ ଭୟ କରୁଥିଲା । ମନେ ମନେ ନୂଆ ନାଟକର ପରିକଳ୍ପନା କରୁଥିଲା କି କ'ଣ, କିଏ ଜାଣିଛି?

●●●

**ଶ୍ରୀମତୀ ସବିତା ବାରିକ ରାଉତ,** ଓଡ଼ିଆ ଅନୁବାଦ ସାହିତ୍ୟରେ ରୁଚି ରଖନ୍ତି । ସେ ଇଂରାଜୀ, ହିନ୍ଦୀ, ମରାଠୀ, ଗୁଜୁରାଟୀ, ବଙ୍ଗଳାରୁ ସିଧାସଳଖ ଓଡ଼ିଆ ଭାଷାକୁ ଅନୁବାଦ କରନ୍ତି । କନ୍ନଡ଼ରୁ ମରାଠୀକୁ ଅନୁବାଦ ହୋଇଥିବା କୃତିଗୁଡ଼ିକୁ ମଧ୍ୟ ସେ ଓଡ଼ିଆରେ ଅନୁବାଦ କରିଛନ୍ତି । ତାଙ୍କର ପ୍ରକାଶ ପାଇଥିବା ସମୁଦାୟ ଏଗାରଟି ପୁସ୍ତକ ମଧ୍ୟରୁ ଦୁଇଟି ନ୍ୟାସନାଲ ବୁକ ଟ୍ରଷ୍ଟ ପ୍ରକାଶ କରିଛି । ସର୍ବଭାରତୀୟ ଅନୁବାଦକ ସମ୍ମିଳନୀରେ ସେ ତିନିଥର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଛନ୍ତି । ସେ କଟକ ଜିଲ୍ଲା ଚୌଦ୍ୱାରଠାରେ ରହନ୍ତି ।

# ଶେଷହୀନ ଆରମ୍ଭ

SRUJAN
The Creativity Journal
Srujan ISSN 2976-9329

## ଯଶୋବନ୍ତ ସେଠୀ

ସେବେଠୁ ମୁଁ ଏକ
ଶେଷ ହେଉନଥିବା ଆରମ୍ଭଠାରେ
ସମୁଦ୍ର ମନ୍ଥନର ରଜ୍ଜୁ ପାଲଟିଛି ।

ଏଠି ପ୍ରତି ମୁହୂର୍ତ୍ତରେ ମତେ ଧରି ଗଳଦ୍‌ଘର୍ମ
ଦୈତ୍ୟ –ଦୈତ୍ୟାରିଙ୍କ ମଧରେ ବଳ କଷାକଷି
ଐ ସା' - ଐ ସା' ଶ୍ରମଜ ଶବ୍ଦର ପୁନରାବୃତ୍ତି
ମହାକାଳ ପାନକରି ଫିଙ୍ଗିଦେଇଥିବା
ପାତ୍ରର ଅବଶିଷ୍ଟ ହଳାହଳ
ଏବଂ ଦୁଇଟି ଆଦିମ ଇଚ୍ଛାର
ଅଚ୍ଛେଦ୍ୟ ଧାବମାନ ରେଖା
ଗତି - ସମାନ୍ତରାଳ ।

ଆମ ଉଭୟ ପକ୍ଷର ଶାନ୍ତି ଓ ନିରବତାର ମହୁଫେଣା
ସେବେଠୁ ବିପର୍ଯ୍ୟସ୍ତ
ଧୈର୍ଯ୍ୟ ପ୍ରତୀକ୍ଷା ସାନ୍ତ୍ୱନା
ପ୍ରେମ ପ୍ରତ୍ୟାଖ୍ୟାନ ଉନ୍ମାଦନା
ସଭିଏଁ ଯେଝା କାର୍ଯ୍ୟରେ ବ୍ୟସ୍ତ
ଏ ଅବେଳରେ ସଂଶୟର ଅଳନ୍ଧୁସବୁକୁ
ଝାଡ଼ିଝୁଡ଼ି ସଫା କରିବାରେ
ବିଚରା ଆଶାର ସମ୍ମାର୍ଜନୀ ସମ୍ପୂର୍ଣ୍ଣ ଅନଭ୍ୟସ୍ତ ।

ଶେଷ ହେଉନଥିବା ସେଇ ଆରମ୍ଭର ବ୍ୟାପ୍ତିକୁ
କେମିତି ଆଉ ବର୍ଣ୍ଣିବି
ସମର୍ପଣ ମୁଦ୍ରାରେ ସ୍ୱର୍ଗକୁ ହାତଟେକି
ପିଣ୍ଡଦାନ କରୁକରୁ ମୁଁ କି
ସେହି ଶେଷହୀନ ଆରମ୍ଭରେ
ଶେଷ ହୋଇଯିବି !

•••

# ଅନ୍ଧାରୀ ବିଜେ

Srujan ISSN 2976-9329

## ଯଶୋବନ୍ତ ସେଠୀ

ମୋ' ପାଇଁ ତମ ସହରର
ସମସ୍ତ ପ୍ରବେଶପଥ ବନ୍ଦ ଥିଲେ ବି
ସଭିଙ୍କ ଅଜାଣତରେ ଅନେକ ଥର
ତମ ଘର ଆଗରେ ଅନାୟାସରେ
ମୁଁ ପହଞ୍ଚି ପାରିଛି ।

ଥିଲାପଣ ନୁହେଁ
ପ୍ରତ୍ୟେକ ଥର ତମର ନଥିଲାପଣ ହିଁ
ତମ ସହରକୁ ମତେ
ବାଟକଢ଼େଇ ନେଇଛି ।

ମୋ'ର ଏକମାତ୍ର ସମ୍ବଳ -
ତୁମ ଅବର୍ତ୍ତମାନରେ ବି
ମୋ'ର ପ୍ରତିଟି ଧମନୀ , ଶିରା ପ୍ରଶିରାରେ
ତୁମ ଥିବାପଣର
ସୂକ୍ଷ୍ମତମ ଅନୁଭବ ।

ପାଇ ତ ନଥିଲି --
ହଜେଇବାର ପ୍ରଶ୍ନ କାହିଁ !
ତମେ ହଜି ଯାଇଥାଇପାର
ମୁଁ କିନ୍ତୁ ହଜେଇ ନାହିଁ ।

ତମ ସହ କେବେବି ଅକସ୍ମାତ
ଭେଟ ହୋଇଯିବାର ଅନିଶ୍ଚିତତା ହିଁ
ତମ ସହରକୁ
ମୋ'ର ଏ ଅନ୍ଧାରୀବିଜେର ପ୍ରତିବଦ୍ଧତା
ନ ମିଳିବାର ଆଶା ରଖି
କାହିଁକି ଖୋଜୁଛି
କେବେ ଯଦି ଦେଖାହୁଏ
କହିବି ସେକଥା ।

●●●

# ପ୍ରେମରେ...

Srujan ISSN 2976-9329

## ଯଶୋବନ୍ତ ସେଠୀ

ପ୍ରେମରେ
ବିରହ ଥାଉ ଅବା ମିଳନ
ଚାଲ ଆମେ ଏଇମିତି
ଯେଉଁ ଜାଗାରେ ଥାଇ
ଆଉ କିଛିଦିନ ଜୀଇଁଯିବା
ଦୁନିଆକୁ ପ୍ରତ୍ୟୟ ଦିଆଇବା
'ମୃତ୍ୟୁ' କେବଳ ସଂଜ୍ଞାହୀନ ନାମଟିଏ
ଜୀବନର ମାନେ ଖାଲି
ଅନ୍ୟ ପାଇଁ ବଞ୍ଚିବା ।

ତମେ ଆଜିକାଲି
ବଡ ଦୁଷ୍ଟ ହେଲଣି
ଆଗୁଆ ସୂଚନା ନଦେଇ
ବେଳେବେଳେ ଧସେଇ ପଶିଆସୁଛ
ମୋ' ନିଶ୍ଚୁପ ବଗିଚା ଭିତରକୁ
ଝଡ଼ ପର ଆକାଶର
ଈଗଲଟିଏ ଭଳି
ପତ୍ର ଝଡ଼ିବା ଶବ୍ଦରେ
ଗଜଲଟିଏ ତୋଳି ।

ହାତଧରି ନେଇଯାଅ
କେଉଁ ଏକ ଅଜଣା ସହରକୁ
ନଭଶ୍ଚୁମ୍ବୀ ଅଟ୍ଟାଳିକା ଯହିଁ
ନିଃଶବ୍ଦତାର ତରବାରିରେ
ଶାଣ ଦେଇ ସଜବାଜ ହେଉଥା'ନ୍ତି
ପରସ୍ପରର ଦୀର୍ଘନିଃଶ୍ୱାସ ନିଃସୃତ
ଅସହାୟ କ୍ଷଣମାନଙ୍କର
ପକ୍ଷ ଛେଦିବାକୁ ।
ସେ ସମୟେ
ଶୋଇବାକୁ ଚାହିଁଲେବି
ଶୋଇହୁଏ ନାହିଁ
ଅଣନିଃଶ୍ୱାସପଣର କୁହୁଡ଼ି ଭିତରେ
ନିଦ ଆସେ
ସ୍ୱପ୍ନ ଆସେ
ସ୍ୱପ୍ନରେ ବି ସ୍ୱପ୍ନ ଦେଖେ
ଏପଟ ସେପଟ ଖାଲି କଡ଼ ଲେଉଟାଇ ।

ଏ ବଞ୍ଚିବା ମରିବାରେ
କି ପାର୍ଥକ୍ୟ ଥାଏ !
ମୁଁ କିନ୍ତୁ ପ୍ରତିଟି ରାତିରେ
ଏଇମିତି ଦରମରା ହୋଇ
ବଞ୍ଚୁ ବଞ୍ଚୁ ମରିବାକୁ ଚାହେଁ ।

●●●

**ଯଶୋବନ୍ତ ସେଠୀ,** ଓ.ଏସ୍.ଏ.ପି. ଅଷ୍ଟମ ବାଟାଲିୟନରେ ଡେପୁଟୀ କମାଣ୍ଡାଣ୍ଟ ଭାବରେ କାର୍ଯ୍ୟରତ । ପାଞ୍ଚଗୋଟି କବିତା ସଂକଳନ ଓ ତିନିଗୋଟି ଗଳ୍ପ ସଙ୍କଳନର ରଚୟିତା । ନିର୍ବାଚିତ ଗଳ୍ପ ଅହମିୟା ଭାଷାରେ 'ରାଗପୁଷ୍ପ'ରେ ଓ ନିର୍ବାଚିତ କବିତା ବଙ୍ଗଳା ଭାଷାରେ 'ଯଶୋବନ୍ତ ସେଠୀର୍ କବିତା'ରେ ପ୍ରକାଶିତ । ପାଖାପାଖି ୧୫ଟି ଓଡ଼ିଆ ଗୀତର ଗୀତିକାର ।

# ଶେଷ ଅକ୍ଷର 'ନା'

SRUJAN
The Creativity Journal
Srujan ISSN 2976-9329

## ବୀଣାପାଣି ପ୍ରଧାନ

ଚଳନ୍ତା ଟ୍ରେନ୍‌ରୁ ସିଗାରେଟ ଧୂଆଁ ଛାଡୁଥିଲା ସୁମନ୍ତ, ଧୂଆଁ ଛୁଟୁଥିଲା ପଛ ବଗିକୁ, ଟ୍ରେନ ଆଗେଇ ଚାଲିଥିଲା, ସୁମନ୍ତ ଭାବୁଥିଲା ଏ ସିଗାରେଟରେ ଆଜିକାଲି ନିଶା କମ୍ ଧୂଆଁ ବେଶୀ । କଟକରୁ ଭୁବନେଶ୍ୱର, ତା'ର ସବୁଦିନର ଅଫିସ ରାସ୍ତା, ସବୁଦିନ ପରି ଆଜି ବି ସେ ଠିଆ ହୋଇଛି ଟ୍ରେନ୍‌ର ଫାଟକ ପାଖରେ । ଏଇଠି ଅନ୍ୟମନସ୍କ ହୋଇ ଚାହିଁ ରହେ ବାହାରକୁ । ତା' ଠୁ ବେଶୀ ଅନ୍ୟମନସ୍କ ତା' ଚାରିପାଖର ପୃଥିବୀ । ନିଜକୁ ପ୍ରଶ୍ନ କରେ ସୁମନ୍ତ କାହିଁକି ଏ ସଞ୍ଜୁଆ ଆକାଶ ଭଲଲାଗେ, ଟୋପାଏ ସିନ୍ଦୂର ବିନ୍ଦୁ, ତା ମଥାରେ ତା ଆଡ଼କୁ ହାତ ଠାରେ, ସେ ଆଖି ଫେରେଇ ପାରେନି ସିନ୍ଦୂରିତ ଦିଗ୍‌ବଳୟରୁ । ଦୁଇଟି ମେସେଜ୍ ଏକାଥରକେ ତାକୁ ଫେରେଇଦେଲେ ଆକାଶରୁ ପୃଥିବୀକୁ । ସେ ଫୋନ୍ ଖୋଲି ଦେଖିଲା ଦୁଇଟି ମେସେଜ୍ । ପ୍ରଥମଟି ଥିଲା ମିତାର । "ଲେଖିଥିଲା ଆଜି ଠୁ ଆଉ ମେସେଜ୍ କରିବନି ।" ଦ୍ୱିତୀୟ ମେସେଜ୍‌ଟି ଥିଲା ସ୍ନିଗ୍ଧାର । ସେଇ ସବୁଦିନର ସମାନ ପ୍ରଶ୍ନ ଆଜି କେତେ ଡେରି ହେବ ? ମିତାକୁ ଉତ୍ତର ଦେବାକୁ ଯାଇ ସ୍ନିଗ୍ଧାକୁ ସେ ପ୍ରଥମେ ଲେଖିଲା, "ହଁ ବେଶୀ ନୁହଁ ।" ସତରେ କଣ ସ୍ନିଗ୍ଧା ତାକୁ ଚାହିଁ ବସିଛି ? ୟେ ଗୋଟେ ବିରାଟ ଜଟିଳ ପ୍ରଶ୍ନ ଭାବି ସେ ଲୋହିତ ଆକାଶକୁ ଦେଖିଲା । ମିତାକୁ ଉତ୍ତରରେ ଲେଖିଲା – ଗୋଟେ ପ୍ରଶ୍ନବାଚୀର ଇମୋଜୀ; ସେ ଜାଣିଚି ମିତା ୟା ଉତ୍ତର ଆଉ ଲେଖିବନି । ସେମିତି ଟାଇପିଙ୍ଗ ଷ୍ଟାଟସରେ ସେ ରହିଯିବ, କ'ଣ ଉତ୍ତର ଲେଖିବ ଭାବି ନପାରି ।

ଏଥର ସୁମନ୍ତ ଘଣ୍ଟା ଦେଖିଲା, ସେ ୪୫ମିନିଟ ଲେଟ୍ ଚାଲିଛି । ତା'ର ଘରେ ପହଞ୍ଚିବା କ୍ଷଣି ଅନଲାଇନ ମିଟିଂ ଅଛି । ଏବେ ସେଇଚିନ୍ତା ଘାରିଲା ସୁମନ୍ତକୁ, କ'ଣ ଏ ଯାଏଁ ସେ ପଟିଆ ଷ୍ଟେସନରେ ପହଞ୍ଚିଛି । ଆହୁରି ୧୫ମିନିଟ ତାକୁ ଲାଗିଯିବ ଅନ୍ତତଃ ! ସୁମନ୍ତ ବ୍ୟସ୍ତହୋଇ ଘଣ୍ଟା ଦେଖିଲା, ମୋବାଇଲରେ ଟାଇମ୍‌କୁ ଚାହିଁଲା । ତା'ର ଏମିତି ମିଟିଂରେ ଲେଟ୍ ହେବ । ଏଇଟା ତ ଏକରମକ ନିଶ୍ଚିତ ହୋଇଗଲାଣି ଏଇ କିଛି ଦିନ ହେବ ।

ସ୍ନିଗ୍ଧା ଜୀବନରେ ବି, ସେ ଏମିତି ଲେଟ୍‌ରେ ପହଞ୍ଚିଛି । ସେ ଏକଥା କାହାକୁ କହିବ ? ଜୀବନର ସମୟସୀମା ପାଇଁ କୋଉ ଟ୍ରେନ ଧରିଲେ ଠିକ ସମୟରେ ଉଚିତ ଷ୍ଟେସନରେ ପହଞ୍ଚେ ଏକଥା କିଏ କହିବ ? ସେ ଯେମିତି ସ୍ନିଗ୍ଧା ଷ୍ଟେସନରେ ପହଁଚିଲା ବେଳକୁ ଅନେକ ଫେରିସାରିଥିଲେ ,ସ୍ନିଗ୍ଧା ଏ କଥା ନିଜେ ହିଁ ସ୍ୱୀକାର କରିଥିଲା, ତା' ପୂର୍ବତନ ପ୍ରେମିକ କଥା ସେ ନିଜେ ହିଁ କହିଥିଲା ବାହାଘରର ପର ରାତିରେ । "ସେ ଆଳାପକୁ ଭଲପାଏ, ବହୁତ ଭଲପାଏ, ଆଳାପ ବୁଝିଲେନି, ହାତ ଛାଡ଼ି ତାଙ୍କ ବାଟରେ ଚାଲିଗଲେ ।" ଆଖିରେ ଆଖିଏ ଲୁହ ନେଇ ସେ ଚାହିଁଥିଲା ସୁମନ୍ତକୁ । ସୁମନ୍ତ ତା ଆଖିରୁ ଲୁହ ପୋଛି କହିଥିଲା, "ଭୁଲିଯାଅ, ଏବେ ମୋତେ ଭଲପାଇ ଦେଖ ।" ଆଳାପକୁ ଭୁଲିବାକୁ ଯାଇ ସ୍ନିଗ୍ଧା ସୁମନ୍ତ ଛାତିରେ ମୁଣ୍ଡ ରଖି ସାନ୍ତ୍ୱନା ମାଗିଲା । ସୁମନ୍ତ ଛାତିରେ ଭିଡ଼ି ଧରିଲା ସ୍ନିଗ୍ଧାକୁ, ସୁମନ୍ତ

ସତେ କି କହୁଥିଲା – ବୁଝିଲ ପ୍ରେମ କେମିତି ଦେହରୁ ଦେହକୁ ଚରିଯାଏ । ଏଇ ହେଉଛି ପ୍ରକୃତ ପ୍ରେମ, ସ୍ନିଗ୍ଧାକୁ ସୁମନ୍ତ ଏଇ ପ୍ରେମ ବୋଲି ବୁଝେଇପାରିଛି ଜାଣି ବେଶ୍ ଖୁସିହେଲା । ଏଥର ସ୍ନିଗ୍ଧା ବି ପ୍ରକୃତ ପ୍ରେମ ମନରୁ ଦେହକୁ କି ଦେହରୁ ମନକୁ ସଞ୍ଚରିଯାଉଥିବା ଏକ ଉତ୍ତେଜନା, ଏଇ ଦ୍ୱନ୍ଦ୍ୱରେ ସୁମନ୍ତର ପ୍ରେମ ଖୋଜିହେଲା । ଏଇ ଦ୍ୱନ୍ଦ୍ୱରେ ଦୁହେଁ ସୁଖୀ ହେଲେ, ଘର ସଂସାର ଗଢିଲେ । ନିଜେ ନିଜକୁ ବୁଝୁନବୁଝୁ ପରସ୍ପରକୁ ବୁଝିବାକୁ ଝୁଣ୍ଟୁନଥିଲେ । ଏଇମିତି ହେଇହେଇ ଏଇ ଦଶବର୍ଷର ଗୃହସ୍ଥ ।

ସୁମନ୍ତ ଏତକ ଭାବନାରେ ବାଣୀବିହାର ଟପିସାରିଲାଣି । ସ୍ନିଗ୍ଧା ତାକୁ ଭଲପାଏ ଆଳାପଠୁ ବେଶୀ ଭଲପାଏ, ଏକଥା ଦଶବର୍ଷ ତଳେ କହିଥିଲା । ଆଳାପ ଏଇଠି ବାଣୀବିହାରରେ ରୁହେ, ସ୍ନିଗ୍ଧା ତାକୁ ଆଉ ଭଲପାଏ କି ନା ସେକଥା ସେ ଏବେ ଜାଣିନି । ସୁମନ୍ତ ଏଥର ମୁହଁରେ ରୁମାଲ୍‌ରେ ଥରେ ପୋଛି ପକେଟ୍‌ରେ ରଖିଲା । ଝାଳ ସହ ବିନ୍ଦୁଏ ଦୁଃଖ ଯେମିତି ରୁମାଲ୍‌ରେ ତିନ୍ତିଗଲେ ଏକା ସାଙ୍ଗରେ । ପାଣି ପିଇ ଷ୍ଟେସନ ଆଡ଼କୁ ଚାହିଁରହିଲା । ବାଣୀବିହାର ନାଁ ଶୁଣିଲେ ତାକୁ ଆଜି ବି ଭାରିଭାରି ଲାଗେ ,ସେଇଠି ଆଳାପ ରୁହେ ମନେ ପଡ଼ିଲେ ମନ ଉଚ୍ଚାଟ ହୁଏ ତା ବିଷୟରେ ଅଧିକ ଜାଣିବାକୁ । ସବୁ ପୁରୁଷମାନେ ତା' ଭଳି ଜୀବନ ସାରା ସ୍ତ୍ରୀକୁ ସନ୍ଦେହ କରନ୍ତି, ନା ସବୁ ସ୍ୱାମୀମାନେ ତା' ଭଳି, ନିଜର ପାରିବାପଣକୁ ସ୍ତ୍ରୀର ପୂର୍ବତନ ପ୍ରେମିକ ସହ କଳୁଥାନ୍ତି ଜୀବନ ତମାମ, ନିଜର ଶ୍ରେଷ୍ଠତ୍ୱ ଦେଖାନ୍ତି ନିଜ ଅସୁରକ୍ଷିତ ମନକୁ ବୁଝେଇଦେବାକୁ ଥରକୁ ଥର । କଥାରେ କଥାରେ ଅଳ୍ପ ଧାସ ଦେଇ ସୁମନ୍ତ ସେଇଥି ପାଇଁ ସ୍ନିଗ୍ଧାକୁ କୁହେ, "କ'ଣ ପାଇଥାନ୍ତା ସେଇଟାକୁ ବାହା ହୋଇଥିଲେ ! ସେ କ'ଣ ମୋ ଭଳି ତୁମକୁ ସୁଖୀ ରଖିପାରିଥାନ୍ତା ?" ସ୍ନିଗ୍ଧା ଆଗରେ ସୁମନ୍ତ ତା' ପାରୁ ପର୍ଯ୍ୟନ୍ତ ପାରିବାପଣିଆ ଦେଖେଇବାକୁ ଭୁଲେନି । ତଥାପି କେଉଁଠି ରହିଯାଏ ଟିକେ ଦୁଃଖ, ଦେଖିପାରେନି ସ୍ନିଗ୍ଧାର ଖୋଲାପଣ, ତୃପ୍ତମନର ଆକାଶଟେ ଗୃହସ୍ଥ ଜୀବନ ବଢ଼ିବା ସହ । ସ୍ତ୍ରୀମାନେ ବୋଧେ ଏଇମିତି, ଭାବୁଥିଲା ସୁମନ୍ତ । ମୁହଁ ସଞ୍ଜ ଅନ୍ଧାରରେ ଜଳିଉଠିଲେ ରାସ୍ତାର ବତୀ ଖୁଣ୍ଟ । ଓଃ, ଏତେବେଳ ହେଇଗଲାଣି ! ପ୍ରକୃତିସ୍ଥ ହେଲା ସୁମନ୍ତ ।

ଭୁବନେଶ୍ୱର ଷ୍ଟେସନରେ ଲାଗିଲା ଟ୍ରେନ । ଟ୍ରେନ୍‌ରୁ ସେ ମୋଟର ବାଇକ୍‌ରେ ଘରରାସ୍ତା ଧରିବ । ଅନଲାଇନ୍ ମିଟିଂ ଆଜି ଡେରି ହେବାଟା ଥୟ । ଗତକାଲି ମିଟିଂ ତା' ଡେରି ହେବା କଥା ଉଠିଲାରୁ ସମ୍ଭାଳି ଦେଇଥିଲା ମିତା, ତାକୁ ଆଜି ପୁଣି ସମସ୍ତେ ଅପେକ୍ଷା କରିଥିବେ, କିଛି ନହଲେ ମିତା କରିଥିବ ନିଶ୍ଚୟ । ମିତା ଦାସକୁ ସେ ଏଇ ମିଟିଂରେ ହିଁ ପ୍ରଥମେ ଭେଟିଥିଲା । ତା'ପରେ ହାଲୋ ହାଏରୁ ବନ୍ଧୁତା । ବନ୍ଧୁତ୍ୱରୁ ନିବିଡ଼ତା .. ଧେତ୍ କ'ଣ ଭାବୁଛି ସେ ନିଜକୁ ପଚାରିଲା ସୁମନ୍ତ, ସ୍ନିଗ୍ଧା କ'ଣ ଭାବିବ, ଏକଥା ଜାଣିଲେ !

ମିତା କେତେ ପ୍ରାକ୍ଟିକାଲ ଝିଅ । ସେଦିନ ସ୍ନିଗ୍ଧା ସୁମନ୍ତ ଉପରେ ରାଗିଛି କହିବାରୁ କହିଲା, "ରାଗନ୍ତୁ, ନହଲେ ତୁମେ ଟିକେ ଫାଙ୍କା ହେବ କେମିତି ?" ହେଁ ହେଁ ପୁଣି ହସୁଥିଲା – ୟା କହି ,ସୁମନ୍ତ ଭାବୁଥିଲା ଏ ହସଗୁଡ଼ା ଝିଅମାନଙ୍କର ଏତେ ରହସ୍ୟମୟ କାହିଁକି ? ବେଳେବେଳେ ବୁଢ଼ୀମା' ର କୁହୁକ ପେଡ଼ିଠୁ ବି ଗୋପନୀୟ । ମିତାର ଏମିତି ହସକୁ ସେ କୁଆଡ଼େ ବୁଝିପାରେ ଯେ ? ସେ କେବଳ ଏତିକି ଜାଣେ ସେ ବିନ୍ଦାସ ଜୀବନ ବଞ୍ଚେ । ତାକୁ ଉସୁକେଇ କୁହେ ଏ ଜୀବନରେ କ'ଣ ଅଛି ଏ ହସ ଟିକେ ଛଡ଼ା, ମୋ ସହ

ହସିଶିଖନ୍ତୁ, ସୁମନ୍ତକୁ ଲାଗେ ସତରେ ତ ସତ କହୁଛି ମିତା । ମିତାର ଏଇ ଖୋଲାପଣ ସୁମନ୍ତକୁ ଆକୃଷ୍ଟ କରେ । ଏମିତି ବଞ୍ଚୁଥିବା ଝିଅମାନେ ସତରେ ଭାଗ୍ୟବତୀ ଆଉ ଏମାନଙ୍କୁ ବାହା ହେଉଥିବା ପୁଅମାନେ ସବୁଠାରୁ ସୁଖୀ ସ୍ୱାମୀ ନିଶ୍ଚିତ ଏ ପୃଥିବୀରେ । ସୁମନ୍ତ ଆଖି ଆଗରେ ଉଡ଼ିଗଲେ ହଳେ ଚିଲ ଦୁଇଟି ଛାଇ ପରି । ରାତିର ଆଖି ଦୁଇଟି ଗାଢ଼ ଦିଶୁଥିଲା କ୍ରମଶଃ ଆକାଶରେ । ସୁମନ୍ତ ଗାଡ଼ି ଷ୍ଟାର୍ଟ କଲା, ଘରମୁହାଁ ରାସ୍ତାକୁ ଗାଡ଼ି ବୁଲାଇଲା । ଏଇ ରାସ୍ତା ତା'ର ଚିର ପରିଚିତ ହେଲେ ଆଜିକାଲି ଲମ୍ୱିଗଲାଣି ବେଶି ତା' ପାଇଁ । ବେଳେବେଳେ ତାକୁ ଇଚ୍ଛା ବି ନଥାଏ ଘର ଫେରିଯିବାକୁ । ସ୍ନିଗ୍ଧାର ଝିଙ୍କା ମୁହଁ ଦେଖିବାକୁ । କ'ଣ ହେଇଚି ତା'ର କେଜାଣି ଏଇ କିଛି ଦିନ ହେଲା । ବେଶିବେଶି ଗରଗର ହୁଏ ଦିନସାରା, ସୁମନ୍ତକୁ ଦେଖିଲେ ଜାଣିଜାଣି ବାସନ କଚାଡ଼େ, ଘରକାମ ଦୁଲଦାଲ ହୋଇ କରେ, ପିଲାଙ୍କୁ ଗାଳିକରେ ବଡ଼ପାଟିରେ । ସୁମନ୍ତକୁ ଖାଇବା ବାଢ଼ିଦିଏ ଯେମିତି ତାକୁ କିଏ ଦାୟିତ୍ୱଟେ ମୁଣ୍ଡେଇଦେଇଛି । ତା'ପରେ ସିଧା ଶୋଇଯାଏ ବେଡ଼ ଉପରେ, ସକାଳୁ ପୁଣି ମେସିନ୍ ଅନ୍ ହେଲା ଭଳି କାମ କରେ । ହୁଁ ଚୁଁ ପଦେ କଥାରେ ଦିନ ସରିଯାଏ, ସୁମନ୍ତ ଭାବେ ସବୁ ସ୍ତ୍ରୀ ପୁରୁଣା ହେଲେ ଏମିତି, ତା ସାଙ୍ଗମାନେ ବି ସେଇ କଥା କୁହନ୍ତି ଶାନ୍ତିରେ କୋଉଠି କଟେ ସେମାନଙ୍କ ସହ ଜୀବନ, ଚଲେଇନେବା କଥା ଯାହା । କ'ଣ ହେଇଚି ସ୍ନିଗ୍ଧାର, ଭାବିଲେ ସୁମନ୍ତକୁ ଅନ୍ଧାରରେ ବାଡ଼ି ବୁଲାଇଲା ପରି ଲାଗେ । ବେଳେବେଳେ ତା' ରୋଷେଇ ଘରୁ ସ୍ନିଗ୍ଧା ଗୁଣୁ ଗୁଣେଇ ଥିବା ଧାଡ଼ିଏ ଗୀତ ଶୁଣି ଭାବେ ସେ ଆଳାପକୁ ଝୁରୁଛି । ପୁରୁଣା ଦିନକୁ ପୁଣି ଫେରିଯିବାକୁ ଚାହୁଁଚି । ଘର ଆଗରେ ଥମ୍ କିନା ବ୍ରେକ୍ ଦେଲାପରେ ସେ ଗାଡ଼ିରୁ ଆପେ ଓହ୍ଲାଇଗଲା ପରି ଲାଗିଲା । ସିଧା ଗଲା ନିଜ ବଖରାକୁ, ଲାପ୍‌ଟପ୍ ଅନ୍‌କରି ସିଧା ପୋଷାକ ବଦଳାଇଲା । ଦେଖିଲା ସ୍ନିଗ୍ଧା ରୋଷେଇ ଘରେ ନାହିଁ, ରୋଷେଇ ଘରେ ଚାହା ବି କରି ରଖିନି ସବୁଦିନ ପରି । ଅଳ୍ପ ବିରକ୍ତିରେ ସେ ଲାପ୍‌ଟପ ଖୋଲି ବସିଗଲା, ମିଟିଂ ଲିଙ୍କ୍ ଅନ୍ କଲା, ପୁଅକୁ ପାଣିବୋତଲ ଆଣି ଟେବୁଲ ଉପରେ ରଖିବାକୁ କହିଲା । ଘରେ ସ୍ନିଗ୍ଧା ନ ଦେଖି ଭାବିଲା ବାହାରକୁ ଯାଇଛି ବୋଧେ, ମିଟିଂ ଖୋଲି ମିତାର ହସକୁରା ମୁହଁ ଦେଖି ତାକୁ ଆଶ୍ୱସ୍ତି ଲାଗିଲା । ତା'ରି ମୁହଁ ଓ ତୃପ୍ତିପଣ ଦେଖି ସୁମନ୍ତକୁ ନିଶା ଖାଇଲା ପରି ଲାଗେ । ଏଇ ମିଟିଂ ଜଏନ ହେବାର ମୁଖ୍ୟ ଆକର୍ଷଣ ତ ମିତା । ମିତା ବୁଝାଉଥିଲା ତଥ୍ୟ ସବୁ । ସେ ଆଜି ପୂରା ମିଟିଂ ଦାୟିତ୍ୱରେ ଅଛି, ୟା ଭିତରେ ତା'ର ଆଉ ମନେ ନାହିଁ ସ୍ନିଗ୍ଧା କଥା । କେତେ ସମୟ ଏ ମିଟିଂ ହେଲା କେଜାଣି; ସୁମନ୍ତ ଦେଖିଲା ପୁଅ ଖାଇସାରି ଶୋଇବାକୁ ଗଲାଣି । ସେ ଲାପ୍‌ଟପ୍ ଅଫ୍ କଲା, ଦେଖିଲା ସମୟ ରାତି ସାଢ଼େ ଦଶ ।

କୁଆଡ଼େ ଗଲା ଯେ ସ୍ନିଗ୍ଧା, ପାଟି ଟିକେ ଶୁଭୁନି, ଉପର ତଳ ଘର ସବୁ ଖୋଜି ଚାଲିଲା, ୟେ କ'ଣ ସ୍ନିଗ୍ଧା ଘରେ ନାହିଁ, ଏତେ ରାତି ଯାଏଁ ସେ କୁଆଡ଼େ ଯାଏନି, ପୁଅ ଅଧାନିଦରୁ ଉଠି କ'ଣ ଗଁ ଗଁ ହୋଇ ସୁମନ୍ତକୁ କହିଲା, ସେ କିଛି ବୁଝିପାରିଲାନି । କୁଆଡ଼େ ବା ଯାଇପାରେ ଏତେ ରାତିରେ ! ମୁଣ୍ଡ ଝାଇଁ ଝାଇଁ ହେଲା ତା'ର । ଏପଟେ ଭୋକ, ସ୍ନିଗ୍ଧାକୁ ଫୋନ୍ ଲଗାଇଲା, ଦେଖିଲା ଫୋନ୍ ଲାଗୁନି । ବାରମ୍ବାର ଶୁଭୁଚି ଫୋନ ଅପହଞ୍ଚ ଦୂରତାରେ । ୟେ କୋଉ ଅପହଂଚ ଇଲାକା ଯେ ସ୍ନିଗ୍ଧାକୁ ସେ ଧରିପାରୁନି; ସୁମନ୍ତ ବିରକ୍ତିରେ କହୁଥିଲା ନିଜକୁ, ମନେମନେ ଗରଗର ହୋଇ ସ୍ନିଗ୍ଧାର କେତେଟା ସାଙ୍ଗକୁ ଫୋନ୍ ଲଗାଇସାରିଲାଣି । ସବୁଠି ସେ ବିଫଳ, ସ୍ନିଗ୍ଧା ଏତେ ରାତିରେ କୁଆଡ଼େ ଯାଇଥିବ ? ତା' ମନକୁ ପାପ ଛୁଇଁଲା ଏଥର, ସେ କ'ଣ ତା'ହେଲେ ପୋଲିସ ଷ୍ଟେସନ ଯିବା କଥା ! ପୋଲିସ ଯଦି କେହି ସ୍ନିଗ୍ଧାର ପ୍ରେମିକ ଅଛି କି ବୋଲି ପଚାରେ, ତା'ହେଲେ ସେ କ'ଣ କହିବ ? ସୁମନ୍ତ ଅସ୍ଥିର ପାଦ ଆଉ ମସ୍ତିଷ୍କ କେଉଁ ଏକ ଅଦୃଶ୍ୟ ଦିଗ ଆଡ଼କୁ ବାଟ କଢ଼େଇନେଇଥିଲା । ତା' ମାନେ ସେ କାହା ସହ ...ଅନେକ ଅସଙ୍ଗତ କଥା ତା ମନକୁ ଆସୁଥାଏ ।

ସେ ତରବରିଆ ହୋଇ ସ୍ନିଗ୍ଧା ବେଡ଼ ରୁମ୍‌କୁ ଧାଇଁଲା, ସେଠି ଟେବୁଲ ଉପରେ ସ୍ନିଗ୍ଧା ବହି ପଢ଼େ, ନା ଏଠି ତ କିଛି ନାହିଁ, ବହିଥାକରେ ଅଧାଖୋଲା ବହିଟେ ପଡ଼ିଛି, ଛାତି ମେଲେଇ, ଫର୍ଦ୍ଦ ସବୁ ଉଡୁଛି ଧୀରେଧୀରେ, ତା' ଭିତରେ ଫର୍ଦ୍ଦେ କାଗଜରେ ଲେଖାଟିଏ । ଚିଠି... ?

ସ୍ନିଗ୍ଧା ତା'ମାନେ ଚିଠିଟାଏ ଲେଖି କୁଆଡ଼େ ଚାଲିଯାଇଛି ! ଏ କଥା ବିଶ୍ୱାସ କରିବା ଆଗରୁ ସେ ପଢ଼ିବାକୁ ଲାଗିଲା ସ୍ନିଗ୍ଧାର ଅକ୍ଷର ସବୁକୁ ।

"ଆଜିଯାଏଁ ମୁଁ ନିଜକୁ ଦୋଷୀ ଭାବିଆସିଛି, ଆଳାପର ସ୍ମୃତି ତୁମକୁ କ୍ଷତାକ୍ତ କରେ ଜାଣିଛି, ସେଥିପାଇଁ ନିଜକୁ ମୁଁ ଅନେକ ଅନେକ କଷ୍ଟ ଦେଇଛି, ହେଲେ ଅତୀତରୁ ମୁକ୍ତି ନଥାଏ । ପୁଅମାନେ ବଦଳିଯାନ୍ତି, ଖାଲି ପୁଅମାନେ ନୁହଁ, ଭଲପାଇବା ବଦଳିଯାଏ, ଏହା ସ୍ୱାଭାବିକ ।

ମିତା ତୁମର ବନ୍ଧୁ ବୋଲି ଜାଣିଥିଲି, କିନ୍ତୁ ଜଣାଅଜଣାରେ ତୁମ ଭାବପ୍ରବଣତା ବଢ଼ିଛି ଓ ତୁମମାନଙ୍କ ଘନିଷ୍ଠତା ବି ବଢ଼ିଛି । ସତ କହିବି, ୟା ଜାଣି ବି ମୁଁ ଦୁଃଖ କରିନାହିଁ । ସେଦିନ ତୁମ ମେଲ୍ ବକ୍ସରୁ ସବୁତକ ତା' ଉଦ୍ଦେଶ୍ୟରେ ମେଲ ପଢ଼ି, ଏତିକି ବୁଝିଲି ଆମେ କେବେ ପ୍ରେମରେ ପଡିନଥିଲେ । କିନ୍ତୁ ପ୍ରେମକୁ ଭୁଲ ବୁଝିଥିଲେ । ପ୍ରେମ ଛାତି ଉଲୁସେଇ ଦିଏ, ଦେହ ନୁହେଁ, ବୋଝଟେ ପରି ମୁଣ୍ଡେଇ ନେଲେ ଚାଲିହୁଏନି ବାଟ । ଆମ ପ୍ରେମର ବୋଝ ଆମେ ମୁଣ୍ଡେଇ ଚାଲିଛେ ଆଜିଯାଏଁ, ଭ୍ରମ ହେଉ କି ସତ; ମିତା ଦଲକାଏ ପବନ ପରି ତୁମକୁ ପ୍ରକୃତରେ ଛୁଇଁଛି, ଏତକ ବୁଝିବା ପରେ ମିତାକୁ ଫୋନ ଲଗେଇଥିଲି ସେ ମୋ ଆଗରେ ସ୍ୱୀକାର କରିଛି ଯେ ସେ ଆଳାପର ସ୍ତ୍ରୀ, ମୁଁ କିନ୍ତୁ ଠିକ୍ ଖବର ନେଇଛି ଯେ ସେ ଏବେ ଆଳାପର ଏକ୍ସ-ୱାଇଫ, ଦୁଇବର୍ଷ ତଳେ ଆଳାପ ଓ ସେ ଅଲଗା ହୋଇଛନ୍ତି ତା' ପରେ ବି ସେ ଆଳାପ କମ୍ପାନୀରେ ଏଚ୍ ଆର୍ ଭାବେ କାର୍ଯ୍ୟରତ ।

ଆଜି ରାତିରେ ମୁଁ କୁଆଡ଼େ ଯାଉଛି ଜାଣିନି, କିନ୍ତୁ ଆଳାପ ପାଖକୁ ନୁହେଁ । ମୁଁ ଜାଣିଛି ଅତୀତରୁ ମୁକ୍ତି ନଥାଏ କିନ୍ତୁ ତା' ମଙ୍ଗ ଧରି ଚଳିହୁଏନା ।" ବୁନ୍ଦାଏ ଲୁହରେ ଭିଜିଯାଇଥିବା ଶେଷ ଅକ୍ଷରଟି 'ନା' ଫୁଲିଯାଇ ଦିଶୁଥିଲା ଯେମିତି ଗୋଟେ କମ୍ପାସ କଣ୍ଟା; ଯାହା ଦିଗ ଦେଖେଇଦେବାକୁ ଅସମର୍ଥ । ଚିଠିଟି ସୁମନ୍ତ ସାରିପାରିନଥିଲା, ସ୍ନିଗ୍ଧା ଆଗେଇଯାଉଥିଲା ଦିଗହୀନ ରାସ୍ତାରେ ନିଜର ପୃଥିବୀ ଖୋଜିବାକୁ ।

●●●

**ବୀଣାପାଣି ପ୍ରଧାନ**, କବିତା, ଭ୍ରମଣ କାହାଣୀ ଓ ଗଳ୍ପ ଲେଖନ୍ତି । ଜୀବନର ସାଧାରଣ ଘଟଣା, ମଣିଷର ଅନୁଭୂତି, ସମାଜର ବିବର୍ତ୍ତନ ଚିତ୍ରଣ କରିବା ସହ ଏକ ନୂତନ ଦୃଷ୍ଟିକୋଣ ଦେବାକୁ ଚାହାନ୍ତି ତାଙ୍କ ଲେଖାରେ । ତାଙ୍କ ଲେଖା ଓଡ଼ିଶାର ବିଭିନ୍ନ ସାହିତ୍ୟ ପୃଷ୍ଠାରେ ପ୍ରକାଶିତ । ସେ ଓଡିଶାରୁ ଦୂରରେ ରହିଲେ ମଧ୍ୟ ଓଡ଼ିଆଭାଷାମନସ୍କ । ତାଙ୍କର ପ୍ରକାଶିତ ଗଳ୍ପ ସଂକଳନ "ବାୟା ଚଢ଼େଇର ବସା ଓ ଅନ୍ୟାନ୍ୟ ଗଳ୍ପ" (୨୦୨୩) । ନୂଆ କବିତା ସଙ୍କଳନ ପ୍ରକାଶ ଅପେକ୍ଷାରେ । କୁଆଲାଲୁମ୍ପୁରରେ ରହନ୍ତି ।

# ଟୁଉକୁ ମୂଷି

SRUJAN
The Creativity Journal
Srujan ISSN 2976-9329

## ମନୋଜ କୁମାର ମହାପାତ୍ର

"ଟୁଉକୁ ମୂଷି ଟୁଉକୁ ମୂଷି ଧାନ ଭରଣକ ଖାଉଥା ବସି, ଧାନ ଛଡ଼େଇ ଚାଉଳ ଖାଆ, ଫୁର୍ କିନା ଉଡ଼ିଯାଆ" ପାକୁଆ ପାଟିରେ ଜେଜେମା ଦଶମାସର ନାତୁଣୀ ରେଖାକୁ ଚାହିଁ ଏକଦା ହସରେ ଫାଟି ପଡୁଥିଲେ । ପୁଣି ତାକୁ କାଖେଇ ବାଡ଼ିଦୁଆର ପାଖରେ ନଡ଼ିଆଗଛର ଡେଙ୍ଗା ଗଣ୍ଡିରେ ଦ୍ରୁତ ବେଗରେ ଧାଉଁଥିବା ଗୁଣ୍ଡୁଚିମୂଷାକୁ ଦେଖେଇଦେବା କ୍ଷଣି ନାତୁଣୀକୁ ସମ୍ଭାଳିବା ଜେଜେମା'ଙ୍କ ପାଇଁ ହେଉଥିଲା ସଂଘର୍ଷମୟ । ନାତୁଣୀ କାଖରୁ ଓହ୍ଲାଇ ଗୁଣ୍ଡୁଚିମୂଷା ପାଖକୁ ଯିବାର ପ୍ରବଳ ଚେଷ୍ଟା ଓ ତାକୁ ଜାବୁଡ଼ି ଧରିବା ଜେଜେମାର ଧଇଁସଇଁ ଅବସ୍ଥା ଭିତରେ ଯେଉଁ ସଂଘର୍ଷ ଉପୁନ୍ନ ହୁଏ, ତାକୁ ନା ବୁଝିପାରେ ନାତୁଣୀ ନା ଗୁଣ୍ଡୁଚିମୂଷା । କିନ୍ତୁ ବିଚାରୀ ଜେଜେମାର ହଲକ ଶୁଖିଯାଏ ସେହି ମୁହୂର୍ତ୍ତରେ କାଳେ ନାତୁଣୀ କାଖରୁ ଖସିପଡ଼ି ଲହୁଲୁହାଣ ହେଇଯିବ ? ସତୁରିବର୍ଷର ବୁଢ଼ୀ ସେ, ଆଉ ବୟସ ଆସୁଛି ଯେ ତାକୁ ସମ୍ଭାଳିବ ? ଚାଲିବାବେଳେ ବାଡ଼ିଟିଏ ଯା'ର ସାହାରା ସେ ପୁଣି ଯାକୁ ସମ୍ଭାଳିବ ! ତଥାପି ତାକୁ ସେ ଛାଡ଼ିପାରେନା ।

ଇୟେ କି ପ୍ରକାର ଆକର୍ଷଣ ନା ମମତାର ଆସକ୍ତି ? କୁନି କୁନି ହାତରେ ଟୁଉକୁ ମୂଷି.....ଟୁଉକୁ ମୂଷି କରି ନାତୁଣୀର ଦି'ହାତକୁ ଉପରକୁ ଟେକିଦେବାର ଭଙ୍ଗୀ ଏମିତି ଜେଜେମାକୁ ଉଲ୍ଲସିତ କରେ ଯେ ସତେକି ସେ ଅନନ୍ତ ଆକାଶକୁ ଉଡ଼ିଯାଉଛନ୍ତି !! ଏଇ ଯେଉଁ ଆନନ୍ଦ ଟିକକ ଭିତରେ ସେ ନିଜକୁ ହଜାଇ ଦିଅନ୍ତି ତା'ର ସ୍ୱାଦ କେବଳ ଜେଜେମାମାନେ ହିଁ ବୋଧହୁଏ ବୁଝନ୍ତି ।

ସମୟର ଅପ୍ରତିରୋଧ ସ୍ରୋତରେ କିଏ ବା ଗୋଟିଏ ବିନ୍ଦୁରେ ଅଟକିଯାଇପାରିବ ଚିରକାଳ ପାଇଁ ! ଏମିତି ଯଦି ସମ୍ଭବ ହେଉଥାନ୍ତା ତେବେ ଜେଜେମା ଓ ନାତୁଣୀ ରେଖା କେବେ ବି ଏବର 'ଟୁଉକୁମୂଷି' ସ୍ତରରେ ପହଂଚିପାରି ନ ଥାନ୍ତେ । ଏବେ ରେଖା ଗାଁ ସ୍କୁଲରେ ପଢ଼ିଲାଣି । ନିତି ଜେଜେମା ତାକୁ କାଖେଇ ସ୍କୁଲରେ ଛାଡ଼ନ୍ତି ଏବଂ ଆଣନ୍ତି । କିନ୍ତୁ ଜେଜେମା ଏମନ୍ତ ନିତିଦିନିଆ ଅଭ୍ୟାସଟାକୁ କେତେଦିନ ବା ରଖିପାରିବେ ? ରେଖା ପରା ଏବେ ଦୁଇ ମାଇଲ ଦୂରରେ ଦୋଳସାହି ହାଇସ୍କୁଲରେ ପାଠ ପଢ଼ିଲାଣି । ତାକୁ କାଖେଇ ସ୍କୁଲ ନେବାର ବେଳ ପରା ଅତୀତର ଝାପ୍ସା କୁହୁଡ଼ି ଭିତରେ କେବେଠୁଁ ଲୁଚିଗଲାଣି ।

ଜେଜେମା ସିନା ତାକୁ ଆଉ କାଖେଇ ପାରିଲେନି କିନ୍ତୁ ବାଡ଼ିଟିଏ ଠୁକଠୁକ କରି ଗାଁ ମୁଣ୍ଡ ଶ୍ମଶାନ ପର୍ଯ୍ୟନ୍ତ ବାଟେଇଦେଇଆସନ୍ତି, ପୁଣି ଦି'ପହର ବେଳକୁ ସେହି ଶ୍ମଶାନ ନିକଟରେ ତା'ର ଆସିବା ବାଟକୁ ଚାହିଁବସିଥାନ୍ତି । ରେଖା ହାତରୁ ବସ୍ତାନି ନେଇ ନିଜ କାନ୍ଧରେ ଝୁଲାଇ କେତେ କ'ଣ ଗପିଗପି ଉଲ୍ଲସିତ ପାଦରେ ଘରକୁ ଫେରନ୍ତି ।

ନାତୁଣୀର ସ୍କୁଲ ଯିବା ଓ ଫେରିବା ଭିତରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୁଏ, ତାହା ଅସରନ୍ତି ପ୍ରତୀକ୍ଷାର ଗୋଟାଏ ଲେଖାଏଁ ଭୟାକୁଳ ମୁହୂର୍ତ୍ତ ଭଳି ଅନୁଭୂତ ହୁଏ ଜେଜେମାଙ୍କ ପାଇଁ । ଯଦି ନିର୍ଘଣ୍ଟ ସମୟରେ ନାତୁଣୀ ସ୍କୁଲରୁ ନ ଫେରିଲା ତେବେ କଥା ସରିଲା, ସ୍କୁଲ ଆଡ଼କୁ ତାଙ୍କର କ୍ଷିପ୍ର ଗତିରେ ଚାଲିବା ଆରମ୍ଭ ହେଇଯିବ । ହଁ ପରା, ଦିନେ ରେଖାର ଫେରିବା ସାମାନ୍ୟ ଡେରି ହେବାରୁ ଜେଜେମା ଯାଇ କି ହାଇସ୍କୁଲ ଫାଟକ ପାଖରେ "ଟୁଉକୁମୂଷି".... "ଟୁଉକୁମୂଷି" କହି ରଡ଼ି ଛାଡ଼ିଲେ ।

ରେଖାକୁ ଲାଜ ଲାଗିଲା । ସେ ଦୌଡ଼ି ଆସି ଜେଜେମା ପାଟିରେ ହାତ ଗେଞ୍ଜି କହିଲା- “ଆଲୋ ଜେଜେମା ! ତୋ ମୁହଁକୁ ଟିକେ ଲାଜ ସରମ ନାହିଁ ! ଦେଖୁନୁ ମୋ ସାଙ୍ଗମାନେ କେମିତି ନାକରେ ହାତ ଦେଇ କିରିକିରି ହସୁଛନ୍ତି ? ମୋତେ ରେଖା ବୋଲି ଡାକିଲୁନି ? ‘ଟୁଉକୁମୂଷି’ ବୋଲି ଏଠାରେ ନ ଡାକିଥିଲେ ହେଇନଥାନ୍ତା ?”

ଜେଜେମା ଆଉ କହିବେ କ’ଣ ? ହସିହସି କହିଲେ- “ହଉ ହେଲା, ଚାଲ୍ ଉଛୁର ହେଲାଣି ।” କିନ୍ତୁ ନାତୁଣୀକୁ ଧରି ଘରକୁ ଫେରିବା ବାଟରେ ଭାବୁଥିଲେ - ୟାକୁ ଏବେ ଲାଜ ଘାରିଲାଣି, ବଡ଼ ହେଲାଣି ତ ?

ହଁ ସତରେ ତ । ଇୟା ଭିତରେ ରେଖା ସମୟ ସ୍ରୋତର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ି ଏମିତି ବଡ଼ ହେଇଗଲା ଯେ ଗୁଣ୍ଡୁଚିମୂଷା ଭଳି ଘରପଛ ଡେଙ୍ଗା ନଡ଼ିଆଗଛର ଅଗକୁ ଚଢ଼ି ବାହୁଙ୍ଗା ଉହାଡ଼ରେ ସେ ଲୁଚିଗଲା । ବିଚରା ଜେଜେମା ଜଳକା ପରି ଅନେଇଛି, ଇଆଡ଼େ ନାତୁଣୀ ରେଖା ଯାଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ।

ନାତୁଣୀ ସିନା ଆଖି ସାମ୍ନାରୁ ଅଲଗା ହେଇଗଲା କିନ୍ତୁ ଜେଜେମା ନିପଟ ମଫସଲି ଗାଁରେ ରହି ବି ତା'ର ଟୁଉକୁମୂଷିକୁ ନିତି ଦେଖୁଥିଲା ନିଜ କଳ୍ପିତ ଆଖିରେ ।

କେମିତି ନ ଦେଖିବେ କହିଲ ? ଜନ୍ମ ହେଉ ହେଉ ତା' ମା ଛୁତିକା ଦୋଷର କଷଣ ଯୋଗୁ ଆଖି ବୁଝିଲା । ସେତେବେଳେ ଆଜିକା ପରି କଣ ଡାକ୍ତଖାନା ଗାଁ ଗଣ୍ଡାରେ ଥିଲା କି ? ଜେଜେମା ଯଦି ନିଜ ଛାତିରେ ତାକୁ ଆଉଜେଇ ନ ନେଇଥାନ୍ତେ,ତାର କୁଆଁ କୁଆଁ ରାବ କଣ ବନ୍ଦ ହେଇଥାନ୍ତା ???

ସେଥିପାଇଁ ଜେଜେମାଙ୍କର ନଜର ଚିଆଁକୁ କୁକୁଡ଼ା ଜଗିବା ଭଳି ନାତୁଣୀ ଉପରେ ସଦା ରହିଥାଏ, ଯେମିତି ରେଖା ଗାଁ ମୁଣ୍ଡ ଶ୍ମଶାନ ଆଡ଼େ ଏକେଲା ନ ଯାଏ । ହେଲେ କ’ଣ ହେବ ? ଛୁଆଙ୍କୁ ଆକଟ କରିବା ଭାରି କଷ୍ଟ । ସମବୟସୀ ଛୁଆଙ୍କ ସହିତ ଖେଳୁ ଖେଳୁ ଦିନେ ଜେଜେମାଙ୍କ ଅଜାଣତରେ ଶ୍ମଶାନ ଭିତରକୁ ପଶିଗଲା ରେଖା ବଇଞ୍ଚ କୋଳି ତୋଳିବାକୁ ।

ଜେଜେମାଙ୍କୁ ଆଉ କିଏ ସମ୍ଭାଳେ ? ହାଉଳି ଖାଇ ଦୌଡ଼ିଲେ ଶ୍ମଶାନ ଆଡ଼କୁ । ରେଖାକୁ କାଖେଇ ନେଇଆସିଲେ ସତ, କିନ୍ତୁ ଜ୍ୱରର ତାତି କିଛି ସମୟ ପରେ ବଢ଼ିବାକୁ ଲାଗିଲା, ଏଣୁତେଣୁ ଖାଲି ପ୍ରଳାପ କଲା ରେଖା ।

ଜେଜେମା ବୁଝିଗଲେ- "ମୁଁ ଜାଣେ ପରା ସେଇ ପୋଡ଼ାମୁହିଁର ନଜର ଇୟା ଉପରେ ପଡ଼ିଗଲା । ଆଲୋ ପେଡିନି, ତୁ ତ ତାକୁ ଜନ୍ମ ଦେଉଦେଉ ମଲୁ, ତା ଉପରେ ନଜର କାହିଁକି ରଖିଛୁ ଲୋ କଳାକାନି ! ମା ସରାଗ ଦେଖଉଛୁ ! ରହ ପାନେ ଦଉଛି ତତେ ଆଜି !"

ଦାଣ୍ଡ ଦୁଆରରେ ଠିଆ ହେଇ ସେ ଭାବପାଡ଼ିକୁ ଡାକ ଛାଡ଼ିଲେ- "ହଇଏ ଭାବନ୍ନା, କଉଁଠି ଅଛ, ଝଅଟ ଆସିଲ । ମୋ ରେଖାକୁ ସେଇ ପୋଡାମୁହିଁ ପୁଣି ମାଡ଼ିବସିଛି ।"

ବୁଢା ଭାବନ୍ନା ଖଣ୍ଡିଏ ଗୋବର ଘଷିଫଡ଼ାରେ ମେଞ୍ଚାଏ ଲୁଣ ଧରି ସାଙ୍ଗେସାଙ୍ଗେ ହାଜର । ଗୁଣୁଗୁଣୁ ହେଇ ମନ୍ତ୍ର ଉଚ୍ଚାରି ଗୋଟିଏ ପିପେଇ କାଠିରେ ସବୁତକ ଲୁଣକୁ ଘାଣ୍ଟିଲେ । ଝିଅ ପାଟିରେ ଟିକେ ଲୁଣ ଖୁଆଇ ଦେଇ, ବାକି ସବୁତକ ଲୁଣ ସହିତ ଘଷିଫଡ଼ାକୁ ବାଡ଼ିପଟ ଦର୍ଜା ଖୋଲି ବାହାରକୁ ଫିଙ୍ଗିଦେଇ ବଡ଼ପାଟିରେ କହିଲେ- "ଯା... ଯା....ବାହାର ଏଠୁ, ଶିବ ପାର୍ବତୀର ଆଜ୍ଞା, ବାହାର ଏଠୁ ! ଦେଖ ପେତନୀ, ଆଉ ଦିନେ ଯଦି ୟାକୁ ମାଡ଼ିବସିବୁନା, ତତେ ସୀମାପାର କରିଦେବି ।"

ସକାଳୁ ସକାଳୁ ଆଉ ଜ୍ୱର ନଥିଲା ନାତୁଣୀ ଦେହରେ । ନିଜ ଗୋଡ଼ର ବୁଢା ଆଙ୍ଗୁଳିରୁ ଟିକେ ଧୂଳି ନେଇ ରେଖା କପାଳରେ ମାରି କହିଲେ- "ମୋ ଟୁଉକୁମୂଷିର ଦେହ ବଜ୍ର ହେଉ । ଗ୍ରାମଦେବତୀ ମା' କ୍ଷେତ୍ରପାଳ ତତେ ଘଣ୍ଟ ଘୋଡ଼େଇ ଏମିତି ରଖନ୍ତୁ ।"

ଜେଜେମାର ଅସରନ୍ତି ଦୁଃଖ, ଚୋର ମା' ଆଖି ମଳିମଳି କାନ୍ଦିଲା ଭଳି, ସେ ଏକେଲା ଅନେକ କାନ୍ଦନ୍ତି, କିନ୍ତୁ ମନର କଥା କେବଳ ମନରେ ମରେ, ସେ କାହାକୁ କିଛି କହନ୍ତିନି । ଏମିତି ତ ଗାଁ ମଠର ଗଞ୍ଜୋଡ଼ ମହନ୍ତ ପାଲରେ ପଡ଼ି ଦିନରାତି ଏକମାତ୍ର ଆଡ଼ବାୟା ପୁଅ କୀର୍ତ୍ତନରେ ମାତିଛି, ପୁଣି ବୋହୂର ଅଚାନକ ମରଣ ପରେ ଆଉ ଘରେ ରହୁନି, ଚବିଶ ଘଣ୍ଟା ମହନ୍ତର ବୋକଚାବୁହା ସାଜିଛି ।

ନିଜ ଭାଗ୍ୟକୁ ନିନ୍ଦି ଜେଜେମା ଆଖିରେ ଆଖିଏ ଲୁହ ଭରି କହନ୍ତି- "ଦେଖୁନ ପୁଅଟାକୁ ମୋର । ମୋର ସେ ଏକୋଇର ବଳା ବିଶିକେଶନ । ମୋ ଗେରସ୍ତର ଦେହାନ୍ତ ହେଲା ମୋ ଯବାନୀ ବୟସରେ । ପୈତୃକ ପାଞ୍ଚମାଣ ଜମିରେ ସୁନା ଫଳାଇ ତାକୁ ଶିକ୍ଷିତ କରିବାରେ ମୋ ମୁଣ୍ଡରଝାଳ ପାଟିରେ କେତେ ପଶିଛି, କେତେ ଯନ୍ତ୍ରଣା ଭୋଗିଛି, କେତେ ହନ୍ତସନ୍ତ ନ ହେଉଛି ଲୋ ମା । ଶେଷରେ କୁଳୀନ ବ୍ରାହ୍ମଣ ଝିଅଟିଏ ଯୋଗାଡ଼ କରି ତା'କୁ ବାହା କରାଇଲି । ଏତେ ତ୍ୟାଗର ମୂଲ୍ୟ କ'ଣ ସେ ବୁଝି ପାରିଲା ? ନା ନିଜ ସ୍ତ୍ରୀର ହେଇପାରିଲା ନା ଘରର ।

ସେଇ ଗଞ୍ଜୋଡ଼ ମହନ୍ତ ବାବାଜୀ ପାଲରେ ପଡ଼ି ବାଟହୁଡ଼ି ମଠରେ ତା'ର ଦିନରାତି ବିତୁଛି । ତିଳକ ଚିତା ମୁଣ୍ଡ ଓ ଦେହରେ ମାଖି କୀର୍ତ୍ତନରେ ମାତୁଛି । ବୋହୂଟା ପ୍ରସବ ବେଦନାରେ ଛାଟିପିଟି ହେଉଥିବାବେଳେ ତାକୁ କେତେ ନେହୁରା ହେଲି ଡାକ୍ତରଖାନାକୁ ନେବା ପାଇଁ ।

କିନ୍ତୁ ସେ ପଥରହୃଦୟୀ ଅଲାଜୁକ ଓଲଟା କହିଲା – କ'ଣ ନା – ମା'ଲୋ ତୁ ଆଦୌ ଚିନ୍ତା କରନା । ନେ' ମହନ୍ତଙ୍କର ମନ୍ତୁରା କାଞ୍ଜିପାଣି, ତାକୁ ପିଆଇ ଦେ, ପ୍ରସବ ସୁରୁଖୁରୁରେ ହେଇଯିବ । ହରିଙ୍କ ଉପରେ ଭରସା ରଖ ।

କାଞ୍ଜି ପିଆଇଲେ ବି ଯନ୍ତ୍ରଣା କମିଲାନି । ବାଧ୍ୟ ହେଇ ବୋହୂଟାକୁ ନିଜ କୋଳରେ ଧରି ଗୋଟିଏ ଅଟୋରେ ଡାକ୍ତରଖାନାକୁ ନେଇଗଲି । ଅବଶ୍ୟ ଡାକ୍ତରାଣୀ ବୋହୂକୁ ବଞ୍ଚାଇବା ପାଇଁ ବହୁତ ଚେଷ୍ଟା କଲେ କିନ୍ତୁ ସେ ବଞ୍ଚିଲାନି । ସେଇ ଦିନରୁ ଝିଅଟା ମୋର ଟୁଉକୁମୂଷି ସାଜିଛି ।"

ଇୟା ଭିତରେ ନାତୁଣୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଏମ.ବି.ଏ ପାସ୍ କରି କେମ୍ପସ ଇଣ୍ଟରଭ୍ୟୁ ମାଧ୍ୟମରେ କେନ୍ଦୁଝରର ଥିବା ଏକ ବିଶାଳ ମାଇନ୍ସରେ ପର୍ଶନେଲ ଅଫିସର ପଦରେ ନିଯୁକ୍ତି ପାଇଛି । ଜେଜେମାର ଖୁସି କହିଲେ ନ ସରେ ଏବେ । ଠାକୁରଘରେ କୁଳଦେବତା ରଘୁନାଥଙ୍କ ପାଖରେ କଇଁ କଇଁ କାନ୍ଦି କହନ୍ତି- 'ହେ ପ୍ରଭୁ ମୋ ଟୁଉକୁ ମୂଷିକୁ ଘଣ୍ଟ ଘୋଡ଼େଇ ଏମିତି ରଖିଥିବ । ପ୍ରଭୁ ତୁମ କୃପାରୁ ଯାହାହେଉ ମୋ ପିତୃପୁରୁଷଙ୍କର ଏଇ ଭିଟାମାଟି ସହିତ ପାଞ୍ଚମାଣର ବିଲ ଏଣିକି ସୁରକ୍ଷିତ ରହିବ । ଆଉ ତୁମର ପୂଜା ବି ନିରନ୍ତର ଚାଲିବ ।"

ନିଜ ଝିଅ ରେଖାର ଚାକିରି ପାଇବାର ସଫଳତାର ଖବର ତା'ର କୀର୍ତ୍ତନିଆ ତିଳକ-ଚିତାଧାରୀ ବାପାକୁ ଖୁସି କରୁଥିବ କି ନାହିଁ ଅବଶ୍ୟ ଜେଜେମାଙ୍କୁ ଜଣାନଥିଲା, କିନ୍ତୁ ସେ ଏବେ ଦିନେ ଆସି ଯାହା କହିଲା, ସେଥିରେ ଜେଜେମାଙ୍କର ଫାକାସି ଉଡ଼ିଗଲା । ସତରେ ବଅଁଶ ବୁଡିବାବେଳେ ଘୋଡ଼ାମୁହାଁ ପୁଅ ଜନ୍ମ ହୁଏ ।

ଦିନେ ଅନ୍ଧଭକ୍ତ ପୁଅ କହୁଛି- "ଆଲୋ ମା, ଝିଅ ତ ଚାକିରି କଲାଣି, କାଲେ ସେ ମାସକୁ ପଚାଶହଜାର ଟଙ୍କା ଉପରକୁ ଦରମା ପାଇବ । ଆଜି ନୁହେଁ ତ ସେ କାଲି ବାହା ହେଇ ତା' ଘର ଦ୍ୱାର ବସେଇବ । ତୁ ଆଉ କେତେଦିନ ବଂଚିବୁ । ମୋ କଥା ଛାଡ଼, ହରିକୃଷ୍ଣ ମୋ ଭରସା । ଜୀବନଟା ମଠରେ ନାମ ଜପ କୀର୍ତ୍ତନରେ କାଟିବି । ମୋ ଗୁରୁ ମହନ୍ତ ମୋ ଭକ୍ତିରେ ଏମିତି ସନ୍ତୁଷ୍ଟ ଯେ ସେ କହନ୍ତି ପରା - ଆରେ ପୁଅ, ଦେଖିବୁ ମୃତ୍ୟୁ ପରେ ତୁ ରାଧା-କୃଷ୍ଣଙ୍କ ନିତ୍ୟ ଲୀଳାରେ ସ୍ଥାନ ପାଇବୁ ।"

ଜେଜେମା ଠଉରେଇ ନେଲେଣି ଯେ ମୋ ଚିତାକଟା ପୁତ୍ରମଣି ଆଜି କିଛି ଗୋଟେ ନୂଆ ରକମର କଥା କହିବ କହିବ ହେଉଛି । ସେ ବିରକ୍ତି ସ୍ୱରରେ କହିଲେ- "ଆରେ ଏମିତି ବଙ୍କେଇ ଚୂନେଇ କଥା ହେଉଛୁ କାହିଁକି ? କଣ କହିବା କଥା ସିଧା କହୁନୁ ।"

ମଠ ଆଶ୍ରିତ ପୁଅ କହିଲା- "ମା' ଲୋ ତୋ ଅନ୍ତେ ଆମ ଜମି କଥା କିଏ ବୁଝିବ ? ଝିଅ ତ ତାର ଶାଶୁଘରେ ରହିବ । ଆମ ମହନ୍ତ କହୁଥିଲେ - ତୁମ କୁଳଦେବତା ଶାଳଗ୍ରାମ ରଘୁନାଥଙ୍କୁ ମଠକୁ ଦେଇଦିଅ, ଏଠାରେ ନୀତିକାନ୍ତି ଅନୁସାରେ ପୂଜା ପାଇବେ । ଆଉ ପାଞ୍ଚମାଣ ଜମି ମଠ ନାଁରେ ରେଜିଷ୍ଟ୍ରି କରିଦିଅ । ତୁମ ବଂଶର ଟେକ କାଳକାଳକୁ ରହିବ ।"

ଜେଜେମାଙ୍କୁ ଆଉ କିଏ ସମ୍ଭାଳେ !!!! ବାଘୁଣୀ ପରି ଗର୍ଜି ଉଠିଲେ- "ଆରେ ବଉଁଶବୁଡ଼ା ଘୋଡ଼ାମୁହାଁ ଡାହୁକ ! ହେଇ ମୁଣ୍ଡି ଛାଞ୍ଚୁଣିକୁ ଦେଖୁଛୁ ନା । ମଠର ଜମିଜୁମା ବିକିଭାଙ୍ଗି ମଠରେ କଳାକନା ବୁଲାଇଲାଣି ସେଇ ଗଞ୍ଜୋଡ଼ ନିଶାଡ଼ି ମହନ୍ତ, ପୁଣି ମୋ ସମ୍ପତ୍ତି ଉପରେ ତା'ର ଲୋଲୁପ ଆଖି ? ଗୋଟା ଖାଇଯିବି ତାକୁ ଜାଣିଛୁନା ? ଯା... ଯା... ବାହାର ଘରୁ । ପୋଡ଼ାମୁହାଁ ନିଜ ସ୍ତ୍ରୀ ଘର ସଂସାରକୁ ଜାଳି ପୋଡ଼ି ପାଉଁଶ କଲୁ, ତୋ ମନ ବୁଝିଲାନି, ଏବେ ଭିଟାମାଟିର ସମ୍ପତ୍ତିକୁ ଖାଇବୁ ?"

କୀର୍ତ୍ତନିଆ ପୁଅ ଚୁପ୍ କିନା ଇତ୍ୟବସରେ କେତେବେଳେ ମା'ର ଚଣ୍ଡୀ ମୂର୍ତ୍ତି ଦେଖି ଖସିଯାଇଛି, ଜେଜେମାଙ୍କୁ ଜଣା ନାହିଁ । ସେ କିନ୍ତୁ ଭୋ ଭୋ କାନ୍ଦି ଠାକୁର ଘରେ ରଘୁନାଥଙ୍କ ପାଖରେ ଢୋ ଢୋ ମୁଣ୍ଡ ପିଟି କ'ଣ ସବୁ କହୁଥିବା ସମୟରେ ଜଣେ ଲେଖାଯୋଖା ନାତି ଦୌଡ଼ି ଆସି କହିଲା - ହଇଲୋ ଜେଜେମା ହେଇ ଦେଖ ଦାଣ୍ଡ ଆଡକୁ, ତୋ ଟୁଉକୁମୂଷି କାରରୁ ଓହ୍ଲାଉଛି ପରା ।

ଜେଜେମା ଅଣ୍ଟା ସଳଖି ଉଠି ଠିଆ ହେଲା କ୍ଷଣି ନାତୁଣୀ ଜେଜେମାକୁ କୁଣ୍ଢାଇ କହିଲା - ଆଲୋ ଜେଜେମା,ତୋ ଆଖିରେ କଣ ଲୁହ ? କାନ୍ଦୁଥିଲୁ ନା କଣ ? ଜେଜେମାର କାନ୍ଦ ବାଡ଼ ବତା ମାନିଲାନି, ସେ ଖୁବ ଜୋରରେ କାନ୍ଦିବାକୁ ଲାଗିଲା ।

ରେଖା ନିଜର ଛାତିରେ ତାକୁ ଜାବୁଡି ଧରିବାରୁ ତା' କାନ୍ଦ ବନ୍ଦ ହେଲା କିଛି ମୁହୂର୍ତ୍ତ ଉତ୍ତାରୁ । ଜେଜେମା ସବୁ କଥା ନାତୁଣୀ ଆଗରେ କହିଲେ । ନିଜ ବାପାର ଅନ୍ଧଭକ୍ତି ଓ ମହନ୍ତର କଳା କାରନାମା ସମ୍ବନ୍ଧରେ ଆଗରୁ ତାଙ୍କୁ ସବୁ ଜଣା । ସେ ଜେଜେମାଙ୍କୁ ଛୋଟ ଝିଅ ଭଳି ବୁଝାଇ କହିଲେ - ଦେଖ ଲୋ ଜେଜେମା, ଆମ ଠାକୁରଙ୍କ ସହିତ ଘରବାଡ଼ି ଓ ଜମିଜମା କଥା ମୁଁ ଏଣିକି ସବୁ ବୁଝିବି । ଆମ ସମ୍ପତ୍ତି ସବୁ ଠିକ୍‌ଠାକ୍ ସୁରକ୍ଷିତ ରହିବ । ସେଥିପାଇଁ ତୁ ଚିନ୍ତା କରନା ।

ରେଖା ଜେଜେମାର ମନର ପରିବର୍ତ୍ତନ ଓ ଖୁସି ପାଇଁ କାଳବିଳମ୍ବ ନ କରି ତାକୁ ଧରି ମାଇନ୍ସକୁ ନେଇ ଆସିଲେ । ନାତୁଣୀର ଏତେ ବଡ଼ କ୍ୱାର୍ଟର୍ସର ସାଜସଜା ଦେଖି ଜେଜେମାଙ୍କ ଛାତି କୁଣ୍ଢେମୋଟ ଗର୍ବ ଓ ସଫଳତାରେ ଉହୁଁକି ଉଠିଲା । ତାଙ୍କର ଜୀବନଯାକ ହାଡ଼ଭଙ୍ଗା ପରିଶ୍ରମ ଆଜି ସଫଳ ହେଇଛି, ମନ ଖୁସିରେ ଉଛୁଳି ପଡ଼ିଲା ।

ଅଳ୍ପ କେଇଟା ଦିନରେ ଜେଜେମାଙ୍କର ସ୍ନେହ ଓ ଆଦରର ଉତ୍ତାଳ ତରଙ୍ଗ କୁଳଲଘିଂ ଅଫିସର୍ସ କଲୋନୀର ପ୍ରାୟ ସମସ୍ତଙ୍କୁ ବାନ୍ଧି ପକାଇଲା । ସେମାନଙ୍କର ଜେଜେମା ଜେଜେମା ସମ୍ବୋଧନରେ ସେ ଏବେ ସମସ୍ତଙ୍କର ଜେଜେମା ପାଲଟିଗଲେଣି । କେବଳ ସେତିକି ନୁହେଁ ମାଇନ୍ସର ପର୍ଶନେଲ ଅଫିସର ମିସ୍ ରେଖା ଦାସଙ୍କର ସଭିଙ୍କୁ ଆପଣାର କରିନେବା କଳା ମାଧ୍ୟମରେ ସେ କେବଳ ଜେଜେମାଙ୍କର ଅଲିଅଳ "ଟୁଉକୁ ମୂଷି" ନୁହନ୍ତି ବରଂ ସବୁ ଶ୍ରମିକ ଓ ଅଫିସର୍ସଙ୍କର "ଟୁଉକୁ ମୂଷି"ରେ ହେଲେ ପରିଣତ । ରେଖା ତାଙ୍କର ସହକର୍ମୀମାନଙ୍କୁ ଛାତି ଫୁଲାଇ କହନ୍ତି- "ଆମେ ମେନେଜମେଣ୍ଟ ପାଠ୍ୟକ୍ରମରେ ଯେଉଁ ସବୁ ବିଷୟ ପଢ଼ିଛନ୍ତି ତାହାର ଜ୍ୱଳନ୍ତ ପ୍ରୟୋଗଶାଳାର ମୂର୍ତ୍ତିମନ୍ତ ହେଉଛି ମୋ ଜେଜେମା । ସତରେ କି ତ୍ୟାଗ, କି ସାହସ, କି ଧୈର୍ଯ୍ୟ ତାଙ୍କର ସତେ !!!!"

ପ୍ରାୟ ନାତୁଣୀ ପାଖରେ ଛଅମାସ ରହିବା ଉତ୍ତାରୁ ଜେଜେମା ବାହାରିଲେ ଗାଁକୁ । ଘର ଓ ଜମିଜମାର ବୁଝାସୁଝା ଠିକ ଭାବେ ମୁଲିଆ ହରିଆ ତନ୍ତୀ କରୁଛି କି ନାହିଁ ଓ କୁଳଦେବତା ରଘୁନାଥଙ୍କର ପୂଜା ପୁରୋହିତ ଟିମା ପାଢ଼ି ରୀତିନିୟମରେ କରୁଛି କି ନାହିଁ,ସେ ସବୁ ଦେଖି ଆସିବେ । ଏଇୟା ତାଙ୍କର ଉଦ୍ଦେଶ୍ୟ ।

ରେଖା କହିଲେ- "ଠିକ ଅଛି ଜେଜେମା । ତତେ ମୋ ଡ୍ରାଇଭର ନେଇ ଗାଁରେ ଛାଡ଼ିଦେଇ ଆସିବ, ଗୋଟିଏ ସର୍ତ୍ତରେ ମାସେ କି ଦୁଇମାସ ପରେ ମୁଁ ନିଜେ ଯାଇ ତତେ ନେଇ ଆସିବି ।" ଜେଜେମା ନାତୁଣୀକୁ ପ୍ରତିଶ୍ରୁତି ଦେଇ ଗାଁକୁ ଚାଲି ଆସିଲେ ।

କିନ୍ତୁ ଜେଜେମାଙ୍କ ଅନୁପସ୍ଥିତି ଯୋଗୁ ରେଖାଙ୍କ ମନ ବୁଝୁ ନଥାଏ । ଜେଜେମାକୁ ନବେବର୍ଷ ହେଲାଣି । ଅନେକ ପ୍ରକାର ଦୁଶ୍ଚିନ୍ତାରେ ସେ ଡହଳବିକଳ ହେଉଥାନ୍ତି । ମାସେ ବିତିଛି କି ନାହିଁ, ହଠାତ୍ ସକାଳୁ ସକାଳୁ

ପୁରୋହିତ ଟିମା ପାଢ଼ିଙ୍କ ଠାରୁ ଫୋନ ଆସିଲା- “ନାନୀ, ଜେଜେମା ଆଜି ଠାକୁର ବାସନକୁସନ ସଫା କରୁଥିବାବେଳେ ଗୋଡ଼ ଖସିଗଲା । ହଠାତ ତଳେ ପଡ଼ିଗଲେ । ଚେତା ଆଉ ଫେରୁନି । ମୁଣ୍ଡରେ ଖୁବ ଜୋର୍‌ରେ ଆଘାତ ଲାଗିଛି ।”

ରେଖାଙ୍କର ଛାତି ଧଡ଼ପଡ଼ ହେବାକୁ ଲାଗିଲା । ପାଟି ଶୁଖି ଅଠା ହେଇଗଲା । ଆଖିରେ ଆଖିଏ ଲୁହ । ବାଷ୍ପରୁଦ୍ଧ କଣ୍ଠ । ମାଇନ୍ସ ହସପିଟାଲର ଦୁଇଜଣ ସିନିଅର ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଆମ୍ବୁଲାନ୍ସରେ ଗାଁକୁ ତୁରନ୍ତ ଚାଲିଆସିଲେ ।

ଜେଜେମା ଶୋଇଛି । ଡାକ୍ତର ଲାଇଫ ସେଭିଂ ଇଞ୍ଜେକ୍ସନ ଦେଲେ ସତ, କିନ୍ତୁ କୋଣସି ପ୍ରତିକ୍ରିୟା ନାହିଁ । ଡକ୍ଟର କହିଲେ - ମାଡାମ, ସିଭିଅର ବ୍ରେନ ଷ୍ଟ୍ରୋକ । ପଲ୍ସ ମିଳୁନି । ନିଶ୍ୱାସ ପ୍ରଶ୍ୱାସ ଚାଲୁନି । ଆଉ ସେ ନାହାନ୍ତି ବୋଧେ ।

ରେଖା ଖୁବ ଜୋରରେ ବାହୁନି ବାହୁନି କାନ୍ଦି ଜେଜେମାର ଛାତିକୁ କୁଣ୍ଢାଇ ଧରିଲେ । ଜୋରରେ ଡାକୁଥିଲେ - ଜେଜେମା ଲୋ... ଉଠ ଟିକେ । ମୋତେ ଚାହନା ଥରେ ।

କିନ୍ତୁ ନୋ ରେସପନ୍ସ ।

ରେଖା ଶେଷରେ ଦୁଇ ଚାମଚ ରଘୁନାଥଙ୍କର ପାଦୁକା ଜେଜେମା ପାଟିରେ ଦେଇ ଅତି କରୁଣ ସ୍ୱରରେ କହିବାକୁ ଲାଗିଲେ - "ଟୁଉକୁ ମୂଷି....ଟୁଉକୁ ମୂଷି ଧାନ ଭରଣକ ଖାଉଥା ବସି, ଧାନ ଛଡ଼େଇ ଚାଉଳ ଖାଆ, ଫୁର୍ କିନା ଉଡ଼ିଯାଆ ।"

ବଡ଼ ଆଶ୍ଚର୍ଯ୍ୟ ଘଟଣା । ଇୟେ କ'ଣ ଚମତ୍କାରିତା, ନା - ପ୍ରଭୁ ରଘୁନାଥଙ୍କର କୃପା, ନା - ଜେଜେମାର ରେଖାକୁ ଦେଖିବାର ଶେଷ କାମନାର ଫଳର ଅଭିବ୍ୟକ୍ତି !

ଜେଜେମାର ଆଖି ସାମାନ୍ୟ ଖୋଲିଲା, ଓଠରେ ସାମାନ୍ୟ ହସର ରେଖାଟିଏ ଆଙ୍କି ହେଇଗଲା, ନିଷ୍ପ୍ରାଣ ହାତରେ ସଂଚରିତ ହେଲା ପ୍ରାଣ-ଉର୍ଜ୍ଜା, ନାତୁଣୀକୁ ଜାବୁଡ଼ି ଧରିଲେ । ମୁହୂର୍ତ୍ତକେ ପୁଣି ଆଖି ଦୁଇଟି ଯେଉଁ ସ୍ଥିରକୁ ସେହି ସ୍ଥିର ହେଇଗଲା ।

ପୁରୋହିତ ଟିମା ପାଢ଼ି କାନ୍ଦକାନ୍ଦ ସ୍ୱରରେ କହିଉଠିଲା- “ନାନୀ, ଯାହାହେଉ ଜେଜେମା ତୁମକୁ ଚିହ୍ନି, ତୁମ ହାତରୁ ପ୍ରଭୁଙ୍କର ପାଦୁକା ପାଇ ବୈକୁଣ୍ଠବାସୀ ହେଇଗଲେ । ସତରେ ଧନ୍ୟ ତୁମେ ଟୁଉକୁ ମୂଷି ।”

●●●

**ମନୋଜ କୁମାର ମହାପାତ୍ର,** ଭୁବନେଶ୍ୱର । ସମ୍ପାଦକ ନିତିଦିନ, ନନ୍ଦିକା, ଓ ଉତ୍ତିଷ୍ଠତ । ପ୍ରକାଶିତ ପୁସ୍ତକ ସଂଭାର: ୧୨ଟି ଅନୁବାଦ ପୁସ୍ତକ, ୯ଟି ଉପନ୍ୟାସ, ୭ଟି ଜୀବନୀ, ୫ଟି ଗଳ୍ପ ସଂକଳନ, ୪ଟି ଶିଶୁ ସାହିତ୍ୟ ପୁସ୍ତକ, କବିତା ସଂଗ୍ରହ । ଏହା ସହ ଅନେକ ସାମ୍ପ୍ରତିକ, ଆଧ୍ୟାତ୍ମିକ ଓ ଅନ୍ୟାନ୍ୟ ବିଷୟରେ ନିୟମିତ ପ୍ରବନ୍ଧ ଲେଖନ୍ତି । ବହୁ ସାମାଜିକ, ସାରସ୍ୱତ ଓ ଆଧ୍ୟାତ୍ମିକ ସଂସ୍ଥାମାନଙ୍କ ସହ ଜଡ଼ିତ । www.manojmahapatra.in

# ତିନିଟି ମିନି କଥା

SRUJAN
The Creativity Journal
Srujan ISSN 2976-9329

## ଶିବ ମିଶ୍ର

**।। ରାଜାପୁଅ ହସ ଫୁଲ ।।**

ଅନେକ ଅପୂର୍ବ ରୂପବତୀ କନ୍ୟା ପ୍ରସ୍ତାବ ଆସିଲା, ହେଲେ ରାଜାପୁଅ ସବୁକୁ ଉହୁଁ କରିଦେଲେ । ତାଙ୍କର ସେହି ଗୋଟିଏ ଜିଦ୍ ସିଏ ସେଇ ଝିଅକୁ ବାହା ହେବେ ଯିଏ ହସିଲେ ଫୁଲ ଫୁଟିବ ।

ସ୍ୱର୍ଗରେ ଥିଲେ ଥିବ ସିନା ମର୍ତ୍ତ୍ୟରେ ଏମନ୍ତ କନ୍ୟା କାହୁଁ ମିଳିବ ! ମହାରାଜା ହତାଶ ହୋଇ ପଡ଼ିଥିଲେ । ତେବେ ମହାମନ୍ତ୍ରୀଙ୍କ ପରାମର୍ଶରେ ଏପରି କନ୍ୟାର ସନ୍ଧାନ ମିଳିଲେ ତୁରନ୍ତ ରାଜଦରବାରରେ ଉପସ୍ଥିତ କରାଇବା ପାଇଁ ସାରା ରାଜ୍ୟରେ ଡେଙ୍ଗୁରା ଦିଆଗଲା।

ଏହାପରେ ଦିନେ ଏକ ମଫସଲ ଗାଆଁର, ଗୋଟିଏ ଚାଉଳରେ ଗଢ଼ା ଝିଅଟିଏ ତା' ବାପା ସାଙ୍ଗରେ ଦରବାରକୁ ଆସିଲା । ରାଜାପୁଅ ତାକୁ ପଚାରିଲେ- ତୁମେ ହସିଲେ ଫୁଲ ଫୁଟିବ ?

ସେ ଝିଅ କହିଲା- ହଁ ଫୁଟିବ । କିନ୍ତୁ ଅନ୍ୟ ଆଗରେ ନୁହେଁ । କେବଳ ରଜାପୁଅଙ୍କ ପାଇଁ, ରଜାପୁଅଙ୍କ ପାଖରେ ମୁଁ ହସିଲେ ଫୁଲ ଫୁଟିବ ।

ରଜାପୁଅ ଆଉ କିଛି ନକହି ସେ ଝିଅକୁ ଚାହିଁ ହସିଦେଲେ । ତା'ପରେ ରାଜମହଲଟା ସଜେଇ ହୋଇଗଲା ଫୁଲରେ ।

**।। ବିଚିତ୍ର ଜୀବ ।।**

ଶ୍ରେଣୀ କକ୍ଷରେ ଶିକ୍ଷାର୍ଥୀମାନଙ୍କ ଉତ୍ତରଖାତା ପରଖୁଥିବା ଶିକ୍ଷକ, ଜଣେ ଛାତ୍ରକୁ ତାଙ୍କ ପାଖକୁ ଡାକି କହିଲେ- ଏ ଉତ୍ତର ତୁ ନିଜ ମନରୁ ଲେଖିନାହୁଁ, ତୋ'ମାଆ କହି ଦେଇଛନ୍ତି ।

ଛାତ୍ରଟି ମୁଣ୍ଡ ଟୁଙ୍ଗାରି 'ହଁ' କଲା ।

କିଛି ଦୂରରେ ଥାଇ,ଏହି ଘଟଣାକୁ ଦେଖୁଥିବା ପ୍ରଧାନଶିକ୍ଷକ ଆସି, ସେ ଛାତ୍ରର ଖାତାଟି ନେଇ ଦେଖିଲେ । ସେଥିରେ ଦୁଇଟି ପ୍ରଶ୍ନ ଥିଲା । ଏକ ନମ୍ବର ପ୍ରଶ୍ନ ଥିଲା- ଘରର ଖାଦ୍ୟ ଖାଇ, ଘରେ ରହୁଥିବା ପଶୁମାନଙ୍କୁ କ'ଣ କୁହାଯାଏ ? ଦୁଇ ନମ୍ବରରେ କୁହାଯାଇଥିଲା- ତୁମ ଘରେ ଥିବା ଏପରି ଏକ ପଶୁର ନାମ ଲେଖ । ଛାତ୍ରଟି ଏକ ନମ୍ବରରେ ଲେଖିଥିଲା- "ଗୃହପାଳିତ" । ଦୁଇ ନମ୍ବରରେ ଲେଖିଥିଲା- "ଜେଜେ ବାପା" ।

ପ୍ରଧାନଶିକ୍ଷକ ଖାତା ଦେଖିବା ପରେ ଶ୍ରେଣୀ ଶିକ୍ଷକଙ୍କୁ ପଚାରିଲେ- ଏଥିରୁ ଆପଣ କିପରି ନିଶ୍ଚିତ ହେଲେ ଯେ, ଏହି ଉତ୍ତର ତା'ର ମାଆ କହିଛନ୍ତି ?

ପ୍ରଧାନଶିକ୍ଷକଙ୍କୁ ଦୁଆର ପାଖକୁ ଡାକିନେଇ ଶ୍ରେଣୀ ଶିକ୍ଷକ କହିଲେ- ମୋର ତିନିବର୍ଷର ନାତି ତା' ମାଆଠାରୁ ଶୁଣି, ମୋତେ ଜେଜେ ନକହି, କହୁଛି- ବିଚିତ୍ର ଜୀବ ।

**।। ମିଛ ଗପର ସତ ରୂପ ।।**

ସେଦିନ ଆସରର ପ୍ରଥମ କବିତାଟି ଥିଲା, ରାଜ୍ୟର ଜଣେ ନାମକରା କବିଙ୍କର । କବି, ମଞ୍ଚରେ ଠିଆ ହୋଇ ତାଙ୍କ କବିତାର ଗୋଟିଏ ଗୋଟିଏ ଧାଡ଼ିକୁ ବାରମ୍ବାର ଘୋରିଘୋରି ଦଶ ଧାଡ଼ିର ପାଠକୁ ଏକ ଘଣ୍ଟାରେ ପଢ଼ି ଶୁଣାଇଲେ ।

ହେଲେ ଶ୍ରୋତାମାନଙ୍କ ଭିତରୁ କେହି ଜଣେ ବି କରତାଳି ଦେଲେ ନାହିଁ । କବି ଦୁଃଖର ସହିତ ନିଜ ମନକଥା ଆସରର ସଂଯୋଜକଙ୍କୁ କହିବାରୁ ସଂଯୋଜକ ଫଟ୍‌କିନା ଠିଆ ହୋଇପଡ଼ି ଶ୍ରୋତାମାନଙ୍କୁ ସମ୍ବୋଧନ କରି କହିଲେ- ଆସରରେ ବସୁଥିବା ସବୁ ଶ୍ରୋତା କବିତା ବୁଝିପାରନ୍ତି ନାହିଁ । ଯେଉଁମାନେ କବିତାର ଅର୍ଥ ବୁଝନ୍ତି, ଭାବ ଜାଣନ୍ତି, ତା'ର ଅନ୍ତରାତ୍ମାକୁ ଦେଖିପାରନ୍ତି, କେବଳ ସେହିମାନେ ହିଁ କରତାଳି ଦେଇ, ନିଜର ଜ୍ଞାନ ଗରିମା ଜାହିର୍ କରିବା ସହିତ କବିତାର ମର୍ଯ୍ୟାଦା ବୃଦ୍ଧି କରାଇଥାଆନ୍ତି ।

ସଂଯୋଜକଙ୍କ କଥା ସରିବାବେଳକୁ ଶ୍ରୋତାମାନେ ଜଣଜଣ ହୋଇ ତାଳି ମାରିବା ଆରମ୍ଭ କରିଦେଲେ । ସେ ଶବ୍ଦରେ ପରିବେଶ ଦୁଲୁକିଲା ।

ଶ୍ରୋତାମାନଙ୍କ କରତାଳି ବନ୍ଦ ହେବାର କିଛି ସମୟ ପରେ ପୁଣି କିଏ ଜଣେ ତାଳି ମାରିବାରୁ ସମସ୍ତଙ୍କ ନଜର ସେଇଆଡ଼କୁ ଟାଣି ହୋଇଗଲା । ଦେଖିଲା ବେଳକୁ ଶେଷ ଧାଡ଼ିର ଶେଷ ଚଉକିରେ ବସିଥିବା ଜଣେ ବୟସ୍କବ୍ୟକ୍ତି ଖୁବ୍ ଜୋରରେ ତାଳି ମାରିବାରେ ଲାଗିଥିଲେ ।

ଆସରର ସଂଯୋଜକ ତାଙ୍କୁ ପଚାରିଲେ- ଆପଣ କ'ଣ ଟିକିଏ ବିଳମ୍ବରେ କବିତାର ଅର୍ଥ ବୁଝିଲେ ? ସେ ବୟସ୍କ ବ୍ୟକ୍ତି କହିଲେ- ନା, ନା କବିତାର ଅର୍ଥ ନୁହେଁ, କବିତା ଆସରର ଅନ୍ତରକୁ ଦେଖିବାରେ ମୋର ଟିକିଏ ବିଳମ୍ବ ହୋଇଗଲା । ସେଥିପାଇଁ ବିଳମ୍ବରେ ତାଳି ମାରିଲି ।

ସଂଯୋଜକ ପଚାରିଲେ- ଆପଣ କ'ଣ ଦେଖିଲେ ? ସେ ବ୍ୟକ୍ତି ଉତ୍ତର ଦେଲେ- ଦେଖିଲି, ଉଲଗ୍ନ ସମ୍ରାଟ, ଚତୁର ବିଦୂଷକ, ତୋଷାମଦିଆ ପାରିଷଦବର୍ଗ, ଓ ଅଦ୍ଭୁତ ପୋଷାକକୁ ନେଇ ଲୋକମାନଙ୍କ ତୁଣ୍ଡରେ ଥିବା ପୁରୁଣା କାଳିଆ ମିଛ ଗପର ସତ ରୂପ ।

●●●

**ଶିବ ମିଶ୍ର**, ଏଯାବତ୍ ଆଠଶହରୁ ଅଧିକ ମିନି କଥା, କିଛି ବଡ଼ ଗଳ୍ପ, ତିନିଶହରୁ ଅଧିକ କବିତା, ହାତଗଣତି କେତୋଟି ପ୍ରବନ୍ଧ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ । ପ୍ରକାଶିତ ପୁସ୍ତକ-ଗଳ୍ପ ସଂକଳନ: ଚାଲିବାର ବେଳ, ଘର ନଥିବା ଘରର ଲୋକ,ଏଣୁ ତେଣୁ କିଛି କଥା, ନାଁ ନଥିବା ଗାଁ ର ଆଁ, ଶାମୁକାରେ ସମୁଦ୍ର, କେତେ ଛାଇ କେତେ ଆଲୁଅ । କବିତା ସଙ୍କଳନ: କୁହୁଳା ସଞ୍ଜ ଓ ସକାଳ ନିଆଁ, ପାଖୁଡ଼ାରେ କୃତ୍ତିବାସ, ସମ୍ପର୍କର ଛାଇ । ନାଟକ: ସାମ୍ନାରେ ସକାଳ, କାଠଭୂତ, ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ ହୋଇଛି, କିନ୍ତୁ ଅପ୍ରକାଶିତ ରହିଛି ଚାରିଟି ନାଟକ । ଚାକିରିରୁ ଅବସର ନେବା ପରେ ଶିକ୍ଷକ ଜୀବନର ଅନୁଭୂତି ସହ ଗାଁ'ର ମନୋରମ ଚିତ୍ର ସହିତ ଏଇ ମାଟିର ମଣିଷମାନଙ୍କର ଭଲମନ୍ଦକୁ ନେଇ "ଅବସର ବେଳର ହସ କାନ୍ଦ" ଶୀର୍ଷକ ପୁସ୍ତକ ପ୍ରକାଶ ଅପେକ୍ଷାରେ । ବାଣପୁରରେ ରହନ୍ତି ।

# ରୂପାନ୍ତର

SRUJAN
The Creativity Journal
Srujan ISSN 2976-9329

## ପ୍ରତିମା ବିଶ୍ୱାଳ

ମଲ୍ଲୀ ଫୁଲର ମାଳଟି ମଦନମୋହନଙ୍କର କଳା ମୂର୍ତ୍ତିକୁ ବେଶ୍ ମାନୁଥିଲା । ତା'ର ବାସ୍ନାରେ ମନ୍ଦିର ମହକି ଉଠୁଥିଲା । ଏଇ କେତେ ଦିନ ହେବ ଦଶବର୍ଷର ଝିଅଟିଏ ନିତି ସକାଳେ ବିଭିନ୍ନ ଫୁଲରେ ଯେମିତି ହେଉ ମାଳଟିଏ ଗୁନ୍ଥି ଚାଙ୍ଗୁଡ଼ିରେ ଆଣି ଥୋଇଦେଇଯାଏ । ନନା ପୂଜିଲା ବେଳେ ଭାରି ଖୁସି ହୋଇଯାଆନ୍ତି । କାହିଁକି ନା ମୋହନଙ୍କର କଳା ମୂର୍ତ୍ତିଟିକୁ ଝିଅଟି ଆଣି ଦେଇଥିବା ଫୁଲହାର ବେଶ୍ ମାନେ ।

ସେ ଫୁଲହାରକୁ ଦେଖିଲେ ନନାଙ୍କର ପିଲାଦିନ ମନେପଡ଼ିଯାଏ । ସକାଳ ହେଲେ ତାଙ୍କ ବୋଉ କିପରି ଶେଯ ଛାଡ଼ି ଫୁଲ ତୋଳିଯିବାକୁ କୁହାଟ ଛାଡ଼େ । ସାରା ଗାଆଁ ବୁଲି ବହୁତ ଫୁଲ ଆଣି ବୋଉକୁ ଦିଏ । ବୋଉ ସେ ସବୁଫୁଲକୁ ମାଳ ଗୁନ୍ଥି ଗାଆଁ ଶେଷ ମୁଣ୍ଡରେ ଥିବା ଜଗନ୍ନାଥ ମନ୍ଦିରରେ ଥୋଇ ମୁଣ୍ଡିଆ ମାରିଆସେ । ବୋଉର ଈଶ୍ୱରଙ୍କ ପାଖରେ ସଦାସର୍ବଦା ଗୋଟିଏ ପ୍ରାର୍ଥନା ଥାଏ, ମୁଁ କେମିତି ପାଠଶାଠ ପଢ଼ି ଭଲମଣିଷଟେ ହୁଏ ବୋଲି ।

କିନ୍ତୁ ମୋ ବୋଉର ସ୍ୱପ୍ନ, ସ୍ୱପ୍ନ ହେଇରହିଗଲା । ମୁଁ ପାଠ ପଢ଼ି ଉଚ୍ଚଶିକ୍ଷିତ ହେଲି ସତ, ଖଣ୍ଡେ ସରକାରୀ ଚାକିରି ପାଇଲିନାହିଁ । ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିବାରୁ କାହା ଅଧୀନରେ ରହି କାହା ବୋଲହାକ କରିବାକୁ ଇଚ୍ଛା ନଥିଲା । ବୋଉର ଚିନ୍ତା ବଢ଼ିଲା । ସେ ମତେ ବାଧକଲା ଚାକିରି ନ ମିଳିଲା ନାହିଁ, ତୁ ବାହା ହୋଇଯାଆ । ଏ ବଂଶର ଉତ୍ତରାଧିକାରୀ ଜନ୍ମ ନ ହେବା ଯାଏ ମୁଁ ଶାନ୍ତିରେ ମରିପାରିବିନି । ସେଦିନ ବୋଉ ପାଖରେ ଯୁକ୍ତି ବାଢ଼ିଥିଲି, "ମୁଁ ଯେଉଁ ଝିଅକୁ ବାହା ହେବି ତାକୁ ପୋଷିବି କିପରି ? ପୁଣି ଆମର ପିଲାଟିଏ ଜନ୍ମହେଲେ କେତେ ଖର୍ଚ୍ଚ ହେବ ।"

ବୋଉ ମୋର ପ୍ରତିବାଦ କରି କହିଲା, "ତୁ ସାତବର୍ଷର ହୋଇଥିଲୁ ତୋ ବାପା ଚାଲିଗଲେ । ମୁଁ ପୁଣି ମାଇପିଟା । ଏ ଯେତିକି ଘରବାଡ଼ି ଥିଲା, ସେଇଥିରେ ଯେଉଁ ନଡ଼ିଆ, ଗୁଆ, ଆମ୍ବ, ପଣସ ଫଳୁଚି ସେ ସବୁ ବିକ୍ରି କରି ତତେ ପାଠ ପଢ଼େଇଛି ନା ନାହିଁ । ସେଇଥିରେ ତୁ ତୋ ପରିବାରକୁ କ'ଣ ଚଳେଇ ପାରିବୁନି ?" ମୁଁ ବୋଉକୁ ବୁଝାଇବାକୁ ପୁଣି କହିଥିଲି, "ନାଇଁ ଲୋ ବୋଉ, ଆମେ ମାଆପୁଅ ଶାଗ ପଖାଳ ଖାଇ ବଞ୍ଚିଯାଉଥିଲୁ । ଆଜିକା ଝିଅକୁ ବାହା ହେଲେ ସେ ଏପରି ଚଳି ପାରିବନାହିଁ ।" ବୋଉର ଏକା ଜିଦ୍ ଥିଲା, ସବୁ ଠିକ୍ ହୋଇ ଯିବ, ତୁ ବାହା ହେବାପାଇଁ ମନା କରନା । ପଡ଼ିଶାଘର ବନା କାକା ଯେଉଁ ପ୍ରସ୍ତାବ ଦେଇଛନ୍ତି, ତୁ ସେ ପ୍ରସ୍ତାବରେ ରାଜି ହୋଇଯାଆ ।

ବୋଉର ଜିଦ୍ ଆଗରେ ମୁଁ ସିନା ରାଜି ହୋଇଗଲି, ବାହାଘର ଦୁଇବର୍ଷ ପରେ ପୁଅଟିଏ ଜନ୍ମ ହେଲା । ପୁଅ ଜନ୍ମର ଛଅମାସ ପରେ ବୋଉ ଚାଲିଗଲା । ବୋଉର ମୃତ୍ୟୁ ପରେ ଘରେ ଯାବତୀୟ ପ୍ରକାରର ଅଭାବ ଅସୁବିଧା ଦେଖାଗଲା । ସ୍ତ୍ରୀ ତୁଳସୀ ସହିତ ସବୁଦିନ ଝଗଡ଼ା ଲାଗିରହିଲା । ପୁଅର

ଦେହ ଖରାପ ହେଲା । ମୋ ପାଖରେ ସେତେବେଳେ କାଣିକଉଡ଼ିଟାଏ ନଥାଏ । କ'ଣ କରିବି କିଛି ଭାବି ପାରିଲିନି ।

ପୁଅକୁ ମେଡିକାଲରେ ଆଡ଼ମିଶନ କରି ମୁଁ ଭୁବନେଶ୍ୱରରେ ରହୁଥିବା ମୋର ଜଣେ ସାଙ୍ଗ ପାଖକୁ ଯାଇ କିଛି ଟଙ୍କା ଉଧାର ଆଣିବି ବୋଲି ବସ୍‌ରେ ବସିଲି । ଅଧବାଟରେ ବସ୍ ଖରାପ ହେଲା । ସବୁ ଯାତ୍ରୀମାନେ ବସ୍‌ରୁ ଓହ୍ଲାଇ ରାସ୍ତାକଡ଼ରେ ଛିଡ଼ାହେଲେ ଓ ମୋ ପାଖରେ ଜଣେ ଭଦ୍ରବ୍ୟକ୍ତି ତାଙ୍କ ପକେଟ୍‌ରୁ ପର୍ସ କାଢ଼ି ଟଙ୍କା ଗଣୁଥିଲେ । ସତରେ ଯେମିତି ମତେ ଲାଗିଲା, ତାଙ୍କ ପାଖରେ ବହୁତ ଟଙ୍କା ଅଛି, ଗଣିବା ସରୁନି ।

ସେତିକିବେଳେ କେତୋଟି ବୁଲାକୁକୁର କାମୁଡ଼ାକାମୁଡ଼ି ହୋଇ ସେ ଭଦ୍ରବ୍ୟକ୍ତିଙ୍କ ଉପରକୁ ଚଢ଼ି ଆସିବେ କ'ଣ ତାଙ୍କ ହାତରୁ ପର୍ସଟି ଖସି ପଡ଼ିଲା ମୋ ଗୋଡ଼ ଉପରେ । ସେ ଭଦ୍ରବ୍ୟକ୍ତି ଜଣଙ୍କ କୁକୁରମାନଙ୍କ ଭୟରେ ଅନ୍ୟ ଜାଗାକୁ ଦଉଡ଼ିଯିବା ବେଳେ ମୁଁ ସେ ପର୍ସଟିକୁ ଧରି ଗାଁକୁ ଫେରି ଆସିଲି । ମୋ ଭଙ୍ଗା ସାଇକେଲ ଧରି ଧାଇଁଲି ପୁଅ ଥିବା ମେଡିକାଲକୁ । ସେଇଠି ଛିଡ଼ା ହୋଇ ପର୍ସଟିକୁ ଖୋଲି ଦେଖେ ତ ତା ଭିତରେ ପାଂଚହଜାର ଟଙ୍କା ଥିଲା । ପୁଅର ଔଷଧପତ୍ର କିଣା ହୋଇଗଲା । ମୋ ସ୍ତ୍ରୀ ଅତ୍ୟନ୍ତ ଖୁସି ହୋଇଥିଲା ସତ, କିନ୍ତୁ ସେ ପଚାରିନଥିଲା ଏତେ ଟଙ୍କା କେଉଁଠାରୁ ଓ କେମିତି ମିଳିଲା । ପୁଅ ଦେହ ଭଲ ହୋଇଗଲା ସିନା ମୁଁ କେବଳ ଅନୁତାପ କରୁଥିଲି ସେ ଭଦ୍ରବ୍ୟକ୍ତି ଜଣଙ୍କ ସେଦିନ ତାଙ୍କ ଯାତ୍ରାପଥରେ ବିନା ଟଙ୍କାରେ କିପରି ପହଞ୍ଚିଥିବେ ।

ଏଇ ଦୁଶ୍ଚିନ୍ତା ମଧ୍ୟରେ ନିରୁପାୟ ହୋଇ ଗାଁ ଘରକୁ ଫେରିଥିଲି । ଘରେ ପାଦ ଦେବା କ୍ଷଣି ସ୍ତ୍ରୀ ତୁଳସୀର ଯାବତୀୟ ଜିନିସର ବରାଦ । ନ ଆଣିପାରିଲେ ସେ ନିଜେ ନିଜ ଭାଗ୍ୟକୁ ନିନ୍ଦା କରୁଥିଲା, କାହିଁକି ଗୋଟେ ବେରୋଜଗାରିଆ ପୁଅକୁ ବିବାହ କରି ତା' ଜୀବନର ସବୁ ସୁଖଶାନ୍ତିକୁ ହରେଇ ବସିଲା । ଛୋଟପୁଅର ଭବିଷ୍ୟତ କ'ଣ ଯେ ହେବ ଇତ୍ୟାଦି ଇତ୍ୟାଦି.... । ରାତି ପାହି ସକାଳ ହେଲେ ତା' କଟୁକଥା ମତେ ଅସହ୍ୟ ଲାଗୁଥିଲା ।

କିଛି ଉପାୟ ନପାଇ ଚୋରି କରିବା ଆରମ୍ଭ କଲି । କେବଳ ପକେଟ୍‌ମାର ଭଳି ଖରାପ କାମ ନୁହେଁ, ଅଂଧାର ରାତିରେ ଅଜଣା ଗାଁ'କୁ ଯାଇ ଘରେ ପଶି କାହାର ଗହଣା ଚୋରି କଲି ତ, କାହା ଘରୁ ଟଙ୍କା ଚୋରି କଲି, କେବଳ ତୁଳସୀ ଆଉ ମୋ ଛୋଟ ପୁଅକୁ ଟିକେ ଖୁସିରେ ରଖିବି ବୋଲି । ଚୋରି କଲା ବେଳେ ପ୍ରତିଥର ମୋ ବିବେକ ବାଧା ଦେଉଥିଲା । ଛିଃ ଶିବା ଛିଃ ! ତୁ ଏତେ ପାଠପଢ଼ି...... । ଅମାବାସ୍ୟା ରାତି ସବୁବେଳେ ରହେ ନାହିଁ । ଦିନେ ରାତିରେ ଚୋରି କରୁଥିଲା ବେଳେ ଧରାପଡ଼ିଗଲି । ଯେଉଁ ଘରୁ ଚୋରି କରୁଥିଲି ସେମାନେ ମତେ ବାନ୍ଧି ପକେଇ ବହେ ପିଟିଲେ । ସକାଳ ହେଲାରୁ ଗାଁ ଲୋକମାନେ ରୁଣ୍ଡ ହୋଇ ମତେ ବହୁତ ଛିଃ ଛାକରା କରି କହିଲେ- "ଏଡ଼େ ସୁନ୍ଦର ଭେଣ୍ଡିଆଟିଏ ହୋଇଚୁ, କାମଧନ୍ଦା ନକରି ଏମିତି ଚୋରି ଭଳି ଭୁଲ୍ କାମ କରି ଚଳୁଚୁ !"

କିଏ କହୁଥିଲା ପୋଲିସକୁ ଖବର ଦେଇ ଥାନାକୁ ପଠେଇ ଦିଅ । ପୁଅ, ମାମୁଁଘରେ ରହି ଲାଠି ପାହାର ଖାଇଲେ ଠିକ୍ ବାଟକୁ ଆସିଯିବ, ତ ଆଉ କିଏ କହୁଥିଲା- "ଚୋରି ଭଳି ଖରାପ୍ କାମ କରିବା ଅପେକ୍ଷା ଗେରୁଆ ଲୁଗା ପିନ୍ଧି ଚନ୍ଦନ ଚିତା ଟାଣି ଭିକ୍ଷା ବୃତ୍ତି କରି ଚଳୁନୁ ।"

ଗାଁର ସବୁ ଲୋକମାନେ ମତେ ଛି ଛାକରା କରୁଥିବା ବେଳେ ସେଇ ଗାଁର ଜଣେ ବୁଢ଼ାଲୋକ ଆସି ସବୁକଥା ଶୁଣି ମୋ ହାତ ପାଦରୁ ଦଉଡ଼ି ଖୋଲି ଦେଇ କହିଲେ- "ଛାଡ଼ିଦିଅ ତାକୁ ପୋଲିସ୍‌କୁ ଖବର ଦେବା ଦରକାର ନାହିଁ । ଯୁବକ ଜଣକ ହୁଏତ ତା'ର କିଛି ପରିସ୍ଥିତି ଖରାପ ଯୋଗୁଁ ଚୋରି କରୁଥିବ ।" ବୁଢ଼ାଲୋକଟିର କଥାରେ ସମସ୍ତେ ଚୁପ୍ ରହିଲେ ଓ ରାଜିହୋଇ ସେମାନେ ମତେ ଛାଡ଼ିଦେଲେ, କାହିଁକି ନା ସେ ଅଶୀ ବର୍ଷର ବୁଢ଼ାଲୋକ ଜଣଙ୍କ ସେ ଗାଁର ମୁରବି ଥିଲେ। ତାଙ୍କ କଥାକୁ କେହି ବି ଅମାନ୍ୟ କରୁନଥିଲେ ।

ବୁଢ଼ାଲୋକ ଜଣଙ୍କ ମତେ ତାଙ୍କ ଘରକୁ ଡାକି ନେଇଥିଲେ । ଏତେ ବଡ଼ ପ୍ରାସାଦ ଅଥଚ ଶୂନଶାନ୍ ଲାଗୁଥିଲା । ବୃଦ୍ଧ ଜଣଙ୍କ ପଚାରିଲେ, "ପୁଅ ତମର କେତେ ଟଙ୍କା ଦରକାର କୁହ ? ମୁଁ ଦେବି । ହେଲେ ଶପଥ କର ଯେ ଆଜିଠାରୁ ଏ ଚୋରି ଭଳି ଆଉ ଖରାପ କାମ କରିବ ନାହିଁ ।"

ବୃଦ୍ଧଙ୍କର କଥା ଶୁଣି ମୋ ଆଖି ଲୁହରେ ଜକେଇ ଆସିଲା । ମୁଁ ଚୋରି କରିବାର କାରଣ କ'ଣ ସବୁ ଖୋଲି କହିଥିଲି । ମୋ ସ୍ତ୍ରୀ କିନ୍ତୁ ଦିନେ ପଚାରିନାହିଁ ଏତେ ଟଙ୍କା ମୁଁ କେଉଁଠୁ କି କାମ କରି ଆଣୁଚି ବୋଲି । କାରଣ ତାକୁ ସୁଖରେ ରଖିବା ମୋର କର୍ତ୍ତବ୍ୟ । ସେ ବୃଦ୍ଧଜଣଙ୍କ ମୋତେ ଟାଣିନେଲେ ଏକ ସୁନ୍ଦର କୋଠରି ମଧ୍ୟକୁ । ସେ କୋଠରି ଭିତରେ ଅନେକ ଦାମୀ ଆସବାବପତ୍ର ଥିଲା । ଥିଲା କାଚର ଏକ ବଡ଼ ଆଲମାରି । ଯାହାକୁ ଦେଖି ମୋ ଆଖି ଲାଖିଗଲା । ଅନେକ ସୁନା ଅଳଙ୍କାର ସହିତ ବହୁତ ଟଙ୍କା ସେଥିରେ ଥିଲା । ବୃଦ୍ଧଜଣଙ୍କ କହିଲେ, "ତମର ଯେତେ ଟଙ୍କା ଦରକାର ନେଇପାର ଆଉ ଏଇ ସୁନା ଗହଣା ନେଇ ତମ ସ୍ତ୍ରୀକୁ ଖୁସିରେ ରଖିପାର । କିନ୍ତୁ ଚୋରି ଭଳି ଖରାପ କାମ ନ କରିବା ବଦଳରେ ।

ମୁଁ ପଚାରିଲି, "ଏସବୁ ମତେ ଦେଇଦେଲେ ଆପଣ ଚଳିବେ କିପରି ?" ସେ କହିଥିଲେ, " ମୋତେ ଅଶୀବର୍ଷ ହେଲାଣି । ଆଉ କେତେ ଦିନ ବଞ୍ଚିବି ଜାଣେ ନାହିଁ, ଆଉ ଏସବୁ ଭୋଗ କରିବାକୁ ମଧ୍ୟ କେହି ନାହାନ୍ତି । ମୋ ପୁଅ ଜଣେ ଆର୍ମି ଅଫିସର୍ ଥିଲା । ସେ ଶତ୍ରୁମାନଙ୍କୁ ପରାସ୍ତ କରିବାକୁ ଯାଇ ନିଜେ ସେମାନଙ୍କ ଗୁଳିମାଡ଼ରେ ମୃତ୍ୟୁବରଣ କଲା । ଗୋଟେ ବୋଲି ପୁଅର ମୃତ୍ୟୁ ଖବର ଶୁଣି ତା'ର ମାଆ ଏତେ ବଡ଼ ଦୁଃଖକୁ ସହିନପାରି କିଛି ମାସ ପରେ ସେପାରିକୁ ଚାଲିଗଲା । ବୋହୂ ମୋର ପାଗଳୀ ହୋଇ ତା' ବାପଘରେ ଅଛି । ଏ ବଂଶ ରଖିବାକୁ ମୋର କେହି ନାତି କି ନାତୁଣୀ ନାହାନ୍ତି । ସାଇତିଥିବା ଏ ଧନସଂପତ୍ତିକୁ ଭୋଗ କରିବାକୁ ମଧ୍ୟ କେହି ନାହାନ୍ତି । ଏ ଧନସଂପତ୍ତିକୁ ଦାନ କରିଦେଇଯିବି। ମୋ ଜୀବନର ଶେଷ ସମୟ ମତେ ଉପହାସ କରି କହୁଛି, "ତୋ ହାତଗୋଡ଼ ରହିଗଲେ କିଏ ତୋ ପାଖରେ ରହି ସେବା କରିବାକୁ ଅଛି ? ମୋ ଆଖି ଆଗରେ ଦେଖୁଚି ଅନେକ ବୁଢ଼ାବୁଢ଼ୀ ପରିଣତ ବୟସରେ ବିଭିନ୍ନ ରୋଗବୈରାଗରେ ପଡ଼ି ଯନ୍ତ୍ରଣା ସହିପାରୁନାହାନ୍ତି । କେତେ କରୁଣ ସେ ଦୃଶ୍ୟ ! ମୁଁ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଛି, ଶେଷସମୟରେ ତାଙ୍କ ଶରଣାଗତ ହୋଇ ଏସବୁ ଧନ ଦୌଲତକୁ ଗରିବମାନଙ୍କ ମଧ୍ୟରେ ବାଣ୍ଟି ଦେଇ ଶାନ୍ତିରେ ଟିକେ ମରେ ବୋଲି ।"

ବୃଦ୍ଧଙ୍କର କଥା ଶୁଣି ମୁଁ ବି ସେଦିନ ଭାବି ବସିଲି ଏ ଜୀବନର ମାନେ କ'ଣ ? ମୋ ଲକ୍ଷ୍ୟବିହୀନ ଜୀବନକୁ ନେଇ ନିଜକୁ ଘୃଣା ଲାଗିଲା । ବୃଦ୍ଧଙ୍କଠାରୁ ଟଙ୍କା ଓ କିଛି ଅଳଙ୍କାର ନେଇ ନିଦରେ

ଶୋଇଥିବା ସ୍ତ୍ରୀର ମୁଣ୍ଡ ପାଖରେ ଥୋଇଦେଇ ଗୋଟିଏ ଛୋଟ ଚିଠିରେ ଲେଖିଦେଇଆସିଥିଲି- "ଏ ବ୍ୟାଗ୍‌ରେ ଯେତିକି ଟଙ୍କା ଓ ସୁନା ଅଛି ତୁ ଓ ପୁଅ ନିଶ୍ଚିତ ଭାବରେ ଚଳିପାରିବ । ପୁଅକୁ ପାଠ ପଢ଼ାଇ ଜଣେ ଭଲ ମଣିଷ କରିବୁ । ମତେ କେବେ ଆଉ ଖୋଜିବୁନାହିଁ। ତୋ ନିଦ ଭାଙ୍ଗିଲା ବେଳକୁ ମୁଁ ମୋ ଜୀବନର ଅର୍ଥ ଖୋଜିବାକୁ ଯାଇ କେଉଁଠି ଥିବି ନିଜେ ବି ଜାଣେନାହିଁ ।"

ତା ପରେ ସେ ବୃଦ୍ଧ ଜଣଙ୍କୁ ସାଙ୍ଗରେ ନେଇ ସହରଠାରୁ ଅନେକ ଦୂରରେ ଏକ ଛୋଟ ଗାଁରେ ପହଞ୍ଚିଲି । ଗାଁର ଲୋକମାନେ ଗରିବ ହେଲେ ମଧ୍ୟ ଭାରି ସରଳ ଓ ଧାର୍ମିକ ଥିଲେ। ସବୁବେଳେ କର୍ମ କରି ଶାନ୍ତିରେ ବଞ୍ଚିବାକୁ ଚେଷ୍ଟା କରନ୍ତି । ଗାଁ'ର ଶେଷ ମୁଣ୍ଡରେ ସୁନ୍ଦର ଛୋଟନଈଟିଏ ବହି ଯାଇଛି । ସେଇଠି ଏଇ ମନ୍ଦିରଟି ତୋଳି ଶ୍ୟାମସୁନ୍ଦରଙ୍କର ମୂର୍ତ୍ତି ରଖି ପୂଜା କରି ଆଜି ଢେର୍ ଶାନ୍ତିରେ ବଞ୍ଚିଛି। ଏ ମନ୍ଦିର ତୋଳିବାରେ ସମସ୍ତ ଖର୍ଚ୍ଚ, ମୋ ସାଥିରେ ଆସିଥିବା ବୃଦ୍ଧଜଣଙ୍କ ବହନ କରିଥିଲେ । ମନ୍ଦିର ତୋଳି ଏକ ମହତ୍ କାର୍ଯ୍ୟ କରି ମୋରି ପାଖରେ ରହି ମୋ ସେବାରେ ହିଁ ସେ ଶାନ୍ତିରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସେହି ଲୀଳାମୟଙ୍କର ଅପାର କୃପାରୁ ଏଇ ଗ୍ରାମବାସୀମାନେ ପରସ୍ପର ସହିତ ଉତ୍ତମ ବୁଝାମଣା ରଖି ମିଳିମିଶି ଭଲରେ ଚଳୁଛନ୍ତି । ମୋର ଅବଶିଷ୍ଟ ଆୟୁଷ ଈଶ୍ୱରଙ୍କ ଦିବ୍ୟ କର୍ମରେ ଲିପ୍ତ ରହୁ । ଜୀବନର ପ୍ରକୃତ ଶାନ୍ତି ଈଶ୍ୱରଙ୍କ ଭକ୍ତିରେ ଓ ପ୍ରେମରେ ଥାଏ । ସେ ଲୀଳାମୟ ହରି ମୋ ଜୀବନର ତ୍ରୁଟି ସବୁକୁ ସଜାଡ଼ିଦେଇ ମୋତେ ତାଙ୍କ ଚରଣର ଦାସ କରିନେଇଥିବାରୁ ମୋ ଜୀବନ ଆଜି ଧନ୍ୟ ହୋଇଯାଇଛି ।"

ନନା ତାଙ୍କ ଜୀବନରେ ଘଟିଯାଇଥିବା କାହାଣୀ ଶୁଣାଇ ସମସ୍ତଙ୍କୁ ଅନୁରୋଧ କରି କହୁଥିଲେ, "ହେ ଅଜ୍ଞ ମଣିଷ ମାନେ ! ନିଜ ମୂଲ୍ୟବାନ ଜୀବନର ପ୍ରକୃତ ଅର୍ଥ ଖୋଜି ସତ୍‌ମାର୍ଗରେ ଚାଲିବାକୁ ଶିଖ । ସମସ୍ତ ତ୍ରୁଟିକୁ ସଜାଡ଼ି ଭଲମଣିଷ ହୁଅ । ପ୍ରତିଟି କର୍ମରେ ଈଶ୍ୱରଙ୍କୁ ସ୍ମରଣ କର । ସେ ତୁମମାନଙ୍କୁ ଉଚିତ ରାସ୍ତାରେ ନେଇ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେବେ ।" ପରିଶେଷରେ ସେ ସଂସାରର ସମସ୍ତ ପ୍ରାଣୀଙ୍କ ଦୁଃଖ ଯନ୍ତ୍ରଣା ଦୂର କରି ସମସ୍ତଙ୍କୁ ଈଶ୍ୱର ଶାନ୍ତି ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରି ନିଜର କଥା ଶେଷ କଲେ ।

●●●

ପ୍ରତିମା ବିଶ୍ୱାଳ, +୩ କଳା, ଗୃହିଣୀ । ଗଳ୍ପ, କବିତା, ପ୍ରବନ୍ଧ ଲେଖନ୍ତି । ଲେଖାଗୁଡ଼ିକ ସମାଜ, ଧରିତ୍ରୀ, ପ୍ରଗତିବାଦୀ, ସକାଳ, ପ୍ରମେୟ ଆଦି ଅନେକ ଖବରକାଗଜ ଏବଂ ଝଙ୍କାର, କାଦମ୍ବିନୀ, ନବଲିପି, କଥା, ପ୍ରତିବେଶୀ ତଥା ଆହୁରି ଅନେକ ପତ୍ରିକାରେ ସ୍ଥାନିତ । ଆକାଶବାଣୀ କଟକର ଯୁବବାଣୀ ତଥା ନାରୀମହଲରେ ଅନେକ ଲେଖା ଓ ଗୀତ ସ୍ଥାନିତ ହୋଇଛି । ଏବେ ଅନେକ ଜଗନ୍ନାଥ ଭଜନ ୟୁଟ୍ୟୁବରେ ମଧ୍ୟ ଉପଲବ୍ଧ ଅଛି । ରସବେରୁଆଁ, ତିର୍ତ୍ତୋଲରେ ରହନ୍ତି ।

# ବାସ୍ତବ ଚିନ୍ତା

Srujan ISSN 2976-9329

## ରମେଶ ଚନ୍ଦ୍ର ଦାଶ

ପୁରୀ ସହରର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହରିବାବୁ । ଚାଲିଚଳଣ ଅତି ସାଧାରଣ । ପୁଅଟି ଉଚ୍ଚ ଶିକ୍ଷିତ । ବାଙ୍ଗାଲୋର୍‌ରେ କୌଣସି ଏକ କମ୍ପାନୀରେ ଚାକିରି କରେ । ସେ ବାପା ହରି ମିଶ୍ର ଓ ମାଆ ଅରୁନ୍ଧତୀ ଦେବୀଙ୍କୁ ବାରମ୍ବାର ଅନୁରୋଧ କଲେ ପୁରୀ-ଘର ଭଡ଼ା ଦେଇ ବାଙ୍ଗାଲୋର ଚାଲି ଆସିବାକୁ । ନିଜର ଜନ୍ମଭୂମିର ବାସ୍ନାରେ ବିମୋହିତ ହରିବାବୁ ଯିବାକୁ ନାରାଜ । ସେ କହିଲେ, "ତୁମେମାନେ ସେଠାରେ ଥାଅ । ଆମେମାନେ ଏଠାରେ ଅଛୁ । ଯେଉଁଠି ବିଶ୍ୱଦେବତା ଜଗନ୍ନାଥ ଅଛନ୍ତି, ଆମେ ସେଇଠି ଚଳିଯିବୁ । ତୁମେମାନେ ସୁବିଧା ପାଇଲେ ଟିକେ ବୁଲିଯାଉଥିବ ।"

ତାଙ୍କର ପୁଅ ଓ ବୋହୂ କେବଳ ରାଜି ହେଲେ ନାହିଁ ଆଶ୍ୱସ୍ତି ଅନୁଭବ କଲେ ଯେ ବୁଢ଼ାବୁଢ଼ୀଙ୍କର ସେବା କରିବାକୁ ପଡ଼ିବ ନାହିଁ । ଯିଏ କହିଲେ ତାଙ୍କୁ କହିଦେବାକୁ ସୁବିଧା ହେଲା ଯେ ସେମାନେ ରାଜି ହେଉନାହାନ୍ତି ପୁରୀ ଛାଡ଼ି ଯିବାକୁ । ହରିବାବୁଙ୍କର ଗୋଟିଏ ବୋଲି ନାତୁଣୀ । ଭାରି ଗୁଲୁଗୁଲିଆ । ତାକୁ କୋଳରେ ଧରିବାକୁ ମନ ହେଲେ ବି ସେ ଚୁପ୍ ହୋଇ ରହିଥାଆନ୍ତି ।

ହରିବାବୁ ବହୁତ ଥର ଡାକନ୍ତି ପୁଅବୋହୂଙ୍କୁ ପୁରୀ ଆସିବାକୁ ନାତୁଣୀ ସହିତ । ସେମାନେ ବିଭିନ୍ନ କାମର ବାହାନା ଦେଖାଇ ଆସନ୍ତିନାହିଁ । ସୁବିଧା ପାଇଲେ ବୋହୂର ବାପଘର କୋଲକତା, ସେଠାକୁ ଯାଆନ୍ତି ।

ଥରେ ବହୁତ କଷ୍ଟରେ ସେମାନେ ଗୋଟିଏ ଦିନ ପାଇଁ ପୁରୀ ଆସିବେ ବୋଲି ଖବର ଦେଲେ । ତାର ମୂଳ କାରଣ ଥିଲା କୋଲକତାରୁ ସିଧା ବାଙ୍ଗାଲୋର ଯିବାକୁ ବିମାନ ଟିକେଟ ନମିଳିବାରୁ ଭୁବନେଶ୍ୱର ଦେଇ ଯିବାକୁ ହେବ ଯେତେବେଳେ ଅଳ୍ପ ଖର୍ଚ୍ଚରେ ଟିକେ ପୁରୀ ବୁଲିଯିବା । ଏହାଦ୍ୱାରା ଉଭୟ ଦିଅଁ ଦେଖା ଓ କଦଳୀ ବିକା ହୋଇଯିବ ।

ସେ ସିନା ଅଳ୍ପ ସମୟ ପାଇଁ ଆସିବେ । ତାଙ୍କ ପାଇଁ ପ୍ରସ୍ତୁତି ଥିଲା ସପ୍ତାହକର ହରିବାବୁଙ୍କ ପାଇଁ । ସେ ଘରଦ୍ୱାର ପରିଷ୍କାରରେ ଲାଗିପଡ଼ିଲେ ସତେ ଯେମିତି କୌଣସି ବିଶିଷ୍ଟ ଅତିଥି ଆସୁଛନ୍ତି । ବିଶେଷ କରି ପାଇଖାନା ଗୃହର ମରାମତି ଦିଗରେ ସେ ବେଶ୍ ତତ୍‌ପର ହୋଇଉଠିଲେ । ପାଇଖାନାର ଭିତର କାମ ସାରିବା ପରେ ଦ୍ୱାରଟି ବଦଳାଇବାକୁ ଚିନ୍ତାକଲେ । କାରଣ ପୂର୍ବଥର ଆସିବା ବେଳେ ବୋହୂ ପାଇଖାନାର ଦୃଶ୍ୟକୁ ଦେଖି ନାକ ଟେକି ଅନେକ କୁମନ୍ତବ୍ୟ ଦେଇଥିଲେ । ତାକୁ ଦୂରେଇବା ପାଇଁ ସେ ଶତଚେଷ୍ଟିତ । ଏଥର ଯେମିତି ସେ ମନ୍ତବ୍ୟ ଶୁଣିବାକୁ ସେ ଚାହୁଁନଥିଲେ ।

ସେଥିପାଇଁ ସେ ପାଇଖାନାର ସୁଦୃଶ୍ୟ ଦ୍ୱାର ସନ୍ଧାନରେ ସନ୍ଧ୍ୟାରେ ବଜାରକୁ ବାହାରିଲେ । ପୂର୍ବରୁ ଯିବା ଆସିବା ସମୟରେ ତାଙ୍କ ଆଖି ଆଗକୁ ଆସିଥିବା କେତେକ ଦୋକାନ ସମ୍ପର୍କରେ ଚିନ୍ତାକରି ଦୂରରୁ ଭଲ ଦେଖାଯାଉଥିବା ଗୋଟିଏ ଦୋକାନକୁ ଗଲେ । ଦୋକାନୀଟି ହରିବାବୁଙ୍କୁ ଦେଖି ଦେଖି

ନିଜ ଆସନରୁ ଉଠିପଡ଼ି ନମସ୍କାର ଜଣାଇ ଗୋଟିଏ ଆସନ ଦେଲା ବସିବାକୁ । ଗଳ୍ପଛଳରେ ଦୋକାନୀ କହିଲେ, "ଆଜି ମୁଁ ବହୁତ ଭାଗ୍ୟବାନ । ଆପଣଙ୍କ ଭଳି ଜଣେ ମହାନ୍ ବ୍ୟକ୍ତିଙ୍କ ପାଦ ଆଜି ମୋ ଦୋକାନରେ ପଡ଼ିବାରୁ ମୁଁ ଧନ୍ୟ ହୋଇଗଲି ।" ହରିବାବୁ ମନେମନେ ଭାବିବାକୁ ଲାଗିଲେ- ଏହିଠାରୁ ବୋଧେ ଭଲ ଦ୍ୱାରଟିଏ କିଣିଲେ ମୁଁ ମୋ ଶ୍ୱଶୁରପଣିଆ ଦେଖାଇବାକୁ ସମର୍ଥ ହେବି । ଆହୁରି ଅନେକ ପୂର୍ବ କଥା ଦୋକାନୀ କହିବା ସହିତ ହରିବାବୁଙ୍କ ଆସିବାର କାରଣ ପଚାରିଲେ । ତାଙ୍କ ପାଟିରୁ କଥା ସରୁନସରୁଣୁ ସେ ସଙ୍ଗେ ସଙ୍ଗେ ତାଙ୍କ ସହାୟକଙ୍କୁ ନିର୍ଦ୍ଦେଶ ଦେଲେ ଭଲ ଭଲ ଦ୍ୱାର ଦେଖାଇବାକୁ । ହରିବାବୁ ତରତର ହୋଇ ସହାୟକଙ୍କ ଆଡ଼କୁ ମୁହଁ ବୁଲାଇ ଉଠିବାକୁ ଉଦ୍ୟତ ହେଉଥିବା ବେଳେ ଜଣେ ବ୍ୟକ୍ତି ପ୍ରବେଶ କଲେ ଦୋକାନ ଭିତରକୁ । ସାମାନ୍ୟ ଗେଡ଼ା, ସ୍ୱାସ୍ଥ୍ୟ ମଧ୍ୟମ ଧରଣର । ସେ ଦୋକାନୀକୁ କହି ଚାଲିଲେ, "ମୁଁ ଆପଣଙ୍କ ଦୋକାନରୁ ଜିନିଷ କିଣି ବହୁତ ଭୁଲ କରିଛି । ଆପଣ ଦୟାକରି ହିସାବ କରି ଆପଣଙ୍କ ଟଙ୍କା ନେଇଯାଆନ୍ତୁ । ଏଥିପାଇଁ ମୁଁ ବହୁତ ଥର ଆସିଲେଣି । ପ୍ରାୟ ଦୁଇମାସ ଦୌଡ଼ିଲେଣି । ଆଉ ଦୌଡ଼ିବାକୁ ମୋର ବଳନାହିଁ ।" ଦୋକାନୀ ହସି ହସି କହିଲେ, "ଘର କଲେ ଏମିତି ଦୌଡ଼ିବାକୁ ହୁଏ । ଏତେ ବ୍ୟସ୍ତ ହେଲେ ଚଳିବ ? ମୁଁ ଆପଣଙ୍କ ସମସ୍ୟା ଦେଖିଯିବା ପାଇଁ ବହୁତ ଥର ଚେଷ୍ଟାକଲେ ବି ଯାଇପାରୁନାହିଁ ।" ଉକ୍ତ ଭଦ୍ରବ୍ୟକ୍ତିଙ୍କ କଥାରୁ ଜଣାପଡୁଥିଲା ଯେ ସେ ନେଇଥିବା ଜିନିଷରେ କିଛି ତ୍ରୁଟି ଯୋଗୁ ତାଙ୍କୁ ଅସୁବିଧା ହେଉଛି । ଦୋକାନୀ ନିଜେ ଦେଖି ତା'ର ସମାଧାନ କରିବାକୁ ବାରମ୍ବାର ଧାଇଁଲେ ତାର ସୁଫଳ ମିଳିପାରୁନାହିଁ ।

ଲୋକଟିର କଥା ଶୁଣି ହରିବାବୁ ସହାୟକ ପାଖକୁ ଯିବା ନିମନ୍ତେ ଯେଉଁ ଉଦ୍ୟତ ହେଉଥିଲେ ସେ ପୁଣି ବସିଲେ ଓ ମନେମନେ ଭାବିଲେ- ଏ ଲୋକକୁ ଦୁଇମାସ ହେଲା ହଇରାଣ କଲେଣି । ମୋର ତ ଏତେ ଡେରି ହେଲେ ଚଳିବ ନାହିଁ । କାରଣ ଦୁଇଦିନ ପରେ ପୁଅବୋହୂ ଓ ନାତୁଣୀ ଆସିବେ । ସେ ଦୋକାନୀକୁ କହିଲେ, "ମୁଁ ଆଉ ଟିକେ ଛାଡ଼ି ଆସୁଛି ।" ତାପରେ ସେ ଅନ୍ୟ ଗୋଟିଏ ଦୋକାନ ଅଭିମୁଖେ ଚାଲିଲେ । ଅଳ୍ପବାଟ ଯିବା ପରେ ସେଇଟି ଗୋଟିଏ ସୁଦୃଶ୍ୟ ଦୋକାନ । ହରିବାବୁଙ୍କୁ ବହୁ ଦୂରରୁ ନଜର ପକାଇ ଦୋକାନୀ ଡାକ ଛାଡ଼ିଲେ, "ଆପଣ କ'ଣ ଆମକୁ ଭୁଲିଗଲେ କି ? ଏଇବାଟେ ଯାଉଛନ୍ତି ଅଥଚ ଆମ ଆଡ଼େ ଟିକେ ଆସୁନାହାନ୍ତି ?" ହରିବାବୁଙ୍କର ତ ସେଠାକୁ ଯିବାର ଅଛି । ସେ ତେଣୁ ଚାଲିଲେ । ଦୋକାନୀ କିନ୍ତୁ ଭାବିଥାନ୍ତି ଯେ ତାଙ୍କରି ଡାକରାରେ ହରିବାବୁଙ୍କ ଭଳି ଜଣେ ଭଦ୍ରବ୍ୟକ୍ତି ତାଙ୍କ ଦୋକାନକୁ ଆସିଛନ୍ତି । ସେ ସଙ୍ଗେ ସଙ୍ଗେ ଦୁଇ କପ୍ ଚା ମଗାଇଲେ । ଦୁହେଁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁ କରୁ ଦୋକାନୀ ତାଙ୍କ ସହାୟକଙ୍କୁ ବୁଝାଇଦେଲେ ଯେ ଏ ହେଉଛନ୍ତି ଆମ ଦୋକାନର ପୁରୁଣା ଗରାଖ । ସେ ଯେତେବେଳେ ଆସୁଥିବେ ତାଙ୍କୁ କିଣାଦାମରେ ଜିନିଷ ଦେଉଥିବୁ । ହରିବାବୁ ଯଦିଓ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ତାଙ୍କ ଦୋକାନକୁ କେବେ ବି କିଛି ଜିନିଷ ନେବା ଭଳି ତାଙ୍କର ମନେନାହିଁ । ବେଳେ ବେଳେ ଏମିତି ଅସୁବିଧାରେ ପଡ଼ିବାକୁ ହୁଏ । ସେ ନାହିଁ ବି କରିପାରୁନଥାନ୍ତି ଯେ ପୂର୍ବରୁ କେବେ ବି ଆସିନାହିଁ ବୋଲି । ହରିବାବୁ ଯେତେବେଳେ ପାଇଖାନା ଦ୍ୱାରଟିଏ ନେବା ପାଇଁ ଆସିଛନ୍ତି ବୋଲି କହିବାରୁ ଦୋକାନୀ ସହାୟକଙ୍କୁ ଜିନିଷ ଦେଖାଇବାକୁ କହିଲେ ।

ସହାୟକ ଯୁବକ ଜଣଙ୍କ ହରିବାବୁ କହିବା ମୁତାବକ ଜିନିଷ ଦେଖାଉଥାଏ । ଏହି ସମୟରେ ଅନ୍ୟ ଜଣେ ବ୍ୟକ୍ତି ଆସିବାରୁ ମାଲିକ ତାଙ୍କ ପାଖକୁ ଗଲେ । ଲୋକଟି ବେଶ୍ ଡେଙ୍ଗା ଓ ସୁସ୍ଥସବଳ । ସେ ମାଲିକଙ୍କ ଆଡ଼କୁ ଗାରଡ଼େଇ ଚାହିଁ ରହିଥାଏ । ମାଲିକ କିନ୍ତୁ ହରିବାବୁଙ୍କ ଆଡ଼କୁ ବାହାନା କରି ଚାହିଁବାକୁ ବାରମ୍ବାର ଚେଷ୍ଟା କରୁଥାଆନ୍ତି । ଶେଷରେ ଆଗ୍ରହ ନଥିବା ହସଟାଏ ହସି ସେ କିଛି କହିବାକୁ ପ୍ରସ୍ତୁତ ହେଉଥିବା ବେଳେ ଦେଖ ତ ଗର୍ଜନ ସେହି ବ୍ୟକ୍ତିଙ୍କର ଦୋକାନ ମାଲିକ ଉପରେ । ଭଦ୍ରବ୍ୟକ୍ତି ଜଣଙ୍କ କହୁଥାନ୍ତି, "ତୋର ଯଦି ଶୁଝିବାର ଶକ୍ତି ନାହିଁ ତେବେ ନେଉଥିଲୁ କାହିଁକି ? ଆଜିକାଲି କରି ପ୍ରାୟ ଦୁଇମାସ ଠକିଲୁଣି । ଆଜି ନଦେଲେ ମୁଁ ଏଠାରୁ ଯିବିନି ।" ତାଙ୍କର ଏପରି କଥା ଶୁଣି ବିଚରା ଦୋକାନୀଟି ନେହୁରା ହୋଇ କହୁଥାଏ, "ଟିକେ ଅସୁବିଧା ପାଇଁ ଏତେଦିନ ରହିଗଲା । ଆଉ ଚାରିଦିନ ପରେ ମୁଁ ସବୁ ଶୁଝିଦେବି।" ଦୋକାନୀ ଓ ଭଦ୍ରବ୍ୟକ୍ତିଙ୍କ ମଧ୍ୟରେ ଏମିତି ବେଶ୍ କିଛି ସମୟ ପାଟିତୁଣ୍ଡ ଲାଗିରହିଲା । ସବୁ ଶୁଣି ହରିବାବୁ ପୁଣି ଚିନ୍ତାକଲେ- ଦୋକାନକୁ ଏତେ ସୁନ୍ଦର ଭାବରେ ସଜାଇଥିବା ଦୋକାନୀଙ୍କର ପୁଣି ଏ ଅବସ୍ଥା ! ସେଠାରୁ ସେ ଫେରିଆସିଲେ ।

ତାପରେ ଅନ୍ୟ ଗୋଟିଏ ଦୋକାନକୁ ଗଲେ । ପ୍ରକୃତରେ ଏହି ଦୋକାନୀଟି ପୂର୍ବରୁ ଟିକେ ଜଣାଶୁଣା ଥିଲା । ବେଶୀ ସାଜସଜ୍ଜା ନାହିଁ । ଦୋକାନୀ ଏକୁଟିଆ । ମୁହଁରେ ନିରାଶାର ହସ । ସେ ନମସ୍କାର ଜଣାଇ ଭିତରକୁ ଡାକି ଚୌକିଟିଏ ବସିବାକୁ ଦେଇ ଆସିବାର କାରଣ ପଚାରିଲା । ତାଙ୍କ ରୁଚି ମୁତାବକ ଜିନିଷ ଦେଖାଇଲା । ସେଥିରେ ସନ୍ତୋଷ ବ୍ୟକ୍ତ କଲେ ହରିବାବୁ । ସେ ଅଳ୍ପ କିଛି ସମୟ ଭିତରେ ନିଜେ ପ୍ରସ୍ତୁତ କରିପକାଇଲା ଦ୍ୱାରଟିକୁ । ଦୋକାନକୁ ବନ୍ଦ କରି ଟ୍ରଲି ରିକ୍ସା ଡକାଇ ନେଲା ଲଗାଇବାକୁ । ଏହା ଦେଖି ହରିବାବୁ ପଚାରିଲେ, "ତୁମର କ'ଣ କେହି ସହକାରୀ ନାହାନ୍ତି?" ନାହିଁକଲା ଦୋକାନୀଟି । ସେ କହିଲା, "ମୁଁ ଆପଣଙ୍କୁ ଯେମିତି ଜାଣେ ହୁଏତ ସହକାରୀଟି ସେମିତି ଆପଣଙ୍କୁ ଜାଣିନଥାନ୍ତା । ତେଣୁ ସେ ଆପଣଙ୍କ କାମ କରିବାରେ ଏପଟସେପଟ କରିପାରେ । ଗ୍ରାହକମାନଙ୍କୁ ସନ୍ତୁଷ୍ଟ କରିବା ମୋର ପ୍ରଥମ କାମ । ଦୋକାନ କରିଛି ଯେତେବେଳେ ଲାଭ ନେବା କଥା ହିଁ ନେବି । କିନ୍ତୁ ଗ୍ରାହକମାନଙ୍କୁ ଅସନ୍ତୁଷ୍ଟ କରି ନୁହେଁ ।"

ହରିବାବୁ ମନେମନେ ଚିନ୍ତାକଲେ ତାଙ୍କ ପୁଅବୋହୂ ଠିକ୍ ଅନ୍ୟ ଦୋକାନୀମାନଙ୍କ ପରି ଚାକଚକ୍ୟ ଭିତରେ ରହୁଛନ୍ତି । ବାସ୍ତବତା ଜାଣୁଥିଲେ ସେ ନିଶ୍ଚିତ ଭାବରେ ପୁରୀ ଆସନ୍ତେ, ପରିସ୍ଥିତି ସହିତ ଖାପଖୁଆଇ ଚଳୁଥିଲେ ମୋତେ ଏତେ ହିନସ୍ତା ହେବାକୁ ପଡ଼ିନଥାନ୍ତା ।

●●●

**ରମେଶ ଚନ୍ଦ୍ର ଦାଶ**, ଏମଏ, ବି.ଏଡ, ଦୀର୍ଘ ଚାରି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟରୁ ପିଲାମାନଙ୍କ ପାଇଁ ଲେଖୁଥିବା ଜଣେ ଜଣାଶୁଣା ବ୍ୟକ୍ତି । ଶିଶୁସାହିତ୍ୟର ବିଭିନ୍ନ ଦିଗ ଯଥା- ଗଳ୍ପ, କବିତା, ଶିଶୁ ଉପନ୍ୟାସ, ଏକାଙ୍କିକା ଆଦିରେ ଲେଖନୀ ଚାଳନା କରି ସେ ସୁନାମ ଅର୍ଜନ କରିଛନ୍ତି । ଏହା ବ୍ୟତୀତ ବିଭିନ୍ନ ପତ୍ରପତ୍ରିକାରେ ପ୍ରବନ୍ଧ ଲେଖି ବିଶେଷ ଆଦୃତ ହୋଇଛନ୍ତି । ଓଡ଼ିଶାର ପ୍ରାୟ ସମସ୍ତ ପ୍ରତିଷ୍ଠିତ ଶିଶୁସାହିତ୍ୟ ପତ୍ରିକାରେ ତାଙ୍କ ଲେଖା ପ୍ରକାଶିତ । ଏଥିପାଇଁ ସେ ଲାଭ କରିଛନ୍ତି ଓଡ଼ିଶା ରାଜ୍ୟ ଓ ରାଜ୍ୟ ବାହାରେ ବହୁ ପୁରସ୍କାର ଓ ସମ୍ମାନ । ତାଙ୍କର ୨୫ରୁ ଅଧିକ ବିଭିନ୍ନ ପ୍ରକାର ପୁସ୍ତକ ପ୍ରକାଶିତ । ଶିକ୍ଷାଶ୍ରୀ ଶିଶୁ ପାଠାଗାର, ପୁରୀର ପ୍ରତିଷ୍ଠାତା ।

# ଥୁଣ୍ଟା ବରଗଛ

SRUJAN
The Creativity Journal
Srujan ISSN 2976-9329

## ପୁଷ୍ପିତା ଜେନା

ହଠାତ୍ ଦିନେ ତାଙ୍କ ମନରେ ପ୍ରଶ୍ନ ଉଠିଥିଲା ଅନେକ କିଛି । ସତରେ କ'ଣ ମୁଁ ଥୁଣ୍ଟା ବରଗଛ ପାଲଟିଗଲି ? ତାପରେ ଅନେକ ଚିନ୍ତାରେ ବୁଡ଼ି ରହିଥିଲେ ସେ । ବୟସ ଅଶୀବର୍ଷରୁ ଊର୍ଦ୍ଧ୍ୱ ଥିଲା ତାଙ୍କର । ଜୀବନର ଅନେକ ସୋପାନ ଅତିକ୍ରମ କରି ଆସିଥିଲେ ମଧ୍ୟ ସେ ଜୀବନର ସଂଜ୍ଞା ଓ ଗତି ବିଷୟରେ ନିଜର ଜୀବନକୁ ଅନେକ କ୍ଷେତ୍ରରେ ବିଶ୍ଳେଷଣ କରି ଚାଲିଥିଲେ ।

ଉଚ୍ଚ ସମ୍ଭ୍ରାନ୍ତ ଜମିଦାର ବଂଶରେ ଜନ୍ମ ନେଇଥିଲେ ସେ । ବାପା ତାଙ୍କର ରାଜାଙ୍କଠାରୁ ଉପାଧି ଲାଭ କରିଥିଲେ । ସେମାନେ ତିନୋଟି ଭାଇ ଥିଲେ । ବାଲ୍ୟକାଳରୁ ତାଙ୍କର ମନ ପାଠପଢ଼ାରେ ଖୁବ୍ ଆକୃଷ୍ଟ ହୋଇଥିଲା । ମାତ୍ର "ବଡ଼ଘରେ ଛୋଟକଥା" । ତାଙ୍କର ବାପା ତାଙ୍କୁ ପାଠ ପଢ଼ିବା ପାଇଁ ଏତେ ପଇସା ଦେଉ ନ ଥିଲେ କିମ୍ବା ତାଙ୍କ ପିତାଙ୍କର ଇଚ୍ଛା ନ ଥିଲା କି ସେ ଅଧିକ ପାଠ ପଢ଼ି କାହାର ଭୃତ୍ୟ ପରି ଚାକିରି କରୁ, କାରଣ ଜମିଦାରମାନଙ୍କ ମନର ଏକ ଗର୍ବ ଭାବ ସ୍ୱାଭାବିକ ଭାବରେ ରହିଥିଲା । ତଥାପି ଅନେକ କଷ୍ଟରେ ହାଇସ୍କୁଲ ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ । ତା'ର ଦୁଇବର୍ଷ ପୂର୍ବରୁ ତାଙ୍କର ବିଭାଘର ଖୁବ୍ ଭଲ ପରିବାରରେ ସମାପ୍ତ ହୋଇଯାଇଥିଲା । ସେ ବାପା, ମା ଭାଇ ସମସ୍ତଙ୍କ ନିକଟରେ ଆକୁଳ ନିବେଦନ କରିଥିଲେ ଉଚ୍ଚ ଶିକ୍ଷା ଲାଭକରିବା ନିମିତ୍ତ । ମାତ୍ର କେହି ହେଲେ ତାଙ୍କ କଥାରେ ଏକମତ ହେଲେନି । ଶେଷରେ ସେ ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ କାର୍ଯ୍ୟରେ ଯୋଗଦାନ କଲେ । ସେ ସମୟରେ ହାଇସ୍କୁଲ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କର ମୂଲ୍ୟ ବହୁତ ଅଧିକ ଥିଲା । ଆଜିକାଲି କାହାକୁ ପଚାରିଲେ ସମସ୍ତେ ପ୍ରାୟ ଅଳ୍ପ, ବହୁତ, ଭଲ ପଢ଼ନ୍ତୁ ବା ଖରାପ, କଲେଜ ମାଟି ଟିକିଏ ମାଡ଼ିଆସୁଛନ୍ତି । ତାଙ୍କର ସାଙ୍ଗମାନେ ଅଧିକ ପାଠ ପଢ଼ି କିଏ କଲେକ୍ଟର ହେଲେ ତ କିଏ ବଡ଼ ବଡ଼ ପୋଲିସ୍ ଅଫିସର କିମ୍ବା ଡାକ୍ତର ।

"ଦୃଢ଼ ମନୋବଳ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଆଣିଦିଏ ।" ଏଇ ଶିକ୍ଷକ ଜୀବନ ମଧ୍ୟ ସେ ଖୁବ୍ ଉତ୍ସାହର ସହିତ ଅତିବାହିତ କରିଥିଲେ । ସେ ଗାଁ ବିଦ୍ୟାଳୟରେ ଚାକିରି କରି ମଧ୍ୟ ଛାତ୍ରଛାତ୍ରୀମାନଙ୍କର ଉନ୍ନତି ପାଇଁ ପ୍ରାଣପଣେ ଲାଗିପଡୁଥିଲେ । ସରସ୍ୱତୀ ପୂଜା ଓ ଗଣେଶ ପୂଜା ଇତ୍ୟାଦିରେ ସେ ବ୍ରାହ୍ମଣ ସହିତ ମିଶି ମନ୍ତ୍ର ପଢ଼ିବାଠାରୁ ପ୍ରସାଦ ତିଆରି କରିବାରେ ଲାଗିପଡୁଥିଲେ । ତେଣୁ ସେ ଅଞ୍ଚଳରେ "ଆଦର୍ଶ ଶିକ୍ଷକ" ହିସାବରେ ତାଙ୍କର ଖୁବ୍ ନାଁ ଥିଲା । ତାଙ୍କର ଛାତ୍ରଛାତ୍ରୀମାନେ ଅନେକ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ମଧ୍ୟ ତାଙ୍କର ପ୍ରଥମ ଗୁରୁଙ୍କୁ କେବେ ବି ଭୁଲିପାରିନାହାନ୍ତି ।

ଏମିତି କାର୍ଯ୍ୟମୟ ବ୍ୟସ୍ତତା ଭିତରେ ଗଡ଼ିଚାଲିଥିଲା ତାଙ୍କ ଜୀବନ । ଘରର ତଥା ଜମିବାଡ଼ି ଇତ୍ୟାଦି ଅନେକ ଦାୟିତ୍ୱ ତାଙ୍କୁ ବହନ କରିବାକୁ ପଡୁଥିଲା । ଅନ୍ୟ ଦୁଇଭାଇ ଖୁବ୍ ଅୟସରେ ଜମିଦାରୀ ରାଜା ପରି ନିଭାଇଲା ବେଳେ ଇଏ ତାଙ୍କର ଗୁମାସ୍ତା ପରି କାମ କରିଚାଲିଥିଲେ । ପତ୍ନୀ ମଧ୍ୟ ସବୁ ସମୟରେ ବେମାର ରହୁଥିଲେ । ଏତେଗୁଡ଼ିଏ ପିଲାଙ୍କ ପାଇଁ ସବୁବେଳେ ସମସ୍ତଙ୍କର ତାଙ୍କ

ପ୍ରତି କଟୁକ୍ତି ଭାବ ପ୍ରକାଶ ପାଉଥିଲା । ସେ କାହାରି କଥାକୁ ଭ୍ରୂକ୍ଷେପ ନ କରି ଆନନ୍ଦଲାଭ କରୁଥିଲେ । ତାଙ୍କର ଜ୍ୟେଷ୍ଠପୁତ୍ର ଓ ପୁତ୍ରବଧୂ ଦୁଇଜଣ ଖୁବ୍ ଆଦର୍ଶବାଦୀ ଓ ମାତୃପିତୃପରାୟଣ ଥିଲେ । ସେମାନେ ପରିବାରବର୍ଗ ନିଜର ପିତାମାତା ଏବଂ ଭାଇଭଉଣୀଙ୍କ ପ୍ରତି ନିଜର କ୍ଷମତା ଅନୁସାରେ ଯଥାର୍ଥ କର୍ତ୍ତବ୍ୟ କରିଚାଲିଥିଲେ । ସେଥି ନିମନ୍ତେ ସେ ବଂଶର, ବନ୍ଧୁବାନ୍ଧବ ତଥା ପଡ଼ୋଶୀ ସମସ୍ତଙ୍କର ପ୍ରଶଂସାର ପାତ୍ର ଥିଲେ ।

ସମସ୍ତେ ତାଙ୍କୁ ଡାକୁଥିଲେ "ଗଜି ସାରେ" ଓ "ମଝିଆଁ ବାବୁ" । ସେ ତାଙ୍କର ବଡପୁଅର ପାଞ୍ଚଟି ନାତିନାତୁଣୀଙ୍କୁ ଖୁବ୍ ପିଲାଟି ଦିନରୁ ଲାଳନପାଳନ, ନୀତିଶିକ୍ଷା, ବିଦ୍ୟାଦାନ କେଉଁ କାର୍ଯ୍ୟରେ ତ୍ରୁଟି କରି ନ ଥିଲେ। ନିଜର ତଥା ପାଖ ପଡ଼ୋଶୀ ସମସ୍ତଙ୍କର ପିଲାଙ୍କୁ ନିଃସ୍ୱାର୍ଥପର ଭାବରେ ଶିକ୍ଷାଦାନ କରୁଥିଲେ । ସେ କାହାରିକୁ କେବେ ପର ବୋଲି ଭାବୁ ନ ଥିଲେ । ତାଙ୍କର ଯତ୍ନ ଓ ପରିଶ୍ରମ ଫଳରେ ନିଜର ପିଲାଙ୍କୁ ଅଳ୍ପ ବହୁତ ଶିକ୍ଷିତ କରିବା ସଙ୍ଗେସଙ୍ଗେ ନିଜର ନାତିନାତୁଣୀମାନଙ୍କୁ ଖୁବ୍ ଭଲ ଭାବରେ ଶିକ୍ଷିତ କରିପାରିଥିଲେ । ନାତିନାତୁଣୀ ପାଞ୍ଚୋଟି ତାଙ୍କୁ ଖୁବ୍ ସମ୍ମାନ ଦେବା ସଙ୍ଗେ ସଙ୍ଗେ ବୃତ୍ତି ପାଇ ତାଙ୍କର ନାମକୁ ଉଜ୍ଜ୍ୱଳ କରି ଉଚ୍ଚପଦବୀରେ ଅଧିଷ୍ଠିତ ହୋଇପାରିଥିଲେ । ସେଥିପାଇଁ ସେ ନିଜକୁ ଖୁବ୍ ଖୁସି ଓ ସନ୍ତୁଷ୍ଟ ମନେକରୁଥିଲେ ।

ଏମିତିରେ ନିଜର ସ୍ତ୍ରୀ ରୋଗଶଯ୍ୟାରେ ପଡ଼ି ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ମଧ୍ୟ ସେ ନିଜର କାର୍ଯ୍ୟରେ ସର୍ବଦା ବ୍ୟସ୍ତରହି କେବେ ନିଜ ମନରେ କିଞ୍ଚିତ୍ ମାତ୍ର ଦୁଃଖକୁ ପ୍ରବେଶ କରିବାକୁ ଅନୁମତି ଦେଇ ନ ଥିଲେ । ତ ପରେ ପରେ ବଡ଼ଭାଇ, ଭାଉଜ, ସାନଭାଇ ଏବଂ ଗାଁର ସମବୟସ୍କ ତଥା କନିଷ୍ଠ ମାନେ କିଏ କୁଆଡ଼େ ମାଟିରେ ମିଶିଯାଇଥିଲେ ମଧ୍ୟ ସେ ଦମ୍ଭର ସହିତ ପର୍ବତ ପରି ଦଣ୍ଡାୟମାନ ହୋଇଥିଲେ ।

ଯେପରି ତାଙ୍କ ଉପରେ କାହାର କୋପ ଦୃଷ୍ଟିପାତ ହେଲାପରି ହଠାତ୍ ତାଙ୍କର ବଡଜ୍ୱାଇଁ ହୃଦ୍‌ରୋଗରେ ଖୁବ୍ କମ୍ ବୟସରୁ ଚାଲିଗଲେ । ତଥାପି ନିଜର ଅଦମ୍ୟ ଧୈର୍ଯ୍ୟଶକ୍ତି ବଳରେ ଅବିଚଳିତ ଥିଲେ ।

ସେ ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ନିଜର ନିତ୍ୟକର୍ମ, ସ୍ନାନାଦି କାର୍ଯ୍ୟ ସମାପନ ସହିତ ପୂଜାପାଠ ଓ ପ୍ରାଣାୟମ ଇତ୍ୟାଦି କରୁଥିଲେ । ପୋଖରୀରେ ମଧ୍ୟ ପଦ୍ମାସନରେ ଭାସୁଥିଲେ । ତାଙ୍କୁ ମଧ୍ୟ ଆୟୁର୍ବେଦିକ, ହୋମିଓପାଥିକ ଓ ନେଚୁରୋପାଥି ଇତ୍ୟାଦି ସମସ୍ତ ଜଣାଥିଲା । ରୋଷେଇଠାରୁ ସିଲେଇ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ସେ ଧୁରନ୍ଧର ଥିଲେ । ମାତ୍ର ଏତେଗୁଡ଼ିଏ ଗୁଣର ଅଧିକାରୀ ହୋଇ ମଧ୍ୟ ତାଙ୍କ ମନରେ ଟିକିଏ ବି ଗର୍ବ ଭାବ ନଥିଲା । ଗାଁର କୀର୍ତ୍ତନ ପୂଜାରେ ମଧ୍ୟ ଯୋଗଦାନ କରି ସଂଗୀତ ଓ କୀର୍ତ୍ତନ କରୁଥିଲେ । ତାଙ୍କର ରୂପ ମଧ୍ୟ ଅବର୍ଣ୍ଣନୀୟ । ହଳଦୀବର୍ଣ୍ଣର ଛଅ ଫୁଟ ତିନି ଇଞ୍ଚ ଉଚ୍ଚତାର ଓ ବଳିଷ୍ଠ ଚେହେରାକୁ ଯିଏ କେହି ଦେଖିଲେ ଦୃଷ୍ଟି ଫେରାଇପାରୁନଥିଲା ।

ସେ ଯେତେବେଳେ ମଝିଆ ନାତି ପାଖରେ ରହୁଥିଲେ କଲୋନୀର ସବୁଲୋକ ତାଙ୍କୁ ଜେଜେ ଡାକୁଥିବାରୁ ସେ ସମୟ ସମୟରେ ଥଟ୍ଟାରେ କହୁଥିଲେ "ମୁଁ କଣ ଜହ୍ନମାମୁଁ" ! ବାପାମା'ମାନେ

ଯେମିତି ଡାକିବେ ଜେଜେ ଛୁଆମାନେ ମଧ୍ଯ ସେମିତି । ତାଙ୍କୁ କଲୋନୀର ପିଲାମାନେ "କଲୋନୀ ହିରୋ" ନାମ ଦେଇଥିଲେ।

ଏମିତିରେ ମଧ୍ଯ ସେ ବହୁତ ସାହାଯ୍ୟକାରୀ ଥିଲେ । ଗାଁର ବା ପାଖ ପଡ଼ୋଶୀଙ୍କର ବିଭାଘର, ଦେହ ଓ ଭଲମନ୍ଦ ପୂଜା .... ଇତ୍ୟାଦିରେ କାହାର ନିମନ୍ତ୍ରଣକୁ ସେ ଅପେକ୍ଷା ନକରି ଆଗରେ ଠିଆ ହେଉଥିଲେ । ନିଜକୁ କେବେ "ଜମିଦାର" ବୋଲି ଭାବି ସେ ଗର୍ବ ପ୍ରକାଶ କରିନାହାନ୍ତି ।

"ଦଇବ ଦଉଡ଼ି ମଣିଷ ଗାଈ ଯେଣିକି ଟାଣଇ ତେଣିକି ଯାଇ" । ସେ ଯୋଗାସନ ଅବସ୍ଥାରେ ଛାତ ଉପରୁ କେଉଁ ବିଧାତାର କୁଟଚକ୍ରରେ ତଳକୁ ଖସିପଡ଼ି ଖୁବ୍ ଜୋରରେ ଆଘାତପ୍ରାପ୍ତ ହୋଇଥିଲେ । ତାଙ୍କୁ ଦେଖିବାକୁ ଲୋକଙ୍କର ଧାରା ଛୁଟିଚାଲିଲା । ବଡ଼ ନାତୁଣୀ ଓ ସାନନାତି ତଥା ଅନେକ ଲୋକଙ୍କର ସେବା ଓ ଚେଷ୍ଟା ଫଳରେ ସେ ଜୀବନ ପାଇ ଆରୋଗ୍ୟ ଲାଭ କରିଥିଲେ ମାତ୍ର ତାଙ୍କ ଅଣ୍ଟାରେ ଆଘାତ ଲାଗିଥିବାରୁ ଅନେକ ଚେଷ୍ଟା ସତ୍ତ୍ୱେ ସେ ଉଠିଚାଲିବାର ଦମ୍ଭ ହରାଇ ବସିଲେ । ଶେଷକୁ ବିଛଣାରେ ଶଯ୍ୟାଶାୟୀ ଅବସ୍ଥାରେ ପଡିରହିଲେ । ସମୟେ ସମୟେ ମାନସିକ ଶକ୍ତିକୁ ଦୃଢ଼ କରି ଉଠିବସୁଥିଲେ ଓ ବିକୃତ ହୋଇଯାଇଥିବା ହାତରେ ନିଜର ଦସ୍ତଖତ ତଥା ଚିଠି ଲେଖିବା ଅଭ୍ୟାସରେ ଲାଗିପଡୁଥିଲେ ।

ସେହି ସହରରେ ତାଙ୍କର ଦୁଇଟି ପୁତ୍ର ଓ କନ୍ୟା ନିଜର ପରିବାର ସହିତ ଆଡ଼ମ୍ବର ଜୀବନଯାପନ କରିଚାଲିଥିଲେ ମଧ୍ଯ ପିତାଙ୍କର ଏ ଭାର ବହନ କରିବାକୁ ସେମାନେ ଥିଲେ ନାରାଜ । ସେ ଜୀବନରେ ଅନେକ କଷ୍ଟ ଦେଖିଥିଲେ ମଧ୍ଯ ତାଙ୍କୁ ଏ ଛୋଟ ଛୋଟ କଷ୍ଟଗୁଡ଼ିକ ଅଧୈର୍ଯ୍ୟ ମନେହେଉଥିଲା । ଶେଷରେ ନିଜର ସର୍ବସ୍ୱ ମନେକରୁଥିବା ନାତିନାତୁଣୀ ତାଙ୍କର ସେବାରେ ନିଜର ମନପ୍ରାଣକୁ ଉତ୍ସର୍ଗ କରି ଦେଇଥିଲେ । ବୟସର ସୋପାନ ଗଡ଼ିଚାଲିଥିଲେ ମଧ୍ଯ ସେ କୂଳ କିନାରା ପାଉନଥିଲେ ।

ତେବେବି ଭଗବାନଙ୍କ ଖେଳ ସରିନଥିଲା ତାଙ୍କ ପାଇଁ । ତାଙ୍କ ଜୀବନର ସର୍ବସ୍ୱ ବୋଲି ମନେକରୁଥିବା ବଡ଼ପୁଅ ମଧ୍ଯ ତାଙ୍କର ଚକ୍ଷୁ ସମ୍ମୁଖରେ ଇହଲୀଳା ସମ୍ବରଣ କଲା । ସେ ମଥା ପିଟି ପିଟି ଚିତ୍କାର କରୁଥିଲେ କେତେ ଆଉ କଷ୍ଟ ସହିବାକୁ ଭଗବାନ ତାଙ୍କୁ ଏ ଧରାକୁ ପଠାଇଛନ୍ତି ?

ପୁନଶ୍ଚ ଧୈର୍ଯ୍ୟଶକ୍ତିକୁ ଏକାଠି କରି ସେହି ବିଛଣାରେ ପଡ଼ିରହି ଭଗବାନଙ୍କୁ ପ୍ରାର୍ଥନା କରୁଛନ୍ତି- “ହେ ଭଗବାନ ! ମୋତେ ତୁମ କୋଳରେ ସ୍ଥାନ ଦିଅ ।” ସେହି ବିଛଣାରେ ପଡ଼ିରହି ସମସ୍ତଙ୍କୁ ଦେଖିଚାଲିଛନ୍ତି ଓ ଦୁନିଆକୁ ବିଶ୍ଳେଷଣ କରୁଛନ୍ତି । ସତେ ଯେପରି ସେ ଏକ "ଥୁଣ୍ଟା ବରଗଛ" । ବରଗଛ ଯେପରି ନିଜର ଛାୟାପ୍ରଦାନ କରି ସମସ୍ତଙ୍କର କ୍ଳାନ୍ତି ଦୂର କରେ ଓ ସମସ୍ତେ ତାର ଓହଳରେ ଖେଳିକୁଦି ମନୋରଞ୍ଜନ କରନ୍ତି । ତା ସଙ୍ଗେ ସଙ୍ଗେ କେହି କେହି ମଧ୍ଯ ବରଗଛଟିକୁ ନିଷ୍ଠାର ସହିତ ପୂଜାକରନ୍ତି । ମାତ୍ର ସେ ବରଗଛ ଯେତେବେଳେ ବୃଦ୍ଧ ଓ ପତ୍ରଶୂନ୍ୟ ହୋଇ ଛାୟା ପ୍ରଦାନ କରିବାର ଶକ୍ତି ହରାଇଦିଏ କେହି ତା’ ପାଖ ସ୍ପର୍ଶ କରିବା ତ ଦୂରର କଥା ତା ଆଡ଼କୁ ଟିକିଏ ନଜର ମଧ୍ଯ ଦିଅନ୍ତିନି, ହତାଦର କରିଚାଲିଥାନ୍ତି । ମାତ୍ର "ଥୁଣ୍ଟା ବରଗଛ"ଟି ବୃଦ୍ଧ ଜୀବନଯାପନ କରୁଥିଲେ ମଧ୍ଯ ସବୁ ଦେଖୁଥାଏ ଓ ଶୁଣୁଥାଏ । ମାତ୍ର ନିଜର କିଛି କରିବାର ଶକ୍ତି ନ ଥିବାରୁ "କିଂକର୍ତ୍ତବ୍ୟବିମୂଢ଼" ହୋଇ କିଛି କୁହେନି, ସବୁ ସହ୍ୟ କରିନିଏ । ଠିକ ସେହିପରି ସେ ନିଜର ସାଥୀ ବିଛଣାରେ ପଡ଼ି ମଥା ପିଟନ୍ତି

ଏ ସଂସାରରୁ ମୁକ୍ତି ପାଇବାକୁ ଓ "ଭୀଷ୍ମଙ୍କ ପରି ଶରଶଯ୍ୟାରେ ରହି ଇଚ୍ଛାମୃତ୍ୟୁ ବରଣ କରିନେବାକୁ" । ହେଲେ ଇଚ୍ଛାମୟଙ୍କର ଇଚ୍ଛାକୁ ଅପେକ୍ଷମାଣ ଥିଲେ ।

●●●

**ପୁଷ୍ପିତା ଜେନା**, କ୍ଷୁଦ୍ରଗଳ୍ପ, ଶିଶୁଗଳ୍ପ, ପ୍ରବନ୍ଧ, କବିତା, ଭ୍ରମଣ କାହାଣୀ ଓ ଅନୁଭୂତି ଇତ୍ୟାଦି ଲେଖନ୍ତି । ସେସବୁ ଓଡିଶାର ପତ୍ରପତ୍ରିକାରେ ପ୍ରକାଶିତ । ପୁସ୍ତକ: ମାନବ ସେବା ହିଁ ଈଶ୍ୱର ସେବା (୨୦୧୦), ଶିଶୁଗଳ୍ପ ସଂକଳନ; ଆଣ୍ଡାମାନ ଦ୍ୱୀପପୁଞ୍ଜରେ କେତୋଟି ଦିନ (୨୦୧୧), ଭ୍ରମଣ କାହାଣୀ; ଜୀବନ ଧାରା (୨୦୧୦) ଗଳ୍ପ ସଂକଳନ; ମୋ ଗାଁ ମାଟି ମୋର ଅଲିଭା ସ୍ମୃତି (୨୦୨୪) ଅନୁଭୂତି ଗଳ୍ପ । ପ୍ରଜ୍ଞାମୟୀ ସମ୍ମାନ (୨୦୦୭), ବିଷୁବ ସମ୍ମାନ ୨୦୧୧ (ସଂକ୍ରାନ୍ତି ସାହିତ୍ୟ), ଗଳ୍ପ ସମ୍ମାନ ୨୦୧୧ (ଓଡ଼ିଆ ଲେଖକ ଲେଖିକା ପରିଷଦ), ନିଖିଳ ଉତ୍କଳ ଶିଶୁ ସାହିତ୍ୟ ଏକାଡେମୀ ସମ୍ମାନ (୨୦୧୧), ଫକୀର ମୋହନ ସେବା ସମ୍ମାନ (୨୦୧୧), ଫକୀର ମୋହନ ସ୍ମୃତି ସଂସଦ, ବରଦା ଶ୍ରୀ ସମ୍ମାନ (୨୦୧୨-୧୩), ସର୍ବ ଭାରତୀୟ ସାରସ୍ୱତ ସମାରୋହ, ପରଶମଣି ପାଠକ ସମ୍ମାନ (୨୦୧୫), ସୁଲେଖା ନୀଳକଣ୍ଠ ପୀଠ ସ୍ମୃତି ଯୁବ ପ୍ରତିଭା ସମ୍ମାନ (୨୦୧୪), ୬୫ତମ ଶିଶିର ସମ୍ମାନ (୨୦୨୪), ସାହିତ୍ୟ ସଂସଦ, କଟକ । ସେ ଦିଲ୍ଲୀରେ ରହନ୍ତି ।

# କଟକ

Srujan ISSN 2976-9329

## ମାନସ ରଞ୍ଜନ ମହାପାତ୍ର

ମୁଁ ଅପେକ୍ଷା କରିଥିବି
ଏ ସହର ବିଦେଶୀ ବାଦଲମାନେ
ସେ ସହର ମହାନଦୀ, କାଠଯୋଡ଼ି ସ୍ରୋତେ
ଲୀନ ହେବାଯାଏ
ଖବର ମିଳିବ ଯେବେ ମୋ ସ୍ୱପ୍ନ ପହଞ୍ଚିଯାଏ
ସେ ସହରେ ହଜିଥିବା ମୋ ଗଲା ଠିକଣାରେ
ଶିଶୁ ଭବନ ଛକରେ
ଏବଂ ମତେ ଖୋଜୁଥାନ୍ତି ବନ୍ଧୁମାନେ
ଚାନ୍ଦିନୀ ଚୌକରେ ଅବା
ରେଭେନ୍ସା ନିୟୁ ପିଜି ହଷ୍ଟେଲରେ

ମନେ ଅଛି ସେଠି ଥିଲା ଗୋଟେ
ସୁଷମା ଭବନ
ରହୁଥିଲେ ସଦାଶିବ ଭାଇ
କଲ୍ୟାଣୀ ଅପା ବି ରହୁଥିଲେ ତୁଳସୀପୁରରେ
କାଳିଗଳିରୁ ଚାଲିଚାଲି ଯାଉଥିଲି
କାଠଯୋଡ଼ି କୂଳେ କୂଳେ କଲେଜ ଛକକୁ
ମନେଅଛି ଦିନେ ବାଲୁବଜାରରେ ହଜିଗଲି ଯେ
ପହଞ୍ଚିଲି ଦିଲ୍ଲୀରେ, ଗ୍ରୀନ୍ ପାର୍କରେ
ସବୁ ମନେଅଛି, ମନେଅଛି ସୂରଜ ଟକିଜ୍, ବିଷୁବ ମିଳନ

କଟକ ମୋ ପ୍ରଥମ ପ୍ରେମିକା
ଭୁଲିବି କେମିତି !
●●●

# ଅରୂପ

Srujan ISSN 2976-9329

## ମାନସ ରଞ୍ଜନ ମହାପାତ୍ର

ତୁମଠି ହାତ ପହଞ୍ଚି ପାରେନାହିଁ
କାରଣ ତମେ କୁଆଡ଼େ ପବନ ପରି ଘୁଞ୍ଚି ଯାଅ
ନିଶ୍ୱାସର ଦୋଳନରେ
ଏବଂ ବିଞ୍ଚି ହେଇଯାଅ ଫୁଲହେଇ
ମଳିନା ମାଟିର ପ୍ରତ୍ୟୟରେ

ଜୀବନ କିନ୍ତୁ ଧକ୍କା ଖାଏ ବସନ୍ତରେ
କେବେ କେବେ ତୁମରି ଇଚ୍ଛାରେ
ବସନ୍ତ ପାଲଟିଯାଏ ବର୍ଷାର ଅଜଣା ଶ୍ଳୋକ
କାହାଣୀ ପରି ଗଢ଼ି ଯାଏ ଉପଲଦ୍ଧିର ମହାସ୍ରୋତ
ନାହିଁ ଭିତରେ ହଁ ଓ
ବାଲି ଭିତରେ ମହାସମୁଦ୍ରକୁ
ଅନୁଭବ କରିହୁଏ
ତୁମକୁ ଖୋଜିଲେ

ତୁମରି ସ୍ୱରରେ
ମୁଖରିତ ହୋଇଯାଏ ଏବେ
ହୃଦୟର ଦ୍ୱାର
କେଜାଣି କେମିତି ମନେହୁଏ:
ତୁମେ ମୋର ଆଖିର ଚେତନା ଏବଂ
ମୁଁ ତୁମର କାଗଜର ଘର ।।

•••

# ଅପରାଜେୟ

Srujan ISSN 2976-9329

## ମାନସ ରଞ୍ଜନ ମହାପାତ୍ର

ତୁମେ ଜିତିବା ପାଇଁ
ମୋ ହାରିବା କ'ଣ ନିହାତି ଦର୍କାର ?

ମୋର ଛିନ୍ନଛତ୍ର ହେଇଯିବା
ହତାଶ ହେଇ ଘୂରି ବୁଲିବା ପାଗଳ ପଣରେ
ଯଦି ତୁମର ଆନନ୍ଦ
ସେଇ ହିଁ ମୋର ଶିରୋଧାର୍ଯ୍ୟ

ସବୁ ଜିତ୍‌ରେ ଥାଏ ଗୋଟେ
ଅଦୃଶ୍ୟ ପରାଜୟର ସମ୍ଭାବନା
କିଏ ଜାଣେ କାଲି କାହା ମଥାରେ
ଲାଗିବ ମୁକୁଟ
ଚାଦର ଉଡ଼ିଯିବ ଏ କାନ୍ଧରୁ
ଆର କାନ୍ଧ

ପାରୁଚ ଯଦି ବଞ୍ଚେଇ ରଖ ନିଜ କାନ୍ଧକୁ କାଲି ପାଇଁ
ସାମ୍ନାରେ ଅପେକ୍ଷା କରିଛି
ଅନନ୍ତ ସମୟ !!

●●●

**ମାନସ ରଞ୍ଜନ ମହାପାତ୍ର** ଜଣେ କୁଶଳୀ ସମ୍ପାଦକ ଭାବେ ଭାରତର ସର୍ବୋଚ୍ଚ ସରକାରୀ ପ୍ରକାଶନ ସଂସ୍ଥା ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆରେ ମଧ୍ୟ-ବରିଷ୍ଠ ସମ୍ପାଦକ ଭାବେ କାର୍ଯ୍ୟ କରିବା ସହ ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ରର ମୁଖ୍ୟ ରୂପେ କାର୍ଯ୍ୟ କରିଛନ୍ତି । ଉତ୍ତର ପୂର୍ବାଞ୍ଚଳର ସଂସ୍କୃତି ନିର୍ଦ୍ଦେଶକ ଭାବରେ ମଧ୍ୟ ତାଙ୍କ ଉଦ୍ୟମରେ ବହୁ ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା ହେବା ସହ ଅନେକ ସାଂସ୍କୃତିକ ଉତ୍ସବ ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଛି । ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ସେ ଶତାଧିକ ଗଳ୍ପ, ପ୍ରବନ୍ଧ,ଏକାଙ୍କିକା, ସଂସ୍ମରଣ, ଅନ୍ତରଙ୍ଗ ଆଳାପ, ବିଜ୍ଞାନ କଥା, ଫିଚର୍, ଶିଶୁ ସାହିତ୍ୟ ଓ ସହସ୍ରାଧିକ କବିତା ଲେଖିଛନ୍ତି । ତାଙ୍କର ଅଦ୍ୟାବଧି ଛ'ଟି କବିତା ସଙ୍କଳନ, ଗୋଟିଏ ଗଳ୍ପ ସଂକଳନ, ଇଂରାଜୀ ଓ ହିନ୍ଦୀ ଭାଷାରେ ଦୁଇଟି ପୁସ୍ତକ, ଦୁଇଟି ଶିଶୁ ସାହିତ୍ୟ ପୁସ୍ତକ ତଥା ଅର୍ଦ୍ଧ ଶତାଧିକ ଅନୁବାଦ ପ୍ରକାଶିତ ।

# ସପନର ରାତି

Srujan ISSN 2976-9329

## ଜ୍ୟୋସ୍ନା ମିଶ୍ର

ଶୁଭ୍ର ସନ୍ଧ୍ୟାରେ ଯୌବନ ଯେବେ
ଅସୁମାରୀ ରୂପ ଢେଉ ସାଥେ
ପ୍ରୀତି ପୀୟୂଷର ଇଚ୍ଛାର ଲଗାମ
ହାତେ ଧରି  ରେଶମୀ ଡୋର,
ଧରି ଧରି ପରମାୟୁ ସରିଯାଏ
ବିମୋହିତ ପ୍ରୀତି ଧାରା
ସପନର ଶେଜରେ
ସୁଧାକର ପ୍ରୀତିର ରାସରେ
ଆତ୍ମହରା  ହେଉଥାଏ ।।
ରାତି ଅସରନ୍ତି ଲାଗେ,
ସପନ ସବୁ ପ୍ରଣୟ ଶୃଙ୍ଗାର
ଛାଇ ହୋଇଯାଏ ସବୁ
ଅମୃତ ମିଳନ ଆଶାରେ
ମନହୁଏ ଆନମନା
ତଲ୍ଲୀନ ହୋଇଯାଏ
ଭରା ଅନୁରାଗେ
ତନୁରେ ତରଙ୍ଗେ
ପ୍ରେମ ଅର୍ଘ୍ୟରେ ପ୍ରଣୟ ଆଶାରେ
ପ୍ରୀତି ଭିଜା ନୟନ ଦୁଇ
ନିରବେ ନିରେଖେ ନୀଳ ଗଗନେ
ପ୍ରିୟ ପଥ ଚାହିଁ ଚାହିଁ ପଲକ ପଡ଼େନି  ।।
ପ୍ରିୟ ପାଇଁ
ପୁଲକିତ, ଛାତି ଥରେ, ଉଷ୍ଣ ନିଶ୍ୱାସର
ଉତ୍କଟତା ସହିବାକୁ ହୁଏ,
ସବୁ ଖାଲି ସପନ ରାତିରେ ,
କୁଆଁତାରା ଲିଭି ଲିଭି ଆସେ
ଚାନ୍ଦ ବିନା କୁମୁଦିନୀ
ଦିବ୍ୟ ବିଳାସିନୀ
ଲାସ୍ୟମୟୀ
ସାଜେ ବଧୂ ସୁହାଗିନୀ
କାମନାର ଜୁଇରେ
ଆହତ ସେ ପରମ୍ପରା ଗତେ
ସପନର ଶେଷରେ
ମୋହାବିଷ୍ଟ ପ୍ରୀତିର ଫାଲଗୁନ ବୋହିଯାଏ ।
ପୀୟୂଷର ରସମୟ ସୁଧା
ପ୍ରିୟା ତନୁ ଅଙ୍ଗେ ଅଙ୍ଗେ
ସପନ ବେଦୀରେ ବୁଣେ ମୁରୁଜ ଅଜସ୍ର
ଭାବରେ ବିଲୀନ ମୁଗ୍ଧା ପ୍ରଣୟିନୀ
ସପନ ରାତିରେ, ଲୁହ ସହ ରାତି ସାରେ
ନିମିଳିତ ନୟନ କୋଣରେ ।।
ସପନ ଆବୋରି ରାତି ନିକାଞ୍ଚନେ
ରୋମାଞ୍ଚିତ ପ୍ରୀତି ଆଶା
ସ୍ମୃତି ସ୍ପନ୍ଦନ
ପ୍ରୀତିର ଲେଖନୀରେ ଲେଖେ ନାଆଁ
ହେଲେ ସେ ଜାଣିନି
ଏଇ ହେବ ତା ଜୀବନେ
ସପନର ଶେଷରାତି  ।।

●●●

# ସମର୍ଥନ

Srujan ISSN 2976-9329

## ଜ୍ୟୋସ୍ନା ମିଶ୍ର

ମୁଁ ନିଃଶବ୍ଦ,
ତୁମେ ପୂର୍ଣ୍ଣ ପରିପୁଷ୍ଟ,
ମୁଁ ସୁଷ୍ଠ,
ସୁସଜ୍ଜିତ ସ୍ୱାଭିମାନରେ
ଅନେକ ଆଶାର ସ୍ୱପ୍ନ ।
ଇଚ୍ଛା ଅନିଚ୍ଛାର ବଳୟ ଭିତରେ
ବନ୍ଦିନୀ ମୁଁ,
କ୍ଷୀଣ ହୋଇ ଜଳୁଥିବା ଦୀପ,
ନିଜ ଆଲୋକରେ ନିଜେ ସଜାଇଛି
ସ୍ୱାଭିମାନୀ,
ଅୟୁତ ସ୍ମୃତିର ସ୍ତୂପ !
ତୁମେ ସପନର ଚିତ୍ର ଆଙ୍କି
କାନ୍‌ଭାସ୍‌ରେ ମଗ୍ନ
ମୁଁ ବନ୍ଧା ତୁମ ତୂଳୀରେ,
ନିଶାରେ ନିଶାରେ
ଅଭିସାରିକା ମୁଁ (ସ୍ଥାଣୁ)
କେତେବେଳେ ପାଲଟିଲି
ତୁମରି ପାହାନ୍ତି ରଜନୀଗନ୍ଧା !
ସମର୍ଥନ ଥିଲା
ତୁମ ନୟନର,
ତୁମ ଅଜଣା ଛନ୍ଦ ପରିପାଟିରେ
ସଜେଇ ମୁଁ ସରାଗରେ ତୁମ ସହ
ଭେଟିବା ଆଶ୍ଚର୍ଯ୍ୟ,
ଛଳନାର କିଂବଦନ୍ତୀ
ରହିଗଲା ସବୁ ଅପାସୋରା ।
ସମର୍ପଣ ମୁଦ୍ରାରେ ମୁଁ,
ତୁମେ ରହିଛ ମୋ ହୃଦେ ନିଭୃତେ
ଅନାବିଳ ପ୍ରୀତି ପ୍ଲାବନରେ
ଚଳଚଞ୍ଚଳ ପୀୟୂଷର ମଣି ହୋଇ ।
ନିଃଶବ୍ଦ ଲିପିରେ
ଗୀତି ଧାରେ ମୁଁ
ନିର୍ଲିପ୍ତ ରାଗିଣୀ,
ଆଜି ବି ଖୋଜୁଛି
କେବେ ପୁଣି ସାତ ସ୍ୱର
ସାଧନା କକ୍ଷରେ ଭେଟ ହେବା
ସହାସ୍ୟ ବଦନେ
ମୁଁ ଚାହୁଁଥିବା
ମୋ' ଜୀବନକୁ
କେବେ ଦେବ ସମର୍ଥନ ।
ଶ୍ରାବଣ ରାତି
ନିଶାର୍ଦ୍ଧ
ସୂକ୍ଷ୍ମ ସ୍ୱପ୍ନ,
ଦେଖୁଥିବି
ବଞ୍ଚିଥିବି ଯେତେ ଦିନ !
ନିର୍ଲିପ୍ତ ଶୃଙ୍ଗାର
ଶାସ୍ତ୍ର ମୁଁ ଶିଖି ପାରିନି,
ହେ ଗୋବିନ୍ଦ, ମୋ' ସାଧନା
କେବେ ବୃଥା ତ ହେବନି !
କୃଷ୍ଣଚୂଡ଼ା ଫୁଲର ପାଖୁଡ଼ାରେ
ଅବିର ରଙ୍ଗରେ
ତୁମ ଛବି ଆଙ୍କି
ରହିଥିବି ପ୍ରୀତିଲଗ୍ନା ହୋଇ
ଖାଲି ଲୋଡ଼ା ତୁମ ସମର୍ଥନ
•••

# ନିଜେ ତ ଜିଉଁଛେ

SRUJAN
The Creativity Journal
Srujan ISSN 2976-9329

## ଜ୍ୟୋସ୍ନା ମିଶ୍ର

ନିଜେ ତ ଜିଉଁଛେ ସହରୀ ଜୀବନ ଭଲ
କାହାର ଦୋଷ ଯେ ଗାଁ ଆମ ଏବେ
ନପାଏ ତାହାରି ମୂଲ?
ପୂଜା ପରବରେ ସମୟ ମିଳେନି
ବୁଲିଆସିବାକୁ, ଟିକେ ମଲ୍ ,
ଆଗୁଆ ଧାଡ଼ିରେ ଠିଆ ହେଲେ
ପରା ଲାଗେ ଯେ କୁଲ୍ କୁଲ୍ ।
ପାଠ ପଢ଼ି ଆମେ ଗାଆଁ ଭୁଲିଗଲୁ
ସାଥୀ ହେଲା ଫୋନ୍ କଲ୍,
ସହରୀ ସଭ୍ୟତା ଖାଇଲା ଭେଜାଲ
ପିଲା କଲେ ହୁଲସ୍ଥୁଲ୍ ।
କିଏ ସେ ରହିବ ମାଟି କାଦୁଅରେ
କିଏ ଭିଟା ମାଟି ଛାଡ଼ି
ଆମେ ତ ଜିଉଁଛେ ସହରୀ ସଭ୍ୟତା
ଆଦବ କାଇଦା ଭିଡ଼ି ।
ଗାଁ ଅପେରାକୁ ଗାଁ ପରବର
ଧୂଳି ଧୂଆଁ ସାଥେ ରହି
ନିଜ ଜୀବନର ସବୁ ସ୍ୱପ୍ନ ଲାଗେ
ବାନ୍ଧି ରଖିଥିବି ମୁହିଁ ।
•••

**ଡାକ୍ତର ଜ୍ୟୋସ୍ନା ମିଶ୍ର**, ହୋମିଓପ୍ୟାଥିକ ଡାକ୍ତର ଭାବରେ ପରିଚିତ। ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଅନୁରାଗ ଓ ରୁଚି । କବିତା ଓ ଗଳ୍ପ ଲେଖନ୍ତି । ଅନେକ ସାରସ୍ୱତ ପୁରସ୍କାରରେ ସମ୍ମାନିତା । ବାଙ୍କୀରେ ରହନ୍ତି ।

# ସବୁ ଅନ୍ଧାର ସେଇ ରାତିରେ

Srujan ISSN 2976-9329

## ଶରତ ଚନ୍ଦ୍ର ମହାରଣା

ସେ ରାତିର ବହଳ ଅନ୍ଧାର
ଜୀବନରେ ଭୁଲି ହେବନାହିଁ ।
ନିସ୍ତବ୍ଧ ନିଶିର ଡେଣା ସତେ ଅବା
ସେ ଲଗ୍ନରେ ଯାଇଥିଲା ଛିଡ଼ି ।
ଅସୁମାରି ପତ୍ର ଗହଳରେ
ପଶ୍ଚିମରେ ପେଚାର କୁହାଟ
ଇଚ୍ଛାଥିଲା ଲମ୍ଫମାରି ଭେଟିବି ଶୂନ୍ୟକୁ
ହାତରେ ଆଣିବି ଟୋଳି
ଆଉ ଏକ ନୂତନ ସକାଳ
ମେଂଚା ମେଂଚା ପତ୍ର ଗହଳରୁ ।
ହେଲେ, ଦ୍ରବୀଭୂତ ହେଲା ମୋର ମନ୍ମୟ ମୌନତା
ନିଥର-ନୀରବ ହେଲା ଶବ୍ଦ ଶୋଭାଯାତ୍ରା ।
ସମୟର ପାଦଶବ୍ଦ ଭାରି ଭାରି ହୋଇ
ଘେରିଗଲା ବ୍ୟକ୍ତିତ୍ୱକୁ ମୋର
ଯେଉଁଠି ଅସ୍ପଷ୍ଟ ଦିଶେ
ଐଶ୍ୱର୍ଯ୍ୟର ରେଖା
ଦିଶେ ନାହିଁ ପ୍ରାପ୍ତି ବର୍ଗକ୍ଷେତ୍ର
ଆଞ୍ଜୁଳାଠୁ ଆକାଶ ବି ସାନ ଦିଶେ ଭାରି
ବୁନ୍ଦାଏ ଲୁହ ଠୁ ଛୋଟ ପରିଚିତ ଶୂନ୍ୟ ପରିବାର
ଗୋଟାଇ ଆଣିବା ଲାଗି ବାସି ତାରା
ମଉଳା ଫୁଲକୁ
ଆଉ ମୋର ଇଚ୍ଛା ହେଉ ନାହିଁ
ଈଶ୍ୱର ବି ମନେ ହୋନ୍ତି
ମଳିମଖା ମାଟିର କଣ୍ଢେଇ
ସମୟ ବି ବୟସ୍କା ଶବରୀ
ସତେ ଅବା ଏ ଦିଗରୁ ସେ ଦିଗକୁ
ଭଙ୍ଗା ଅଂଟା ଧରି ଅଣ୍ଡାଳୁଛି, ଆହତ ସୂର୍ଯ୍ୟକୁ ।

●●●

# ମିଛର ମହକ

Srujan ISSN 2976-9329

## ଶରତ ଚନ୍ଦ୍ର ମହାରଣା

ବୋଉଲୋ !
ଏବେ ଆଉ ମିଳୁ ନାହିଁ
ଶୁଣିବାକୁ ତୋ ଓଠରୁ
ମଧୁମଖା ମିଛର ମହକ ।
ଭୋକିଲା ପେଟରେ ଥାଇ
ଖାଇବାକୁ ଇଚ୍ଛା ନାହିଁ ମୋର
ଯନ୍ତ୍ରଣାରେ ଜଳି ଜଳି
କଷ୍ଟ ନାହିଁ ଶରୀରରେ ମୋର
ଲୋଡ଼ା ନାହିଁ ମହୌଷଧି
ଭାରି ଏବେ ଆରାମ ଲାଗୁଛି
ବେଦନାକୁ ଗୋପନରେ ଚାପି
ଓଠରେ ତୋ ହସ ଚହଟୁଛି ।
ଲୁହ କ'ଣ ଲୁଚିପାରେ
ସାତ ତାଳ ସୁନା ଫରୁଆରେ ।
କୋହ କ'ଣ ଛପିଯାଏ
ମିଛି ମିଛି ହସ ଜୁଆରରେ ।
ମୁହଁପରା ମନର ମୁକୁର
ମୁକୁଳା ହୃଦର ଛାଇ
ସକାଳର ଖରାପରି
ଲେସିଦିଏ ସତ ବାରମ୍ବାର ।
●●●

# ଧୂସର ଜହ୍ନ

Srujan ISSN 2976-9329

## ଶରତ ଚନ୍ଦ୍ର ମହାରଣା

ବୋଉଲୋ !
ତୋ ବିହୁନେ
ଇଚ୍ଛା ଏବେ ଖାଲି ମଲା ନଈ
ପ୍ରସ୍ତ ପ୍ରସ୍ତ ବାଲିର ଶେଜରେ
ସ୍ୱପ୍ନ ସବୁ ରଙ୍ଗହୀନ-ଗନ୍ଧହୀନ
ଭଙ୍ଗା ଗଡ଼ଖାଇ ।
ବନ୍ଧନ ତ ଚନ୍ଦନୁ ଶୀତଳ
ଶୁଦ୍ଧ ସୁନା ତୁଚ୍ଛା ଯେ ପିତଳ
ଆଶା ସବୁ ଆହତ ବିହଙ୍ଗ
ଗତି ସବୁ ମନ୍ଥର ତରଙ୍ଗ
ତୋ ପରିକି ସବୁ ମା' ମାନେ
ଅଫେରା ପଥରେ ଚାଲି
ହସୁଥିବା ବେଳେ
ଋତୁ ସବୁ ରଙ୍ଗ ବଦଳାନ୍ତି ?
ଅଜଣା ବାଟରେ ଚାଲି
ତାରାଫୁଲ ସାଉଁଟିବା କାଳେ
ଜହ୍ନ ସବୁ ଧୂସର ଦିଶନ୍ତି ?
●●●

**ଡକ୍ଟର ଶରତ ଚନ୍ଦ୍ର ମହାରଣା**, ଓଡ଼ିଆ କ୍ଷୁଦ୍ରଗଳ୍ପ, କବିତା, ନାଟକ ଓ ସମାଲୋଚନା ସାହିତ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ଉପସ୍ଥାପନ କରିପାରିଛନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟାପକ ଭାବରେ ବିଭିନ୍ନ ମହାବିଦ୍ୟାଳୟରେ କାର୍ଯ୍ୟ ସମ୍ପନ୍ନ କରି ସଂପ୍ରତି ଏସ୍.ଭି.ଏମ୍. ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକ ରୂପେ କାର୍ଯ୍ୟରତ । ଜଣେ ପ୍ରଭାବଶାଳୀ ବକ୍ତା ଭାବରେ ସେ ବେଶ୍ ପରିଚିତ । ସାଂପ୍ରତିକ ନାଟ୍ୟରଚନା ନିର୍ଦ୍ଦେଶନା ଓ ନାଟ୍ୟ ଗବେଷଣା କ୍ଷେତ୍ରରେ ତାଙ୍କର ଭୂମିକା ଖୁବ୍ ସ୍ପଷ୍ଟ । 'ଭିନ୍ନ ଦିଗନ୍ତ ଭିନ୍ନ ଦୃଷ୍ଟି', 'ଓଡ଼ିଆ ଲୋକନାଟକର ଉନ୍ମେଷ ଓ ଉତ୍ତରଣ', 'କୋକୁଆ ଓ ନାଟ୍ୟକାର ବିଜୟ ଶତପଥୀ' ଆଦି ସମାଲୋଚନା ପୁସ୍ତକ, 'ବୋଉ ନ ଥାଏ ଯେଉଁଠି' କବିତା ସଂକଳନ, 'ମରୀଚିକାର ମୋହ' ନାଟ୍ୟ ସଂଗ୍ରହ ଆଦି ପାଇଁ ସେ ଓଡ଼ିଆ ସାହିତ୍ୟରେ ପରିଚିତ ।

# Raghurajpur

## A living Canvas of Odisha’s Artistic legacy

Ambika Prasad Kanungo

Srujan ISSN 2976-9329

In the modern era, it is observed that people's interest in Pattachitra (traditional scroll painting) has considerably increased. Pattachitra can be seen adorning various spaces from Lounges, Corporate Offices, Meeting Rooms to Walls of Star Hotels. Both Domestic and International tourists show a strong interest in Pattachitra. Many of them visit Raghurajpur, a village in Puri district. Just as customers feel delighted when they purchase a Pattachitra, the Artisans feel equally happy when their creations are appreciated.

Raghurajpur, located in the Puri district of Odisha, is a vibrant Heritage village celebrated for its rich cultural legacy, especially the ancient art of Pattachitra. This traditional style of painting on cloth has been practised here for centuries, making the village a living repository of artistic heritage. In 2000, Raghurajpur was declared India’s first Heritage Crafts Village, but it is more than a mere destination—it is a community where every home serves as both a residence and an art studio, and every resident is an artist.



**A Village of Art**

Walking through the two narrow streets of Raghurajpur, visitors are greeted by over 160 houses adorned with colourful murals, each telling a unique story of artistic excellence. Nestled among lush coconut groves, these homes double as open-air galleries, showcasing artistic traditions passed down through generations. The village is a testament to the people’s commitment to preserving and nurturing their ancestral Art forms.

## The Craft of Pattachitra

The name "Pattachitra" comes from the Sanskrit words ‘Patta’ (cloth) and ‘Chitra’ (painting), representing the painstaking process of creating art on cloth. The canvas is prepared through an elaborate process: cotton cloth is soaked in tamarind-seed water, coated with chalk and gum, layered, dried, and finally smoothened with stones to form a strong base for the intricate artwork. Each piece, crafted with meticulous detail, can take weeks or even months to complete.



## A Palette from Nature

Traditionally, Pattachitra artists use pigments sourced from nature. White is derived from powdered conch shells, Yellow from Hartal stones, Red from geru clay, Blue from indigo, and Green from various leaves. These natural colours are mixed with Gum and applied with great precision, giving the paintings their distinctive vibrancy and longevity. Once finished, each painting is coated with natural lacquer, resulting in a glossy finish that enhances its visual appeal.



### Mythological Themes

Pattachitra themes are deeply rooted in Hindu mythology and folklore, with popular subjects including Lord Jagannath, Balabhadra, and Subhadra from Puri, as well as scenes from the Ramayana and the Mahabharata. Stories such as the 'Dasaavataars' (the ten incarnations of Lord Vishnu) and the 'Dasa Mahavidyaas' (ten forms of the Goddess) are also commonly depicted. Figures are typically shown in profile with elongated eyes and sharp features, framed by intricate borders.



### Evolution and Adaptation

While Pattachitra was traditionally painted on large scrolls, modern artists have adapted the form to contemporary tastes. Today, smaller, framed pieces are available for display in urban homes, and artists experiment with other mediums like Wooden boxes, Bamboo, Masks, and Tussar silk. These innovations have expanded the reach of Pattachitra, allowing it to find a place in modern decor and global markets.

### A Legacy of Royal Patronage

The origins of Pattachitra in Raghurajpur date back to the 4th century A.D. The Art form flourished under the patronage of Gajapati King Prataprudra Dev of Puri in 1497 AD, who invited 20 families of Chitrakaras (painters) to settle in the village. Their primary task was to create paintings of Lord Jagannath, Balabhadra, and Subhadra during the Anasara period when the deities were hidden from public view. This tradition has endured for centuries, making Raghurajpur a vital center for this Sacred Art.











## Challenges and the Future

Despite gaining international recognition, the village still depends heavily on tourism and the support of art lovers for its livelihood. Though Pattachitra continues to attract admiration, economic challenges remain.

Raghurajpur is more than just a village; it is a living gallery that preserves the essence of a timeless tradition. It offers visitors a rare opportunity to witness the intersection of creativity, culture, and heritage in the heart of Odisha.

●●●

**Ambika Prasad Kanungo** is a journalist, who has worked for the Samaj, Samaya, Doordarshan and many national dailies and magazines in various capacities. Since his college days he had a penchant for politics and worked with many political leaders and statesmen.

●●●

**Photo credits: Manoj Swain**

# ଆୟୁଷ୍ମତୀ

Srujan ISSN 2976-9329

## ପ୍ରତିଭା ପରିଡ଼ା

ତୋ' ଓଠର ଧାରୁଆ ଧାରରେ
କି ନିଶା ଅଛି !
କଳ୍ପବଟର ମିଠା ଫଳ
ନା' ନଷ୍ଟ ମୁହୂର୍ତ୍ତର ହଳାହଳ ?
ସତରେ କି ନିଶା ଅଛି ଆୟୁଷ୍ମତୀ ?...
ତୋ' ପାଦର ଛନ୍ଦପାତରେ
ଏଣେ ତାତି ଯାଉଛି ମାଟି...
ମୋ ରକ୍ତରେ ଘୁଙ୍ଗୁର ବାଜୁଛି ...

ଅମୃତ ନା' ଜହର ସ୍ନାନ ମୁଁ କରୁଥାଏ !
ସ୍ନାନ ସାରି ଚାହିଁଲା ବେଳକୁ
ମୁକୁଳି ଆସୁଥାଏ
ବର୍ଣ୍ଣଭୋର ଋତୁଟିଏ ...

ଝୁଙ୍କି ଆସୁଥାଏ ତଳକୁ
ମତୁଆଲା ଆକାଶର
ଫର୍ଚ୍ଚା ବିଶ୍ୱାସ...
ତୋ' ପ୍ରୀତିର ପହିଲି ଛୁଆଁରେ,
ଯାହା ମହକି ଉଠୁଥାଏ
ମୋର ଅଧାଲିଭା ଥରଥର ଆୟୁଷ ...

●●●

# ପ୍ରିୟତମା

SRUJAN
The Creativity Journal
Srujan ISSN 2976-9329

## ପ୍ରତିଭା ପରିଡ଼ା

କେଉଁ ଦୀପ
ରତ୍ନବେଦୀରେ ଜଳୁଥାଏ ଲିଭୁଥାଏ ...
କାହା ନାଆଁରେ ଗୋପଦାଣ୍ଡରେ
ଡିବି ଡିବି ନାଗରା ବାଜୁଥାଏ...
ଈଶ୍ୱରୀ !
ତୋ' ଇସାରାରେ ତ,
ମୋର ଏ କାଳ, ସେ କାଳ,
ସାରାକାଳ ନାଚୁଥାଏ ...

ତୋ' ଦେହର କୁଣ୍ଡଳୀ
ଢାଙ୍କି ସାରିଥାଏ ମୋର ଅର୍ଥ ପରମାର୍ଥ ...
ତୋ' ନୀଳ ଆଖିର ମାୟା
ଢୋକି ନେଉଥାଏ
ମୋର ସଂସାର ଭର୍ତ୍ତି ଅଭିମାନ
ପୁଣି ସମୁଦ୍ରେ ଅବିଶ୍ୱାସ ...

ମୋତେ କେଉଁ ବା ବାଟ ଦିଶୁଛି ?
ଗୋଟିଏ ପାଦ ସାମ୍ନାକୁ ବଢ଼ିଲେ
ସାତ ପାଦ ପଛକୁ ଫେରୁଛି...
ମୋର ଯେତେ କର୍ମ ଅକର୍ମ
ମୋର ଯାହା ପାପ ପୁଣ୍ୟ
ପ୍ରିୟତମା !
ମୁଁ କ'ଣ ବା ବର୍ଣ୍ଣିବି ?
ସ୍ୱର୍ଗ ତ ସ୍ୱର୍ଗ
ନର୍କରେ ବି ତୋ' ଆଖି
ପହରା ଦେଉଛି ...
●●●

# ଈଶ୍ୱରୀ

Srujan ISSN 2976-9329

## ପ୍ରତିଭା ପରିଡ଼ା

ମୁଁ ବସିଛି ଏଠି
ତୋତେ ଧ୍ୟାନ କରି
ରାତି ସାରା ଅତନ୍ଦ୍ର ନିଶାରେ...
ମୁଁ କାହୁଁ ଜାଣିବି
ତୋ'ର ଚୁପି ଚୁପି ପଦଧ୍ୱନି
ମୋର ବନ୍ଦ ଦରଜାରେ ?...
ଈଶ୍ୱରୀ !
ତୋର ମୋର ଭେଟ କେବେ,
କେତେ ଜନ୍ମର
ରାସ୍ତା ପାରି ହେଲେ ?

ଇଏ ବୋଧେ
ନିରୋଳା ଅହଂକାର ନା' !
ମୁଁ ଚାହିଁ ବସିଥିବି ତତେ ଏଇମିତି,
ସାରା ଅଭିମାନର ଅର୍କ୍ଷିତ ଜ୍ୱାଳାରେ ...
ଆଉ ତୁ ଉଜଳୁଥିବୁ
ସାମ୍ନାରେ ଅହରହ,
ଶୀତଳ ପାଲଟିଯିବାର
ଅଗ୍ନିସ୍ନାନ ରେ ...
●●●

**ପ୍ରତିଭା ପରିଡ଼ା** ଏମ୍.ଏ. (ସମାଜ ଶାସ୍ତ୍ର)। ଓଡ଼ିଶା ସଚିବାଳୟର ଅବସରପ୍ରାପ୍ତ ଅଧିକାରୀ । ବିଭିନ୍ନ ପତ୍ରିକା ତଥା ଆକାଶବାଣୀ, କଟକ ଆନୁକୁଲ୍ୟରେ କବିତା, ଗଳ୍ପ, ଏକାଙ୍କିକା ପ୍ରକାଶିତ ଓ ପ୍ରଚାରିତ । ପ୍ରକାଶିତ ପୁସ୍ତକ: କବିତା: ହଠାତ୍ ଈଶ୍ୱର ପାଲଟିଯିବାର ମୋହରେ, ତୁମ ଠିକଣା ମୋତେ କେଉଁ ବା ଜଣା, ଈଶ୍ୱର ଈଶ୍ୱରୀୟ, ଏଇମିତି ଆତଯାତ, ବାଜି, କିଛି କବିତା ପୁଣି ଥରେ, କିଛି କବିତା । ଗଳ୍ପ: ଚମ୍ପାବତୀର ମୃତ୍ୟୁ, ଆଉଆ ମା' ଓ ଅନ୍ୟାନ୍ୟ ଗଳ୍ପ । ଉପନ୍ୟାସ: ମଣିଷ ମାହାପ୍ରୁ, ଏକାଙ୍କିକା: ତର୍ପଣ । କିଛି ଅନୁଷ୍ଠାନ ଦ୍ୱାରା ସମ୍ମାନିତା, ଯଥା: ଗୋଦାବରୀଶ ସାହିତ୍ୟ ସଂସଦ, ସପ୍ତର୍ଷି (ସମ୍ବଲପୁର ବିଶ୍ୱବିଦ୍ୟାଳୟ), ଭୁବନେଶ୍ୱର ସାହିତ୍ୟ ସମାଜ, ଦୁର୍ଗା ମାଧବ ସ୍ମୃତି ସଂସଦ, ଇତ୍ୟାଦି । ଏବେ ଭୁବନେଶ୍ୱରରେ ଅବସ୍ଥାନ ।

# ଲୁହ

SRUJAN
The Creativity Journal
Srujan ISSN 2976-9329

## ସୁଶାନ୍ତ ଶେଖର ଦାଶ

ଦେଖିଲି ଦି'ଟୋପା ଲୁହ ଦରଦୀ ଆଖିରୁ
ନିର୍ନିମେଷ ତେର୍ଛା ପଲକରୁ
ଭିଜା ଭିଜା ତା'ର ନେତ୍ର ଯୁଗଳରୁ
ଲାଲ ଟହଟହ ନରମ ଚିବୁକ ପ୍ରାନ୍ତରୁ..

ଅତି ସନ୍ତର୍ପଣରେ ହାତଟିଏ ବଢ଼ାଇଲି
ସାନ୍ତ୍ୱନା ପୁଳାଏ ବୋଳିଦେବି ବୋଲି
ଆକୁଳ ହୃଦୟର ଉତ୍କଣ୍ଠା ଭିତରେ,
ସମାଜର ସହସ୍ର ଅସହିଷ୍ଣୁ ଚକ୍ଷୁ ଉହାଡ଼ରୁ..

ବୋହୁଥିବା ଉତ୍ତପ୍ତ ଝାଂଜିର ଧକ୍କାରେ
ବାମ୍ଫପରି ଉଭେଇଗଲା ତା' ଲୁହ !
ଉନ୍ମାଦନା ଭରିଗଲା ଦେହେ
ସାନ୍ତ୍ୱନାର ସ୍ପର୍ଶ ଦେବି ଅତି ନିକଟରୁ....

ଲୁହର ତାକତକୁ ତରାଜୁରେ ମାପୁ ମାପୁ
ଅବୁଝା ଅଝଟିଆ ହୃଦୟଟା ମୋର,
ତପ୍ତ ଝାଂଜିରେ ଦଗ୍ଧ ମନଟାକୁ ଛୁଇଁ ଦେଇ
ଭାବିଲି ଫେରିଯିବି ତା'ର ଦୃଷ୍ଟି ଉହାଡ଼ରୁ..

ବିଦଗ୍ଧ ବିଥିର ମନଟାକୁ ସମ୍ଭାଳୁ ସମ୍ଭାଳୁ
ଲେଉଟିଲି ସେଇ ଭଙ୍ଗୁର ପଥରେ
ରୁଚିର, ମନୋଜ୍ଞ ଓ ନମ୍ର ସ୍ୱରଟିଏ
ତୁରନ୍ତ ସିକ୍ତ କଲା, ଶୁଷ୍କ ଉତ୍ତପ୍ତ ହାୱାରୁ ..

ସ୍ନେହ, ପ୍ରେମ, ପୌରୁଷତ୍ୱ ଦାମ୍ଭିକତା ନେଇ
ସମ୍ଭ୍ରମି ଜିଜ୍ଞାସିଲି କୁହ ଟିକେ !
କେଉଁ ବିଷାଦ, ତାଡ଼ନା, ଅବା ଲେଲିହାନ ବହ୍ନିରୁ ?
ଫିରକିନା ହସିଦେଲା ସିଏ !
ଉଜ୍ଜଳକାନ୍ତି ଆଭାଟିଏ ଝଟକୁଥିଲା ତା' ମୁଖକମଳରୁ.....

●●●

# ବିଗତ ଯୌବନ

SRUJAN
The Creativity Journal
Srujan ISSN 2976-9329

## ସୁଶାନ୍ତ ଶେଖର ଦାଶ

ଥରୁଟିଏ ଚାହିଁଲନି ତ ?
ତୁମ ବିଦାୟ ପରର ଏହି ଦୃଶ୍ୟପଟକୁ,
ପାଦ ପଡ଼ି ଲିଭିଥିବା ତୁମ ଅସ୍ପଷ୍ଟ ପଥକୁ,
ଶୁଷ୍କ ନିରସ ଗନ୍ତବ୍ୟ ପରର ଏଇ ଦୁନିଆକୁ
ତୁମ ଚମକରେ ସେ'ବେଳର ଚମକଦାର କାୟା ସବୁକୁ ...

ପଛକୁ ଅନାଇ, ହୃଦୟ ଥିଲେ କୁହ ଆହାଃ ପଦେ...
ଏଇ ଶ୍ରାନ୍ତ, କ୍ଲାନ୍ତ ପାଦ ଦୁଇଟିର ଐତିହ୍ୟକୁ,
କର୍ମଠ ହୃଦୟଟାର ଏବେକା ନିଶ୍ଚଳତାକୁ,
ବିଷଣ୍ଣ, ଭାରାକ୍ରାନ୍ତ ତୁମ ବିଦାୟୀ ପରର ନିଃସଙ୍ଗତାକୁ ...

ଫେରାଇଦିଅ, ବିକ୍ଷିପ୍ତ ଫୁଲସବୁ ଓ ତାର ମହକକୁ ...
ଉନ୍ମୁକ୍ତ ମନ ଆଉ ଦେହର ଉଷ୍ମତାକୁ,
ଡେଣା ମେଲି ଫୁରକିନା ଉଡ଼ିବାର ସ୍ୱପ୍ନକୁ,
ପ୍ରେୟସୀ ମୁକୁଳା କେଶ ବାସ୍ନାର ମହକକୁ ...

ତୁମ ଆଗମନୀରେ, ସୁରାକ ଟିକେ ଦେଇ ତ ନଥିଲ ?
ଚଂଚଳା, ଚପଳା ଆଉ କ୍ଷଣସ୍ଥାୟୀ ବୋଲି,
ବାହୁ ମେଲି ଆବଦ୍ଧ କରିଥାନ୍ତି-
ନଟଖଟିଆ ତୁମ ଚାଲିକୁ ...
ବେପରୁଆ ହାତହଲାକୁ ...
ଘନ କଳା କେଶ ମେଲାକୁ ...
●●●

# ସଂଜ୍ଞା

Srujan ISSN 2976-9329

## ସୁଶାନ୍ତ ଶେଖର ଦାଶ

ସ୍ତ୍ରୀ ହୋଇ ସହିଲନି ସ୍ୱାମୀଙ୍କ ଉଷ୍ଣତା...
ପ୍ରାଣେ ଟିକେ ଦେଲନି ତ ଆର୍ଦ୍ର କିମ୍ବା ଶୀତଳତା !
ହେ ସଂଜ୍ଞା,
କି ଅବିଚାର ତୁମର !
ଖୋଜିଲ ଅବିକଳ ତୁମର ବିକଳ୍ପଟିଏ
ତୁମ ସମ ଆଉ ଏକ ନାରୀଟିଏ ...

ଏଇ ସେ ଛାୟା !
ତୁମ ଅବିକଳ ପ୍ରତିଚ୍ଛବିଟିଏ !

ଆଦିତ୍ୟଙ୍କୁ ଜିମା ଦେଇ ଚାଲିଗଲ
ଟିକେ ଆଶ୍ୱସ୍ତି ପାଇଁ ...
ପ୍ରଚଣ୍ଡ ଉଷ୍ଣତା ପରର ଟିକେ ଶୀତଳତା ପାଇଁ ...
ଆଦିତ୍ୟ ରୌଦ୍ରତାର ଉପଶମ ପାଇଁ ...

ଆମେ ସବୁ ଆଜି ଦଗ୍ଧ, ତାପିତ, ଜ୍ୱଳିତ ଆଉ ସନ୍ତାପିତ !
ବତାଅ ନା, ଖୋଜୁ ଆମେ ଛାୟା ...
ଅଛି କିଛି ବା ବିକଳ୍ପ ?
ମିଳୁନି ବୃକ୍ଷଟିଏ, ବ୍ୟାପକ ଏଠି ସଭ୍ୟତାର କାୟା ...
●●●

(କବିତା 'ସଂଜ୍ଞା'ରେ - ସୂର୍ଯ୍ୟ ଦେବତାଙ୍କ ସ୍ତ୍ରୀ 'ସଂଜ୍ଞା' । ସେ ସୂର୍ଯ୍ୟଙ୍କ ଉତ୍ତାପ ସହ୍ୟ କରି ନ ପାରି, କିଛି ଦିନ ପାଇଁ ବାପ ଘରକୁ ଚାଲିଯାଇଥିଲେ । ତାଙ୍କ ପିତା ବିଶ୍ୱକର୍ମାଙ୍କ ସହାୟତାରେ, ନିଜ ରୂପ ପରି ଆଉ ଏକ ନାରୀ ସୃଷ୍ଟି କରି ସୂର୍ଯ୍ୟଙ୍କ ଜିମା ଦେଇଥିଲେ । ତାଙ୍କ ନାଁ ଦେଇଥିଲେ 'ଛାୟା'।)

**ସୁଶାନ୍ତ ଶେଖର ଦାଶ**, ପ୍ରାକ୍ତନ ସରକାରୀ ବ୍ୟାଙ୍କ ମହାପ୍ରବନ୍ଧକ । ଅଧୁନା ସେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ବ୍ୟାଙ୍କ ମ୍ୟାନେଜ୍‌ମେଣ୍ଟ, ଗୁଆହାଟି ରେ ଅତିଥିବକ୍ତା ଏବଂ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ଭୁବନେଶ୍ୱରରେ 'ଷ୍ଟାର୍ଟଅପ ମେଣ୍ଟର-' । ଓଡ଼ିଆ ସାହିତ୍ୟ ସାଧନାରେ ରୁଚି । ଗଳ୍ପ ଓ କବିତା ଲେଖନ୍ତି । ସେ ଭୁବନେଶ୍ୱରରେ ରହନ୍ତି ।

# ଅପ୍ରେମର କାବ୍ୟ

Srujan ISSN 2976-9329

**ବିଶ୍ୱନାଥ କର**

ତମେ ଆସିପାର
ମୋ ଦ୍ୱାର ଖୋଲାଅଛି ତମ ପାଇଁ
ତମେ ଯାଇପାର
ମୋ ଦ୍ୱାର ବି ସର୍ବଦା ଉନ୍ମୁକ୍ତ
ତମେ ଆସିପାର ତମେ ଯାଇପାର
ବାଟ ଓଗାଳନି କିନ୍ତୁ ଠିଆ ହୋଇ ମୋ
ଦ୍ୱାରବନ୍ଧରେ ।

ମୁଁ ଭଲପାଏ ନିଜକୁ
ନିଜକୁ ବି ଶିଖାଇଛି ଭଲ ପାଇବାକୁ ମୋତେ
କେବେ କାଳିଦାସଙ୍କୁ ନିବେଦନ କରିନାହିଁ
ନଈ ସେପାଖର ମେଘଖଣ୍ଡକୁ ଦୂତ କରିବାକୁ ।
ଭାବପ୍ରବଣତା ରେ କେବେ
ଫିଙ୍ଗିନାହିଁ ଗୋଡ଼ି ନଈର ସୁଅକୁ ।

ପ୍ରେମ କ'ଣ ଜାଣିନାହିଁ

ସେତୁବନ୍ଧକୁ କେବେ ନିବେଦନ କରିନାହିଁ
ବାଟ ଛାଡ଼ି ଦେବାକୁ ପ୍ରେମର ସନ୍ଧାନେ
ଦୀର୍ଘକେଶୀ ରାଜକୁମାରୀ ବି କେବେ
ମୋ ହୃଦୟରେ ଜାଗା ଖୋଜି ନାହିଁ
ଅଗନାଗ୍ନୀ ବନରେ ବନ୍ଦୀ ଥିବା ରାଜକୁମାରୀ ସହ
ଭେଟ ବି ହୋଇନି ।

ମୋ ଅଗଣାରେ
ପକ୍ଷୀଙ୍କ କିଚିରି ମିଚିରି ଶବ୍ଦକୁ କେବେ ପ୍ରଶ୍ନ
କରିନାହିଁ

ପ୍ରେମ କେମିତି ହୁଏ
ପ୍ରେମ କାହିଁକି ହୁଏ ।
ମୁଁ କେବେ ନିର୍ବାଣ ଖୋଜିନି କାମନା ଭିତରେ
ମୋ ଓଠକୁ ଶିଖାଇନି କେବେ
କହିବାକୁ ମୋ ଛାତିର ବ୍ୟଥା ।

ଅପ୍ରେମ ର ତତଲା ଦୀର୍ଘଶ୍ୱାସ
ମୋ ଭିତରେ ତରଳେଇ ଦେଇଛି ତୁଠ ପଥରକୁ
ମୋ ଅଗଣାର ଚାରିପାଖ ତାରଜାଲିରେ ନିବୁଜ
କରି
ମୁଁ ଭଜିଛି ଅପ୍ରେମର ସ୍ତୁତି ।
ମୁଁ ପୂଜିଛି ଅପ୍ରେମର ଛବି ।

ତମେ ଆସିପାର ତମେ ଯାଇପାର
ମୋ ଅପ୍ରେମର ମନ୍ଦିରରେ ନୈବେଦ୍ୟ ବାଢ଼ିପାର
ମୂଲ୍ୟାୟନ କରିପାର
ଟୋପା ଟୋପା କାକରରେ ଭିଜି ବି ଭିଜୁ ନଥିବା
ସ୍ୱପ୍ନର ସମ୍ଭାବନା ।

ମୁଁ ଏମିତି ଅପ୍ରେମର ମୂର୍ତ୍ତିଟିଏ
ତମକୁ ସ୍ୱାଗତ କରୁଛି
ଅସ୍ୱାଗତ କରୁଛି

ଦୟାକରି ଠିଆ ହୁଅ ନାହିଁ
ମୋ ଦ୍ୱାରବନ୍ଧ ରେ ବାଟକୁ ଓଗାଳି ।

●●●

Srujan ISSN 2976-9329

# ଜୀବନ

## ବିଶ୍ୱନାଥ କର

ବକଟେ ମାଟି ଉପରେ
ଠିକ୍ ଭାବେ ପାଦ ଥୋଇ ପାରୁନଥିବା
ଅସହାୟ ପକ୍ଷୀଟିଏ ନୀଡ଼ ବାନ୍ଧେ
ଛୋଟ ଛୋଟ କାଠିକୁଟା ନେଇ
ସଜେଇ ନିଏ ଅପରିଚିତ ପୃଥିବୀକୁ ନିଜର କରି
ମାଟି ଚକଟେ ନିଜ ଆଖିର ଲୁହରେ
ସ୍ୱପ୍ନଟିଏ ଗଢ଼େ
ଓଠର ହସରେ ରଙ୍ଗଦିଏ
ଛାତିର ରକ୍ତରେ ଜୀବନ୍ୟାସ ଦିଏ ।

ଜୀବନର ଜଟିଳ ତାଲିକାରେ ସେ ଅଙ୍କ କଷୁକଷୁ
ପାଣି ଫୋଟକା ଭଳି ମିଳେଇ ଯାଏ
ଆଗାମୀ ସକାଳର ହିସାବ
ମିଛ ମାୟାର ପଶା ପାଲିରେ ହାରିଯାଏ ଗୋଟି
ଏକ ଅଦୃଶ୍ୟ ପ୍ରତ୍ୟୁଷର ଆଶା ଓ ସମ୍ଭାବନା
ବଞ୍ଚେ ପୁଣି ହାରେ
ଧୂଳି ଧୂସରିତ ସମୟମାନେ ଦିଶାହରା ଧାବକ
ଚିହ୍ନି ପାରନ୍ତିନି ଲକ୍ଷ୍ୟସ୍ଥଳ କେବେ ।

ସେଇ ବକଟେ ମାଟି ଥରିଲା ଥରିଲା ପାଦତଳେ
ସାତତାଳ ଆଶା ଓ ବିଶ୍ୱାସ ନେଇ ଦେଖୁଥିବା ସ୍ୱପ୍ନ
କେଉଁ ଏକ ଅଜଣା ଦ୍ୱୀପରେ ନିର୍ବାସନ ଭୋଗେ
ଶୀତ ଆସେ ବସନ୍ତ ଆସେ
ଜହ୍ନର ବଗିଚାରେ ଫୁଲ ଫୁଟେ
ପୁଣି ଝରିଯାଏ
ସାଉଣ୍ଟୁ ସାଉଣ୍ଟୁ ଫଗୁଣ ଆକାଶରୁ ଛାୟାସ୍ନିଗ୍ଧ ତାତି
ରାତି ଜମା ଧରାଦିଏ ନାହିଁ

ସେଇ ବକଟେ ମାଟିର ଛାତିରେ
ଟାଣ ହୋଇଯାଏ ପାଦ
ସମଗ୍ର ଶରୀରର ଓଜନ କମ୍ ପଡ଼େ
ମାଟିର ଓଜନଠାରୁ
ସେ ମରେ ବଞ୍ଚେ ପୁଣି ମରେ ।
●●●

# ଖେଳ ସରିଗଲେ

Srujan ISSN 2976-9329

## ବିଶ୍ୱନାଥ କର

ଖେଳ ସରିଗଲେ
ଯେ ଯାହା ବାଟରେ ଚାଲିଯିବେ
ହଜିଯିବ କୋଳାହଳ ଚଢ଼େଇହଗାରୁ
ଫେରିଯିବେ ଦେଶାନ୍ତରୀ ପକ୍ଷୀମାନେ
ଭଙ୍ଗା ପଡ଼ିଯିବ ସାତସମୁଦ୍ରର ଜୁଆର ।
ସବୁ ଚିହ୍ନା ମୁହଁ ଅଚିହ୍ନା ହୋଇଯିବ
ବାକି ରହିଯିବ କିଛି ଲଢ଼େଇ
ଯେଉଁ ଲଢ଼େଇ ଜିତିବା ପାଇଁ ନଥିଲା
ବନ୍ଧନ ପାଇଁ ନଥିଲା ।

କିଛି ଲୋକ ଗାଳିଦେବେ, ଥୋକେ ଗଡ଼େଇବେ ଲୁହ
ପୁଷ୍ପାଞ୍ଜଳି ଦେବେ କିଛି ଲୋକ ଶ୍ମଶାନ ବୈରାଗ୍ୟରେ
ବିଚଳିତ ହେଉଥିବେ ଆସନ୍ତାକାଲି ପାଇଁ
କିଛି ଉଖାରିବେ ଗତକାଲିକୁ
କିଛି ସ୍ମୃତି ଉଜ୍ଜୀବିତ ହେଉଥିବ
କିଛି ସ୍ମୃତି ଦେଖାଯାଉନଥିବ
ଲୁହଭିଜା ଜାଲିଜାଲିଆ ଆଖିରେ ।

ତାପରେ କେବଳ ଶୂନ୍ୟ ଶୂନ୍ୟ ମହାଶୂନ୍ୟ
ପରିଚୟ କେବଳ ଶବଟିଏ ମାତ୍ର
ଦୁଇ ପାଖରେ ଝୁଲୁଥିବ ଦୁଇଟି ଶୂନ୍ୟହାତ
କ'ଣ ନେଇଛି କ'ଣ ଦେଇଛି

ସବୁ ହିସାବ ସେଇ ସ୍ତୁପୀକୃତ ପାଉଁଶ ଭିତରେ ।

ଖେଳ ସରିଗଲେ ସମସ୍ତେ ସମାନ
ରାଜା ମନ୍ତ୍ରୀ ଧନୀ ଓ ଭିକାରି
ସମସ୍ତେ ସମାନ ଆସ୍ତିକ ନାସ୍ତିକ

ଶୋଷିତ ଶୋଷକ
କେବଳ ଚର୍ଚ୍ଚା ଚାଲିଥିବ
ତୋ ମୁହଁରୁ ରାମନାମ ଶୁଭି ଥିଲା କି ନାହିଁ
ତୋ ତଣ୍ଟିରେ ତୁଳସୀ ପାଣି ଗଳିଥିଲା କି ନାହିଁ ।
କିଏ ଥିଲେ ତୋ ପାଖରେ ଶେଷ ଦର୍ଶନରେ
ମଶାଣିରେ ଶବଟା ଠିକ୍ ଜଳିଥିଲା କି ନାହିଁ ।

ତୋ ପାପ ପୁଣ୍ୟର ହିସାବ ଏମିତି ଚାଲିଥିବ
ଖେଳ ସରିଗଲେ ତୁ ବାହୁଡ଼ିଯିବୁ ସିନା
ତୋ ଅବର୍ତ୍ତମାନରେ
ଖେଳ ଏଠି ଚାଲିଥିବ ଏମିତି
ଯଦିଓ ସରିଯାଇଥିବ ତମ ଖେଳ
ସରିଯାଇଥିବ ।
●●●

**ବିଶ୍ୱନାଥ କର**, ପଞ୍ଜାବ ନେସନାଲ ବ୍ୟାଙ୍କରୁ ସେବାନିବୃତ୍ତ । ଓଡ଼ିଆ ପତ୍ରପତ୍ରିକାରେ ଅନେକ ଲେଖା ପ୍ରକାଶିତ । ଓଡ଼ିଶାର ୧୨ଟି ଅନୁଷ୍ଠାନରୁ କବିରତ୍ନ, କବିପ୍ରାଣ ଆଦି ସମ୍ମାନ । ଏଯାବତ ୯ଟି କବିତା ସଙ୍କଳନ ପ୍ରକାଶିତ । କଟକରେ ରହନ୍ତି ।

# ଜୀବନର ସତ୍ତା

Srujan ISSN 2976-9329

## ମିନାକ୍ଷୀ ଦ୍ୱିବେଦୀ

ଜୀବନର ସତ୍ତା କିଏ ବୁଝିଛ ?
ଦୁଃଖର ରଙ୍ଗ କିଏ ଦେଖିଛ ?
ସେହି ରଙ୍ଗରେ କେବେ ଗାଧେଇଛ ?
କର୍ମଫଳର ଅଛିଡ଼ା ସୂତାଖିଅ
ଏଣୁ ତେଣୁ ଭାବେ
ବାନ୍ଧିଦିଏ ଜୀବନକୁ,
ଭାଗ୍ୟ କି ଭାଗ୍ୟର ବିଡ଼ମ୍ବନା..!
କୋଟି ହତାଶ....
କୋଟି ଦୀର୍ଘଶ୍ୱାସ...
ଖୁସିର ଉଦବିଗ୍ନତା ନିର୍ଜୀବ,
ଦୁଃଖର ବ୍ୟାକୁଳତା ସଂଜ୍ଞାହୀନ
ଯେମିତି ଭ୍ରାନ୍ତ ଧାରଣା
ନୈତିକ ନିୟମ , ସାଧୁ ଉଦ୍ଦେଶ୍ୟ
ଶୃଙ୍ଖଳିତ ପଦ୍ଧତି ବଦଳେଇ ଦେବ
ଟ୍ରେନର ଭଙ୍ଗା ସୁରରେ ଘୁଷୁରି ଘୁଷୁରି
ଯାଉଥିବା ଭାଗ୍ୟକୁ
ମଣିଷକୁ ଚାହିଁଲେ
ତା ହସ ପଛରେ ଦିଶିଯାଏ
କାନ୍ଦୁରା ମୁହଁ
ଜାଣିପାରେ ଦୁଃଖର ରଙ୍ଗ ଏକ
ରୂପ ଅନେକ

ଥରେ ବୁଲି ଚାଲି ପହଞ୍ଚିଲେ ଶ୍ମଶାନ
ଭାଗ୍ୟର ଖୋଳପା ଫମ୍ପା
ଦୁଃଖ, ସୁଖ ବଳି ପଡ଼ିଥାନ୍ତି
ହସ, କାନ୍ଦ, ପ୍ରେମ, କର୍ମରେ,
ଏଠାରେ ଭାଗ୍ୟ
ଶ୍ମଶାନ ଭୂଇଁରେ ଭୁଷୁଡ଼ି ପଡ଼େ
ମାନ, ଅଭିମାନ, ଆପଣା ବଡ଼ିମା, ବିବେକ
ହରାଏ ଇୟତ୍ତା
କ୍ଷଣକେ ସାଉଁଟନ୍ତି ମୁଠା ମୁଠା ନିରବତା
ଅନ୍ଧ ପରି ଅନ୍ଧ ଇତିହାସ
କାନଭାସରେ ସଜେଇ ହୋଇଯାଏ
ରାତ୍ରିର ନୀରବ ଆକାଶରେ,
ସକାଳର କ୍ଷୀଣ କୁହୁଡ଼ିରେ
ସୁଖ, ଦୁଃଖ ହାତ ଧରାଧରି ହୋଇ
ନୀଳ ପୋଷାକ ପିନ୍ଧି ଲୁଚି ଯାଆନ୍ତି
ମନ୍ଦା ମନ୍ଦା ନକ୍ଷତ୍ରର ଗହଣରେ
ଚେତନାରୁ ଅବଚେତନାର ଗର୍ଭରେ ।

●●●

# କଳ୍ପନାର ଚୌହଦି

Srujan ISSN 2976-9329

## ମିନାକ୍ଷୀ ଦ୍ୱିବେଦୀ

ତନ୍ଦ୍ରାରେ ଆଉ ତଳ୍ପରେ
ଅଳ୍ପ ଅଳ୍ପ ଗଳ୍ପରେ
ରଙ୍ଗିନ ତୂଳୀରେ ସଜେଇ
ଦେଲି ମୋ ପ୍ରେୟସୀ ବର୍ଷାକୁ
କାହିଁକି କେଜାଣି ତାର ଅବାଧ ପଣରେ
ଶତଧୌତ ମୋର ଅକିଞ୍ଚନ ପଞ୍ଚମନ
କୋଉ ଉନ୍ମାଦ ଫଗୁଣ
ତାର ଆଖିରୁ ରଙ୍ଗ ଚୋରେଇ
ମୋ ତୂଳୀରେ ସମାହିତ କରିଛି
ତାର ମିଠା ସ୍ୱର୍ଶର ପ୍ରେମ ଛିଟା
ତନୁ ମନ ଭିଜାଉଛି
କମନୀୟ କଟୀରେ ବିଜୁଳିର ମେଖଳା
ନୀଳ ମେଘି ଶାଢ଼ୀରେ
ଅପରୂପ ଅମଳିନ ରୂପ
ମୌନତା ପ୍ରାଣେ ସୌରଭ ଜଗାଉଛି
ହେଇ ... ଦେଖୁନ... ତାର ଆସିବାରେ
ଆକାଶଟା କେମିତି ଶାନ୍ତ ହୋଇଗଲା....
ଅବଗୁଂଠିତା ମଧୁମତ୍ତା,ପ୍ରେମ ପ୍ରମତ୍ତା
ଢଳ ଢଳ ଛବି ତାର
କବିର କଳ୍ପନାରେ ବନ୍ଧା ପଡ଼ିଛି....

ଚାଲନା ବର୍ଷା ...
ଏଇ ଶୈବାଳ ସାଗରରେ
ଭସେଇ ଦେବା ଆମ ପ୍ରୀତିର ନୌକା...
ମୋର ତୃଷାତୁର ବରଞ୍ଚ ପିପାସା
ଲଘୁତା ଆଣିଦେବ ତୁମ ନିରତ ଚୁମ୍ବନ,
ବୈଶାଖୀ ହାଓ୍ୱାରୁ ମୁକ୍ତି ପାଇବ
ତୃଷାର୍ତ୍ତ,ନଗ୍ନ ଅସହିଷ୍ଣୁ ମୁହୂର୍ତ୍ତ ସବୁ
ନିର୍ଝର ଝର ଝର ହୃଦୟର ପ୍ରେମ ଧାରେ
ମେଘ ତଳେ ସାଇତି ରଖି ଜହ୍ନକୁ
ଅନ୍ଧାର ତଳେ ତାରାର ଦୀପ ଜାଳି
ଓଦା ପବନରେ ଲେଖିବା ଆମ
ଭବିଷ୍ୟ ପ୍ରେମ କଥା...
ତୁମ ପଦ୍ମବନ ରସଘନ ଯୌବନରେ ମୁଁ
ଭିଜୁଥିବି
ତୁମେ ଖାଲି ହସୁଥିବ ଚିରକାଳ ....।।।
●●●

# ମୋ ଭିତରେ ମୁଁର ସନ୍ଧାନ

Srujan ISSN 2976-9329

## ମିନାକ୍ଷୀ ଦ୍ୱିବେଦୀ

ମୋ ଭିତରେ ମୁଁର ଅନୁସନ୍ଧାନ କରିଛି
ତା ଭିତରେ ପାଇଛି ଛୋଟ ଘରଟିଏ
ଗୋଟେ ଝରକା ଆରପାଖେ
ନୀଳାଭ ଆକାଶ,
ପଛ ଝରକା ଖୋଲି ଦେଲେ
ନିଳାମ୍ବୁ ସାଗର,
ସାମ୍ନା ଦୁଆର ବାହାରେ
ଯନ୍ତ୍ରଣାରେ ଘୁଷୁରୁଥିବା ପୃଥିବୀ
ତା ପରେ ମୁଁ ବନିଯାଏ ସମଗ୍ର ମୁଲକର
ବାଦଶାହା
ଜୁଳୁ ଜୁଳୁ ସନ୍ଧ୍ୟା ତାରାର ଆଖିରେ
ବିଶ୍ୱାସର ଚାରି ବୁନ୍ଦା ଲୁହ
ସେଇ ମୁକ୍ତ କଣ୍ଠ, ମୁକ୍ତ ମନ
ମିଞ୍ଜି ମିଞ୍ଜି ଜଳୁଥିବା
କ୍ଷୀଣ ଆଶାର ବହୁତ ଊର୍ଦ୍ଧ୍ୱରେ,
ମୁଁ ଏବେ ଆଦି ଅନ୍ତହୀନ ଈଶ୍ୱର
ମୁଁ ସୃଷ୍ଟି କରେ ଅସଂଖ୍ୟ ପରିଚୟ, ଅସଂଖ୍ୟ
ଚେହେରା
ଆଉ ଏକ ଈପ୍ସିତ ପୃଥିବୀ,
ମୁଁ ହୋଇଯାଏ ଯାଦୁଗର
ଯାଦୁଛଡ଼ି ଛୁଇଁଦେଲେ
ମାଟି ପାଲଟେ ସୁନା
ଋତୁ ବଦଳେ, ପତ୍ର କଅଁଳେ
ପବନ ଓହ୍ଲାଇ ଆସେ ନୀଳଶୈଳ କନ୍ଦରୁ
ବର୍ଷା ଅଭିସାରେ ବାଦଲ
ଆଖିରେ ଚମକ ଖେଳେ
ଫୁଲ ସବୁ କୁରୁଳେଇ କୁରୁଳେଇ ନାଚି ଉଠନ୍ତି
ଦୂର ଦିଗନ୍ତକୁ ଭାସିଯାଏ
ଊଷା, ଉଷସୀର ସୁମଧୁର ବୀଣା ଝଙ୍କାର
ମୁଁ ଲେଖି ବସେ ଭାଗ୍ୟଲିପି
ଜନ୍ମ ଦିଏ, ମୃତ୍ୟୁ ଦିଏ
ମିଶେଇ ଦିଏ ସେମାନଙ୍କୁ
ମାଟିରେ, ପାଣିରେ, ପବନରେ
ମୋ ଘରେ ଖେଳିଯାଏ ଅଗୁରୁ, ମୃତ୍ୟୁର ଗନ୍ଧ
ତାପରେ ହଠାତ୍ ଅନ୍ଧାର ହିଁ ଅନ୍ଧାର
ଚୁରଗ୍ଣ ହୋଇଯାଏ ଅସ୍ତିତ୍ୱ
ହଜାଇ ବସେ ଠିକଣା
ପୁଣି ମୁଁର ସନ୍ଧାନରେ
ସୃଷ୍ଟି ହୁଏ ଅନ୍ୟ ଏକ ଭିନ୍ନ ମଣିଷ
ମୁଁ ମୋ ପାଇଁ ହୋଇଯାଏ
ବକେୟା, ଅବୋଧ, ଅନାମଧେୟ, ଅଭାବନୀୟ
ପଚା ଶଢା କଙ୍କାଳର ଛଦ୍ମବେଶ ।

●●●

**ମିନାକ୍ଷୀ ଦ୍ୱିବେଦୀ**, ଏମ୍.ଏସ୍.ସି, ଗୃହିଣୀ, ପ୍ରତିଶ୍ରୁତି ପତ୍ରିକାର ସଭାପତି । ତାଙ୍କର ବିଭିନ୍ନ କବିତା, ଗଳ୍ପ, ପ୍ରବନ୍ଧ, ଶିଶୁ କବିତା, ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଅନେକ ପ୍ରତିଷ୍ଠିତ ଓଡ଼ିଆ ଖବର କାଗଜର ସାହିତ୍ୟ ପୃଷ୍ଠାମାନଙ୍କରେ ଏବଂ ଓଡିଶା ବାହାରେ ବିଭିନ୍ନ ସାହିତ୍ୟ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । ପ୍ରକାଶିତ କବିତା ସଙ୍କଳନ: "ଅବ୍ୟକ୍ତ ଅନୁରାଗ" । ଗୁରୁଗ୍ରାମରେ ରୁହନ୍ତି ।

# The mirror shows

Srujan ISSN 2976-9329

Reshma Sultana

The mirror shows a face I know,
A little worn, a little slow,
But in those eyes, a fire glows
A strength that steadily grows.

I used to search for flaws and cracks
Compare myself to others tracks,
And build a wall against attacks,
Ignoring all the love it lacks.

But now I see the lines I wear,
Each one a story, I declare,
Of battles fought, and burdens bare,
And lessons learned with tender care.

The curve of hip, the shape of hand,
A masterpiece, uniquely planned,
By forces that I understand,
And forces I can't comprehend.

So let the whispers fade away,
The doubts that linger and hold sway,
I choose myself, starting today,
To love the woman I portray.

I'll nurture dreams within my soul,
And make my spirit strong and whole,
Embrace the journey, take control,
And write my story, brave and bold.

For in this heart, a love resides,
A gentle current, strong tides,
For me, myself, and all besides,
A love that constantly abides.
●●●

# Woven threads

Srujan ISSN 2976-9329

## Reshma Sultana

A thread of trust, a woven line,
Two souls entwined, a soft design.
Through sunlit days and shadowed nights,
A shared embrace, in gentle lights.

A whispered word, a listening ear,
A silent bond, dispelling fear.
To build a bridge, where hearts may meet,
And find a solace, bittersweet.

A gentle hand, a knowing gaze,
Through life's wild dance, in winding maze.
To understand, and to forgive,
The fragile art of how to live.

Not perfect blooms, but roots that bind,
A patient heart, a loving mind.
In shared moments, big and small,
A relationship, that stands up tall.
●●●

# The heart's rhythm

Srujan ISSN 2976-9329

## Reshma Sultana

A pulsing drum, a hidden beat,
Where joy and sorrow often meet.
A fragile vessel, strong and deep,
Where secrets sleep, and memories keep.

A tender space, for love's embrace,
A broken mirror, time can't erase.
A silent witness, to life's grand play,
Where passions burn, and dreams hold sway.

It aches and yearns, it leaps and falls,
Responding to life's urgent calls.
A compass true, a guiding star,
Revealing who, we truly are.

It mends itself, with gentle grace,
And finds new strength, in time and space.
The heart, a mystery untold,
A story whispered, brave and bold.
●●●

**Reshma Sultana**, MA in English, Teacher at St. Xavier's Senior Secondary School, Cuttack. She writes in English, Hindi and Odia language. She believes one can get healed by writing the poems. Published books: Spasms of Emotion, *Dil Ka Sukoon_ meri Maa*; Two shades of me. Lives in Cuttack.

# The evening song

**Rajanikanta Mohanty** (Originally in Odia)

**Brajamohan Mishra** (Translator)

SRUJAN The Creativity Journal
Srujan ISSN 2976-9329

The hospital could impose itself from a distance, though the signboard hanging from it was heartrending and helpless "Covid Hospital" the boundary of a battlefield. These letters, identifying the year two thousand-twenty, remained blackish on the bosom of Time. Those who loitered from the main gate to the portico strengthened themselves, heart and soul. Yet they looked pale and jaded like a leaf half yellow and half green. An invisible virus gave a new manifester of gestations to the world - a new gospel of life style, a post-modern warrant of death.

Tridev on bed number sixty-three intently looked at each and every bed, placed at two meters distance from one to the other, filled with patients. After he was tested positive, he was admitted just half an hour before. His body had become their shelter, an edible stuff. Doctor, nurse and attendant stood before him in an attention- position, examined him and the nurse administered him medicine. After they left, he looked attentively at the patient chart hanging beside his bed. It read - Bed No. 63, Tridev Das, Male, Age – 29, address – Nirbhayapur, Cuttack, a returnee from Hyderabad, Occupation – Electrical Engineer, Covid-2019(+). A red circle encircled the plus mark. He read all these and hang it again beside his bed. He thought he was a Corona warrior whose body, assisted by medicines, was fighting against the disease.

Neither the doctor, nor the nurse, nor the attendant could be known individually. They were fully clad – doctor in white uniforms, nurse in blue and attendants in light brown looking like a lively constellation. The entire hospital had turned into a museum, as it were, he thought. In fact, man's itinerary behind time is as much historic as memorable. Has a creature from space invaded the human civilization on earth !

'Sister' – Tridev called the nurse passing by the front door.

She halted.

Is there any nurse named Shyamali Kar ? -He asked. From the quarantine centre he had gathered that Shyamali Kar was in that hospital.

The nurse appeared to remember, remained silent and left.

Tridev preserved his waiting for Shyamali Kar like wealth. He looked intently at his two neighbouring patients. The oldman at his right side of fully white hair on head was tall and thin. He had put on spectacles of thick lens and was absorbed in newspaper. As soon as he saw, he turned respectful towards him. Also a sense of intimacy bloomed.

Sir, I am Tridev – he said.

Yet the oldman's attentiveness remained intact. Tridev hit upon a plan and said, "Sir, what are the main news in the paper?"

As the oldman heard about newspaper, he thought someone extending intimacy towards him. He looked at Tridev again who paid him compliments again. The old man responded to his compliments and said, "Admitted to a Corona ward and reading news about it means turning life into Corona. But I am reading only advertisements, quite new and interesting indeed. These constitute the future of our civilization. What do you think about it, young man?

Such opinion of the oldman made Tridev's eyes wide-open, his brain got refreshed.

An excellent opinion, Sir. Corona has not weighed heavily on you. Indeed, an advertisement lasting for fifteen to twenty seconds is more attractive, therefore, more enjoyable - he said. Just then a nurse stood by his bed. Tridev asked instantly, "Are you Shyamali Kar?" The nurse nodded her head implying negation. She drew out a tablet from a strip of tablets and gave him. Tridev swallowed the tablet and gulped it with water. The nurse departed.

A patient of my age was on the bed now you occupy. We were very intimate. He was quite chummy. Ah ! He would say to me, 'You are my diet. Means my food. Do you understand ? Means, my friendship would afford high contentment like the food he liked. But ………" He breathed a deep a sigh.

Sir, what does your 'but' mean? I fail to catch its importance – Tridev turned avid.

Mean, he succumbed to Corona - the old man said sorrowfully.

Oh! Tridev felt alarmed. The bed he occupied now was occupied by another who had died of Corona. He slapped the bed three to four times. Then the bed seemed different to him. As if he was sitting on a dead man! He tried to contain himself.

Young man: Listen to another grave matter - the oldman said.

Sir, I am Tridev. Please address me by this name - Said Tridev.

O, thank you, I am Sankalpa – Sankalpa Mitra – retired Chief Executive! I was pointing out that to be a misery. The young man occupying the bed beside you was my dead friend's son. Both father and son were admitted at a time. But the father departed. Now the son not only suffers from Corona but also from depression.

For a while Tridev was stunned, cast a side glance at the bed left of him. Not that he had not glanced it before, but had not felt it so serious about it. He saw a young man sitting inside a mosquito net. He was not beyond

nineteen or twenty - his body lean and thin, his lips black. He was of medium height and brown colour. His eyes were sharp and winkless. Tridev felt uneasy at such glance of the fellow. May be he was tormented with the thought – “the bed I occupied was occupied by his father who died. Now I am there”. He may have been pricked by such a conflict and that made him look at me this way.”

Good Evening, brother! Tridev addressed him but the youngman remained looking at him as before. After a while, he chuckled, got free from his subconscious. Then his smile remained stable for some moments.

What’s your name? – asked Tridev.

The young man remained unresponsive. He drew out his right hand from the mosquito curtain and extended it to Tridev as if to touch him. Tridev got apprehensive a bit. Sankalpa Mitra said, “Tridev, his name is Maharshi. His father used to call him Mahu”.

The doctor, nurse and ward boy came near to Maharshi’s bed. The doctor examined him and wrote down prescription on his bed ticket.

Sir ! Is Maharshi getting better ? – Tridev asked the doctor.

The doctor nodded his head. As he was fully clad in uniform, his nodding could not be known if it was yes or no.

Sir, please - As he requested, the doctor came to him. Tridev asked - Sir, from my bed ticket, I fail to know whether I suffer from Corona – L or Corona-S types?

The doctor and nurse looked at him searchingly. The doctor smiled, looked at his bed ticket and said - simple!

Tridev heaved a sigh of relief. As they were returning Tridev called the nurse. She halted and looked at him. Very calmly Tridev asked, “ Are you Shyamali Kar ?” The nurse nodded her head in negation. Tridev got more enthusiastic and said - Sister, please tell me the truth if here is any nurse named Shyamali Kar. The nurse said nothing and left. Quite disconsolate, Tridev looked at Maharshi. Maharshi looked at him without winking. Perhaps such type of looking used to be called the looking of a witch that would devour. Bending his lips, he drew out a whiff of air from his mouth. Corona, its medicine, hospital, bed, etc. – he got rid of all these. His father, mother, sister, brother in law, nephew, the river beside his village, the banyan tree appeared before him. He bade them a humble good bye and thought if he should make a phone call to Dikhya Saran. She might have left Mumbai for Simla. Could he ever meet her? Could he?

Due to Corona many software divisions allowed their staff to work from home on online. So, many employees in Inda left for their homes. Tridev too was home bound. He booked a flight ticket while Dikhya Saran booked a ticket for Simla.

It was eight O’ clock at night the day before he had left Mumbai. Everything he had packed. He was just loitering. Dikhya and he were getting close at least eight hours a day. They were employees of the same company. But now they would be separated from each other. Phone, Video call may create relation but they are not physical alternative. He felt lonely and alienated. He spent an hour in conversation with Dikhya in the evening today. Now he thought it would have been better if he had conversed for more time. When he thought so, his room bell rang. He opened the door and to his surprise he found Dikhya with tiffin careers in her hand. He was overwhelmed with joy. He got more exulted as he saw her in a romantic apparel.

We don’t know how Corona will affect us. We have invisible fear for an invisible enemy. Let us now take food. So saying, Dikhya, drew out juice and water from the fridge. She placed the dinner on the dining table. Startled and overwhelmed, a loyal Tridev took food with Dikhya. Then he drank water and took juice; washed his hands. He sat silent on the dining chair and looked at Dikhya. Dikhya drew nigh and held his hand, conducted him to the bed room and switched off light.

You are in me and me in you. Let us consume relationship – said she.

The flight that night was far off the horizon, softer than fragrance, hotter than the hot blast of summer – air and wilder than the waves of the sea. Tridev got immersed in that reminiscence.

Sir, your dinner – the wardboy called.

Tridev did not have a sound sleep. He would get apprehensive because he was sleeping on the bed that has the touch of a dead man. Weren’t that dead man’s son near him, he wouldn’t had got such tormenting feeling. He experienced hide and seek in the matter of sleeping. By two o’clock at night he felt someone pulling his hand and calling – Father, O my father! Befuddled, he woke up and saw Maharshi quite overwhelmed, standing near him. Tridev shouted “Sister, O, sister…..

The sister and wardboy rushed to him. Many patients in the ward also woke up. The wardboy caught hold of Maharshi and took him to his bed.

See, the young man is bewildered. So he takes you to be his father – the Sister explained.

Yes, Yes – Maharshi is under hallucination. Don’t be afraid, Tridev – Said Sankalpa Mitra.

The Sister and wardboy left. Tridev tried to sleep. But fear, apprehension, excitement in rest of the night darkened his heartbeat, nervous system and pulse. The hospital would devour him, he thought. Again he cast a glance at Maharshi and saw him staring at him as before. He wanted to cry aloud but shut his mouth. Tears trickled down his eyes.

Just at four in early morning the wardboy shouted “Security, Security! Come quickly. The patient tries to break the window of the bath room and flee!”

The hospital staff, the doctor in night duty including the security reached the bath room door. Alongwith the security another person stood outside the window. The patient was inside the bath room.

Sir, the patient belongs to bed number sixty-three. He is Tridev – the ward boy said

The doctor knocked at the door violently and said, “Tridev, open the door and come out. You will have no trouble. I shall set everything right for you.”

As Tridev opened the door and came out one ward - boy caught hold of him. Hearing everything from Tridev the doctor shifted him to bed number sixty-five. In between bed number sixty-three and sixty-five remained Sankalpa Mitra. Tridev breathed freely.

At 8 O’clock in the morning he got a video call to his mobile from Dikhya. He switched on his mobile. Both of them looked at each other and remained silent for some time.

O, God! You are in Corona ward! Exclaimed Dikhya.

Thank God, you are in an orchad - Replied Tridev.

During their conversation, the zephyr, the diamond like sunbeams danced but how long they could not know.

Tridev raised his face and looked at Maharshi. He saw him still looking at the bed number sixty-three.

In the evening that day, the doctor, nurse and ward boy approached Sankalpa Mitra. The doctor said, “Now you are Corona-free, negative. We are discharging you.”

Sankalpa Mitra laughed a hearty laugh. It seemed as if the entire world waited for such laughter. Every hair of his body danced in jubilation. The doctor and his team went to Maharshi’s bed and found him asleep. As the ward boy woke him up, his head stooped automatically. The doctor examined him for a long time and said, “Admit him in ICU.” The entire ward was horrified. The ward boy ran for a stretcher. It seemed as if a deep dark shadow encircled the ward. The father was dead, now the son was in ICU.

As Maharshi was carried to the ICU on a stretcher tears welled up in everyone’s eye.

In a sobbing tone Tridev asked Sankalpa Mitra, “Sir, will you return to your home now ?”

Sankalpa Mitra caught Tridev's helplessness and said, "Look, I am prepared to be here if permitted by the hospital, till you come sound. But I know such permission is not granted. Why do you get nervous, young man? Why do you feel confounded when you see an old man of seventy-five years like me has been cured ? You don't suffer from BP, diabetics or of any other serious health problem. Be jubilant."

Though Sankalpa Mitra's words enthused him, he felt something awkward in his heart as he thought of Maharshi, much younger than him, taken to ICU.

The doctor, nurse came to Tridev's bed, examined him and asked if he appreciated the bed.

Yes – Said Tridev.

The doctor prescribed medicines, gave him a tablet from the tray brought by the nurse. Tridev put it in his mouth and drank water.

The doctor along with his team was retuning after finishing their rounds. Tridev looked at the nurse intently. She was quite aged. He thought he might get the real information from her. Sister, – he called.

The nurse halted and came back to Tridev. Tridev was quite bewildered. His face appeared pathetic. He asked the nurse, 'Do you know the nurse named Shyamali ?

The nurse read Tridev's face and said – Yes, I am Shyamali Kar.

●●●

**Rajanikanta Mohanty**, MA (English). Published books: 12 short story collections, six novels, two poetry collections, one critique Book in Odia language. One story collection in English Translation 'The Golden Jackal and other stories '(Translated by Dr Brajamohan Mishra). Award: Odisha Sahitya Akademi Award and others. Lives in Bhadrak.

●●●

**Dr Brajamohan Mishra**, MA (English) PhD, writes and translates, 14 published books. Received literary awards. Lives in Bhadrak.

# ଚିତ୍ର ଘର

Srujan ISSN 2976-9329

## ସ୍ୱୟମ୍ବରା ପଟ୍ଟନାୟକ

ହାତରେ ଖଡ଼ି ଧରି
ମାଟି ଉପରେ
ଅନାବନା ଗାର ଟାଣୁଥିବା ବେଳେ
ହାତ ଧରି ମା' ଦିନେ ଶିଖାଇ ଦେଇଥିଲା
ସିଲଟ ଉପରେ
କିପରି ତିଆରି କରିବାକୁ ହୁଏ ଘର ।

ସ୍କୁଲକୁ ଆସିବା ପରେ
ଶିକ୍ଷକ ଶିଖାଇ ଦେଇଥିଲେ
ଚିତ୍ର ଖାତାରେ କିପରି ତିଆରି କରିବାକୁ ହୁଏ ଘର ।

ସିଲଟ ଆଉ ଚିତ୍ର ଖାତାରେ
ଶିଖୁଥିବା ବେଳେ ଚିତ୍ର ଏକ ଘରର
ଗାଁ ମୁଣ୍ଡ ବରଗଛ ଫାଙ୍କରୁ
କେତେବେଳେ ବଦଳି ଯାଇଥିଲା
ସୂର୍ଯ୍ୟଙ୍କ ସହ ଉଠି ଆସୁଥିବା ଭୋର ।

ଘରର ଚିତ୍ର ରହି ଯାଇଥିଲା
ମା'ର ଆତ୍ମୀୟତାରେ ଭରପୂର
ପାଟ ଅଗଣାରେ,
ମଲ୍ଲି ଫୁଲର ବାସ୍ନା ପାଖରେ ।

ମୁଁ ବାହାରି ଆସିଥିଲି
ଆଉ ଏକ ନୂଆ ରାସ୍ତାରେ ।

ଆସିବା ବେଳେ ସନ୍ଧି କରି ଆସିଥିଲି
କିଛି ଜଣା ଅଜଣା ଇଚ୍ଛାମାନଙ୍କ ସହ
ତା ସହ ମିଶିଥିଲେ ଆଉ କିଛି
ସ୍ନେହ, ପ୍ରେମ, ଭଲପାଇବାର ରଙ୍ଗ
ସମ ଦୂରତାରେ ଚାଲୁଥିଲେ
ଈର୍ଷା ଓ ଅସୂୟା
ଅଦୃଶ୍ୟ ଭାବରେ ରହି ଯାଇଥିଲା
ସତ୍ୟର ଆଢୁଆଳରେ କିଛି ମିଥ୍ୟାଚାର ।

ସବୁକୁ ସ୍ୱୀକାର କରିନେଇ
ମୁଁ ତିଆରି କରିଥିଲି
ଆଉ ଏକ ଘର ।

କେତେବେଳେ ବର୍ଷା ଆସୁଥିଲା
ସେ ଘରକୁ ଭିଜାଇ ଦେଇ ଯାଉଥିଲା
କେତେବେଳେ ଝଡ଼ ଆସୁଥିଲା
ଘରକୁ ଦୋହଲାଇ ଦେଉଥିଲା
ଅଂଶୁଘାତ, ହିମପାତ ମଧ୍ୟ
ବଦଳାଇ ଦେଉଥିଲେ
ଘରର ନକ୍ସା ।

ଅସୁମାରୀ ଅଭିଜ୍ଞତାର ଜଟିଳ ରାସ୍ତାରେ
ଚାଲି ଚାଲି ଥକି ପଡ଼ିବା ପରେ
ଯେତେବେଳେ ପୁଣିଥରେ ଫେରିଥିଲି
ମା' ର ଆତ୍ମୀୟତାରେ ଭରପୂର
ପାଟ ଅଗଣାରେ ଛାଡ଼ି ଯାଇଥିବା
ମୋର ସେଇ ସିଲଟ ଆଉ
ଚିତ୍ର ଖାତାର ଘର ପାଖକୁ
ଆଶ୍ଚର୍ଯ୍ୟ ହୋଇଥିଲି
ଏତେ ବର୍ଷ ପରେ ମଧ୍ୟ
ମୋର ଚିତ୍ର ଘର
ଠିକ୍ ସେମିତି ରହିଥିଲା
ଯେମିତି ମୁଁ ଆଙ୍କି ଦେଇଥିଲି
ସେଦିନ ମୋର ଅନଭିଜ୍ଞ ହାତରେ
ମା' ପାଖରେ ଏବଂ ସ୍କୁଲର ଚିତ୍ର ଖାତାରେ ।

●●●

# ୟୁକ୍ରେନର କ୍ରୋଟନ ଗଛ

SRUJAN
The Creativity Journal
Srujan ISSN 2976-9329

## ସ୍ୱୟମ୍ବରା ପଟ୍ଟନାୟକ

ତଳେ ମୁଠାଏ ମନ୍ତ୍ରିତ ମାଟିରେ
ଦୃଢ଼ ଥିଲା ତା'ର ଦମ୍ଭିଲା ଚେର
ଉପରେ ଆକାଶକୁ ଛୁଇଁବାର
ଅହରହ ପ୍ରଚେଷ୍ଟାରେ
ହାତ ବଢ଼ାଉଥିଲା ଡାଳ ।

ଜିଦ୍‌ରେ ହେଉ କି ଅହଂକାରରେ
ଗୁଳି, ବାରୁଦରେ ହେଉ
କିମ୍ବା କ୍ଷେପଣାସ୍ତ୍ର ମାଡ଼ରେ
କେଉଁ ଯୁଦ୍ଧରେ ମଧ୍ୟ
ମଝି ଆକାଶର
ଦାଉ ଦାଉ ଖରାରେ ଛିଡ଼ା ହୋଇ
କ୍ରୋଟନ୍ ଗଛ କେବେ
ହଜେଇ ଦେଇ ନାହିଁ ଅସ୍ତିତ୍ୱ ନିଜର ।

ନିଜର ସ୍ଥିତିରେ ଦୃଢ଼
ରଙ୍ଗିନ୍ ପତ୍ରରେ ତା'ର
ସ୍ୱପ୍ନ ସବୁ ଚିତ୍ର ଆଙ୍କୁଥିଲେ
ଏକ ସୁନ୍ଦର ଭବିଷ୍ୟତର ।

ରାତି ହେଉ କି ଦିନ
ପବନ ବି ନିର୍ବିଘ୍ନରେ
ଯା ଆସ କରୁଥିଲା
ତା ଚାରିପାଖରେ,
ହଳଦୀ ରଙ୍ଗର ସୁନ୍ଦର ପକ୍ଷୀଟି
ଗୀତ ଗାଉଥିଲା ଆପଣା ଖୁସିରେ
ତା' ଡାଳରେ ।

ପବନ ହେଉ କି ପକ୍ଷୀ
ପରିବେଶ ହେଉ କି ପାରିପାର୍ଶ୍ୱ
ସୂର୍ଯ୍ୟ ଚନ୍ଦ୍ର କିମ୍ବା ବାୟୁମଣ୍ଡଳ
ସେ କେବେ କାହା ବିରୁଦ୍ଧରେ
ବିଦ୍ରୋହ କରିନଥିଲା ।

ସେ ବିଦ୍ରୋହୀ ନଥିଲା
କିନ୍ତୁ ଯୁଦ୍ଧକୁ ଜିଣିବା ଶିଖିଥିଲା
ବିଦ୍ରୋହକୁ ଅତିକ୍ରମ କରିବା ଜାଣିଥିଲା

ମନ୍ତ୍ରିତ ମାଟିର ମାୟାରେ
ମୃତ୍ୟୁର ମହାମଞ୍ଚ ଉପରେ
ଏତେ ଦୃଢ଼ ଥିଲା ତା'ର ଚେର
ପୋଡ଼ା ଭୂଇଁରେ ମଧ୍ୟ ସେ ଜୀବନର
ସଞ୍ଚାର କରିବା ଶିଖିଥିଲା ।

ସେଥିପାଇଁ ଯେତେବେଳେ କ୍ଷେପଣାସ୍ତ୍ର
ମାଡ଼ରେ
ରଙ୍ଗିନ୍ ପତ୍ରରେ ତା'ର
ରକ୍ତର ଛିଟା ପଡ଼ି ବିବର୍ଣ୍ଣ ହୋଇ ଯାଇଥିଲା
ତା ଚାରିପାଖର ପବନରେ ବାରୁଦର ଗନ୍ଧ ମିଶି
ବିଷାକ୍ତ ହୋଇ ଯାଇଥିଲା
ସେତେବେଳେ ମଧ୍ୟ ସେ
ଆଉ ଏକ ପତ୍ର କଅଁଳିବା ଋତୁର ଅପେକ୍ଷାରେ
ନିରୁଦବିଗ୍ନ ରହିପାରିଥିଲା ।

ସେତେବେଳେ ସେ ଆତ୍ମରକ୍ଷାର
ନୂତନ କୌଶଳ ପ୍ରୟୋଗ କରି
ହଳଦୀ ରଙ୍ଗର ପକ୍ଷୀଟିକୁ
ବିଷାକ୍ତ ଧୂଆଁର କୁଣ୍ଡଳୀ କାଟି
ଉପରକୁ ଉଡ଼ିଯିବା ପାଇଁ ପଠାଇ ଦେଇ
ନିଜେ ଆଉ ଏକ ପତ୍ର କଅଁଳିବା
ଋତୁର ଅପେକ୍ଷାରେ ଛିଡ଼ା ହୋଇ ରହିଥିଲା

●●●

# ଆତ୍ମ ପକ୍ଷ

SRUJAN
The Creativity Journal
Srujan ISSN 2976-9329

## ସ୍ୱୟମ୍ବରା ପଟ୍ଟନାୟକ

ମାଛର ଆଖିରେ
ନିଜର ସ୍ୱାଧୀନତାକୁ
କଣ୍ଟା ପରି ଫୋଡ଼ି ଦେବାପରେ
ଆଉ କଣ ଥିଲା କି
ମୋ ନିଜର ।

ଆତ୍ମା ଥିଲା ମୋ ନିଜର
କିନ୍ତୁ ଦେହ ଥିଲା ତୁମର
ସେଥିପାଇଁ ତ କ୍ଷୁଧାର୍ତ୍ତର ଥାଳିରେ
ଅନ୍ନ ବାଢ଼ି ଦେବା ପରି
ମତେ ନିଜ ନିଜ ଭିତରେ
ବାଣ୍ଟି ନେଇଥିଲ ।

ଯେଉଁଠି ଗୋଟେ ନଦୀ
ପାଞ୍ଚ ପାଞ୍ଚଟି ଭୂମିକୁ
ସିକ୍ତ କରିବାର
ଶପଥ ନେଇ ସାରିଥାଏ
ସେଠାରେ କେଉଁ ଆତ୍ମକଥା ନୁହେଁ
ମହାକାବ୍ୟ ହିଁ ଲେଖା ହୁଏ ।

ଯେଉଁଠାରେ କେତେଟା କଟା ହାତରେ
କିଛି ବ୍ୟକ୍ତି ପଶା ଖେଳନ୍ତି
ସେଠାରେ ଯୁଦ୍ଧ ସରିଯିବା ପରେ ମଧ୍ୟ
ଯୁଦ୍ଧକ୍ଷେତ୍ର ଜାଣିପାରେ ନାହିଁ
କାହାକୁ ଉପଲକ୍ଷ୍ୟ କରି
ମହାଭାରତ ସୃଷ୍ଟି ହୁଏ ।

●●●

**ସ୍ୱୟମ୍ବରା ପଟ୍ଟନାୟକ** । ଓଡ଼ିଆରେ ସ୍ନାତକୋତ୍ତର । ବିଭିନ୍ନ ପତ୍ରପତ୍ରିକାରେ ଏବଂ ଆକାଶବାଣୀରେ ଶତାଧିକ ଗଳ୍ପ, କବିତା ସବୁ ପ୍ରକାଶିତ ଏବଂ ପ୍ରଚାରିତ। ରାଜଧାନୀ ପୁସ୍ତକ ମେଳା ପୁରସ୍କାର, ଶ୍ରୀକ୍ଷେତ୍ର ଶ୍ରୀ ସମ୍ମାନ, ଦିଗ୍‌ବଳୟ ସମ୍ମାନ, ପୂଜ୍ୟପୂଜା ସମ୍ମାନ ଇତ୍ୟାଦିରେ ସମ୍ମାନିତ । ଅନେକ କବିତା ଏବଂ ଗଳ୍ପ ପୁସ୍ତକ ପ୍ରକାଶିତ।

# ଯନ୍ତ୍ରଣାର ରଂଗ

SRUJAN
The Creativity Journal
Srujan ISSN 2976-9329

## ଶାନ୍ତନୁ ମହାପାତ୍ର

ଘଟଣାଟା ଅତି ସାମାନ୍ୟ ହେଲେ ମଧ୍ଯ ଧିରେଧିରେ ଅସାମାନ୍ୟ ଭାବରେ ହୃଦୟକୁ ଆନ୍ଦୋଳିତ କଲା । ସେଇ କୁନିଝିଅଟି ବିଷୟରେ ଅଧିକ କିଛି ଜାଣିବା ପରେ ମନଟା ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲା । କିଛି କରିବାର ସାଧ ଥିଲେ ଅବଶ୍ୟ କରିଥାନ୍ତି, କିନ୍ତୁ ... ... ।

ଏକ ବିଶେଷ କାର୍ଯ୍ୟରେ ସେଦିନ ଭୁବନେଶ୍ୱରର ଏକ ଗେଷ୍ଟ ହାଉସରେ ରାତ୍ରି ଯାପନ କରିବାକୁ ପଡ଼ିଥିଲା । ସକାଳୁସକାଳୁ ଶୌଚସ୍ନାନାଦି କାର୍ଯ୍ୟ ସମାପନ କରି ଜଳଖିଆ ଟିକିଏ ଖାଇବା ଉଦ୍ଦେଶ୍ୟରେ ବାହାରକୁ ଆସିଲି । ଆଗ ଛକରେ ଗୋଟିଏ ଜଳଖିଆ ଦୋକାନ ଥିବାର ସୂଚନା ପାଇବା ପରେ ସେଇଠିକୁ ଗଲି।

ଦୋକାନ ମାଲିକ ଜଣେ ବୟସ୍କା ସ୍ତ୍ରୀଲୋକ । ମାଉସୀ ବୋଲି ସମ୍ବୋଧନ କରିବାରେ କିଛି ଅସୁବିଧା ନ ଥିଲା । ବରା ଛଣା ସରିଥିଲା । ଇଟଲି ବି ଥୁଆ ହୋଇଥିଲା । ପୁରି ଛାଣିବା ପାଇଁ ପ୍ରସ୍ତୁତି ଚାଲିଥିଲା ।

ଇଟଲି ସହିତ ଘୁଗୁନି ମଗାଇ ଖାଇବା ଆରମ୍ଭ କରିଦେଇଥିଲି। ମୋର ଆସ୍ଥାନ ଥିଲା ମହଜୁଦ ଥିବା ସମୁଦାୟ ଦୁଇଟି ପ୍ଲାଷ୍ଟିକ ଷ୍ଟୁଲ୍‌ରୁ ଗୋଟିଏ ।

ଏତିକିବେଳେ ଆସିଲା କୁନି ଝିଅଟିଏ । ବୟସ ଦଶ କି ଏଗାର ହେବ। ଡଉଲଡାଉଲ ଚେହେରା । ଶ୍ୟାମଳ ରଙ୍ଗର କୁନି ମୁହଁଟିକୁ ଦେଖିଲେ ପେଟ ପୂରିଯିବ। ଆଖି ଯୋଡ଼ିକ ତ କେଉଁ ଅପସରୀ ଠାରୁ ଛଡ଼େଇ ଆଣିଛି ଅବା । ପୁରୁଣା ଫ୍ରକ୍‌ଟିଏ ପିନ୍ଧିଥିଲା ।

ସେ କୁନିମୁହଁଟି କିନ୍ତୁ ଉଦାସିଆ ଉଦାସିଆ ଲାଗୁଥିଲା । ଯେମିତି କେହି ଛଡ଼ାଇନେଇଛି କିଛି । ଛାତି ତଳେ ଭରି ରହିଛି ଅନେକ ଅକୁହା ବେଦନା ।

ମୁଁ ଖାଉଥିଲି ଓ ତାକୁ ଲକ୍ଷ୍ୟ କରୁଥିଲି । ଖଣ୍ଡେ କୋଡ଼ିଏ ଟଙ୍କିଆ ନୋଟ୍ ମାଉସୀ ଆଡ଼କୁ ବଢ଼ାଇ ଧିର ସ୍ୱରରେ କହିଲା- "ଛଅଟା ପୁରି ଦିଅ।"

ମାଉସୀ କହିଲା- "କୋଡ଼ିଏ ଟଙ୍କାରେ ତ ଚାରିଟା ପୁରି ହେବ । ଛଅଟା କେମିତି ଦେବି ?"

ଏତିକିକଥା ସହିତ ମାଉସୀର ଗୋଟେ କରୁଣ ଚାହାଣୀ ଖେଳିଗଲା ଝିଅଟିର ମୁଖମଣ୍ଡଳ ଉପରେ । ଚୁପଚାପ ଠିଆ ହୋଇଥିଲା ସେ । ତା ଶୁଖିଲା ମୁହଁର ଭାବକୁ ବୋଧହୁଏ ମାଉସୀ ବୁଝି ସାରିଥିଲା । ମୁଁ କିନ୍ତୁ କିଛି ବୁଝି ପାରୁ ନ ଥିଲି ।

ତେବେ ସମୁଦାୟ ପରିସ୍ଥିତିରୁ ଏତିକି ଅନୁମାନ କରୁଥିଲି ଯେ ଛୁଆଟି ବୋଧହୁଏ କିଛି ଖାଇବାକୁ ଇଚ୍ଛା କରୁଛି। ସେଇଥିପାଇଁ ଅଧିକ ଦୁଇଟା ପୁରି ମାଗୁଛି । କିଛି ସମୟ ଚିନ୍ତା କରି କହିଲି- "ଝିଅ, କ'ଣ ଖାଇବୁ କି ?"

ମୋ ମୁହଁକୁ ସାମାନ୍ୟ ଚାହିଁ ଅନ୍ୟଆଡ଼କୁ ମୁହଁ ବୁଲାଇ ଦେଲା, ସଂକୋଚ ଆଉ ସ୍ୱାଭିମାନରେ । ଅଜ୍ଞାନ ପ୍ରାଣୀ ପଶୁପକ୍ଷୀମାନଙ୍କର ବି ସ୍ୱାଭିମାନ ଥାଏ । ତାଙ୍କ ସାମ୍ନାରେ କେହି ଅଚିହ୍ନା ଲୋକ କିଛି ଖାଦ୍ୟ ଥୋଇଦେଲେ ସେମାନେ ହଠାତ୍ ଖାଇନିଅନ୍ତି ନାହିଁ । ଆମେ ତ ସହଜେ ମଣିଷ । ବୟସ ତା'ର କମ୍ ହେଲେ କ'ଣ ହେଲା, ଅପରିଚିତ ଲୋକଠୁ କେମିତି ଖାଇନେବ ଯେ ? ସ୍ୱାଭିମାନ ବୋଲି କିଛି ଅଛି ନା ନାହିଁ ?

ତଥାପି ବାଧ କଲାପରି ମାଉସୀକୁ କହିଲି- "ମାଉସୀ, ତାକୁ ଦୁଇଟା ବରା ଦିଅ ତ ।"

ଡେରି ନକରି ଗୋଟେ ଚଉପଦୀରେ ଦୁଇଟା ବରା ମାଉସୀ ତାକୁ ଧରାଇଦେଲା । ଯାହାହେଉ ତା କୁନି କୁନି ହାତରେ ସେତକ ଧରିଲା । ମୋତେ ଖୁସି ଲାଗିଲା । ଖାଇବ ନିଶ୍ଚୟ । କୋଡ଼ିଏ ଟଙ୍କିଆ ନୋଟ୍ ଟା ତା ବାଁ ହାତରେ ଅତି ଯତ୍ନରେ ଧରିଥାଏ ।

ମୁଁ ତାକୁ ଲକ୍ଷ୍ୟ କରୁଥାଏ । ଧିରେଧିରେ ଖାଇବା ଆରମ୍ଭ କଲା । ମୋ ପାଖରେ ପଡ଼ିଥିବା ଷ୍ଟୁଲ୍‌ଟିରେ ତାକୁ ବସିବାକୁ କହିଲି । ବସିଲା ଏବଂ ଖାଇଚାଲିଲା । ଚାହୁଁଚାହୁଁ ଦୁଇଟା ଯାକ ବରା ଖାଇଦେଲା ।

ତା ଚଉପଦୀ ଖାଲି ହେବାର ଦେଖି ପୁଣି ମାଉସୀକୁ କହିଲି- "ମାଉସୀ... , ଆଉ ଦୁଇଟା ବରା ତାକୁ ଦିଅ ତ ।"

ମୋ କଥାକୁ ଅପେକ୍ଷା କରିଥିଲା ପରି ମାଉସୀ ପୁଣି ଦୁଇଟା ବରା ତା ଚଉପଦୀରେ ଥୋଇଦେଲା । ସେ ମନା କଲାନି । ଗରମ ଗରମ ବରା ଏ ଦୁଇଟା ବି କିଛି କ୍ଷଣ ମଧ୍ୟରେ ଖାଇଦେଲା ।

ମୁଁ ଆଶ୍ଚର୍ଯ୍ୟ ହେଲି । ପିଲାଟି ଭୋକିଲା ଥିଲା ନିଶ୍ଚୟ । ପୁଣି ପଚାରିଲି- "ଆଉ ଖାଇବୁ ?"

କିଛି କହିଲାନି । ନୀରବ ରହିଲା । ତା'ର ମନୋଭାବକୁ ମୁଁ ଜାଣିବା ପୂର୍ବରୁ ମାଉସୀ ବୋଧହୁଏ ଜାଣି ସାରିଥିଲା କି କ'ଣ, ମୁଁ କିଛି କହିବା ପୂର୍ବରୁ ମାଉସୀ ପୁଣି ଦୁଇଟା ବରା ତା ଚଉପଦୀରେ ଥୋଇଦେଲା । ନିକଟରେ ବସି ଘଟଣାର ପୂର୍ବାପର ପରିସ୍ଥିତିକୁ ଆକଳନ କରିବାକୁ ଚେଷ୍ଟା କରୁଥିଲି । ପାରୁ ନ ଥିଲି ।

ଖାଇସାରି ହାତ ଧୋଇଲି । ଘୁଗୁନି ସହିତ ଚାରିଟା ଇଟଲି ସକାଳ ଜଳଖିଆରେ ମୋ ପାଇଁ ଯଥେଷ୍ଟ । ଅଥଚ ଏ ଛୁଆଟା ଛଅଟା ବରା...... ! ଆଶ୍ଚର୍ଯ୍ୟ ଯେତିକି ଅନୁଶୋଚନା ବି ସେତିକି । ଛୁଆଟା କେତେ ଭୋକିଲା ଥିଲା କେଜାଣି ?

ପୁଣି ଥରେ କଅଁଳ ସ୍ୱରରେ କହିଲି- "ମା.... , ଆଉ ଗୋଟେ ଖା ।"

ଏଥର ମୁଣ୍ଡ ହଲାଇ ମନା କଲା ।

ପାଣି ପିଇବୁ ?

ମୁଣ୍ଡ ହଲାଇ ହଁ କଲା । ପାଖରେ ଥୁଆ ହୋଇଥିବା ପାଣି ଗ୍ଲାସ୍‌ଟା ଧରାଇ ଦେଲି । ସେତକରୁ ବି ଅଧା ପିଇଦେଲା । କିଛିଟା ସନ୍ତୋଷ ମିଳୁଥିଲା ମୋତେ । କିନ୍ତୁ ସନ୍ତୋଷ ଯେତିକି ଥିଲା ତା'ଠାରୁ ଯଥେଷ୍ଟ ଅଧିକ ବ୍ୟାକୁଳତା ବଢ଼ି ବଢ଼ି ଯାଉଥିଲା ।

ତା ପିଠିକୁ ସାମାନ୍ୟ ଆଉଁସି ଦେଇ ପଚାରିଲି- "ମା, ପେଟ ପୂରିଲା ?"

ମୁଣ୍ଡ ହଲାଇ ହଁ କହିଲା । ମୋ ମୁହଁକୁ ଟିକିଏ ଚାହିଁଲା । ଯେମିତି ମୁଁ ତା'ର ଅତି ଆପଣାର ମଣିଷଟେ । ଅନେକ ଦିନରୁ ନିବିଡ଼ ସଂପର୍କରେ ବନ୍ଧା ଆମେ । ଆଖି ଛଳଛଳ କରି କହିଲା,"କାଲି ରାତିରୁ କିଛି ଖାଇ ନ ଥିଲି । ଭାରି ଭୋକ ଲାଗୁଥିଲା ।"

ତା ଶୁଖିଲା ମୁହଁରେ ଓଦାଓଦା ଆଖିର ଚାହାଣି ସାଙ୍ଗକୁ କୋହଭରା କଥାପଦକ ମୋତେ ଖୁବ୍ କଷ୍ଟ ଦେଉଥିଲା । ଭାରାକ୍ରାନ୍ତ ମନରେ ଚୁପଚାପ୍ ସେଇ ଷ୍ଟୁଲ୍ ଉପରେ ବସିଥିଲି । ଏ ସଂସାରରେ ଭୋକିଲା ପ୍ରାଣୀର ଦୁଃଖ ବୋଧହୁଏ ସବୁଠୁ ଉପରେ । ଭୋକର ଜ୍ୱାଳା କେବଳ ଅନୁଭବୀ ହିଁ ଜାଣେ ।

ପୁରି ଛଣା ସରିଥିଲା । ତରକାରୀ ସହ ଚାରିଟା ପୁରି ଗୋଟିଏ ପଲିଥିନ୍‌ରେ ଭରି ମାଉସୀ ତାକୁ ଧରାଇଦେଲା । କୋଡ଼ିଏ ଟଙ୍କିଆ ନୋଟ୍‌ଟା ବଢ଼ାଇଦେଇ ସେ ଯିବାକୁ ବାହାରିଲା ।

ମନର ଉଦ୍‌ବେଗକୁ ନିୟନ୍ତ୍ରଣ କରିନପାରି ପଚାରିଲି- "ଝିଅ... , ଏତକ କାହା ପାଇଁ ନେଉଛୁ ?"

"ମୋ ସାନଭାଇ ପାଇଁ । ଏକୁ ଖାଇ ସେ ସ୍କୁଲ ଯିବ।"

"ଆଉ ତୁ ସ୍କୁଲ ଯିବୁନି ?"

"ନାଁ । ମା' ତା ବାପଘରକୁ ଯିବ। ବାପା ବି ସାଥୀରେ ଯିବେ । ମତେ ଘର ଜଗିବାକୁ ହେବ ।"

ଆହୁରି ଅଧିକ କିଛି ଜାଣିବାକୁ ଇଚ୍ଛା ଥିଲେ ବି ପଚାରି ପାରିଲିନି । ବିବେକ ବାଧା ଦେଲା । ସେ ତରତର ହୋଇ ଚାଲି ଯାଉଥିଲା । ତା ଚଲାପଥକୁ ଚାହିଁ ରହିଥିଲି । କିଛିକ୍ଷଣ ମଧ୍ୟରେ ରାସ୍ତା ଆରପଟ ସାମ୍ନା ଗଳିରେ ଅଦୃଶ୍ୟ ହୋଇଗଲା ।

ମନରେ ଅନେକ ପ୍ରଶ୍ନ । ସମସ୍ତଙ୍କର ପରିବେଶ ଓ ପରିସ୍ଥିତିକୁ ଆକଳନ କରିବା ସମ୍ଭବ ନୁହେଁ । କେତେବେଳେ କେମିତି କାହାକୁ ସାମାନ୍ୟ ସମବେଦନା ଜଣାଇ ଆମେ କିଛିଟା ଆତ୍ମସନ୍ତୋଷ ପାଆନ୍ତି ସିନା ମାତ୍ର ସେତିକିରେ କାହାରି ପରିସ୍ଥିତି ସୁଧୁରି ଯାଏନି କି ଯନ୍ତ୍ରଣା ହ୍ରାସ ପାଏନି । ଗଭୀର ଭାବରେ ଚିନ୍ତାମଗ୍ନ ଥିଲି ।

ମୋ ଭାବାବେଗକୁ ବୋଧହୁଏ ଠିକ୍ ରୂପେ ଅନୁଭବ କରୁଥିଲା ମାଉସୀ । କହିଲା- "ତା କଥା ଭାବୁଛ କି ବାପା ! ବଡ଼ ଦୁଃଖିନୀଟିଏ । ମା' ଛେଉଣ୍ଡ ଛୁଆଟା । ଗତ କରୋନାରେ ତା ମା' ମରିଗଲା ପରେ ତା ବାପ ଆଉ ଗୋଟେକୁ ଆଣି ଆସିଛି । ତା'ର ଗୋଟେ ଛୁଆ ହେଲାଣି । ସେ ଛୁଆଟା ନୂଆ ନୂଆ ସ୍କୁଲ ଯାଉଚି । ସେ ମାଇକିନାଟା ଭାରି ଷ୍ଟାଇଲବାଲୀ ଖଣ୍ଡେ । ତା ବାପ ତ ତାକୁ ଖାଲି ମୁଣ୍ଡେଇଚି । କାର୍ ଖଣ୍ଡେ କାହାର ଚଲଉଚି ଯେ ସେଥିରେ ମାଇକିନାକୁ ବସେଇକି ବୁଲୋଉଚି । ସବୁ ରୋଜଗାର ସେ ମାଇକିନା ପଛରେ ଉଡ଼ୋଉଚି । ପଛ ମାଇପ ଘଇତାଠୁ ବଳକା ପରା ।

ଏ ଛୁଆଟାର କିନ୍ତୁ ଭାଗ୍ୟ ଖରାପ । ଭାରି ହିନସ୍ତା ହେଉଛି ବିଚାରୀ । ଆଡ଼ଆଖିରେ ଦେଖୁ ନାହାନ୍ତି ତାକୁ । ଭଲକରି ମୁଠେ ଖାଇବାକୁ ଦେଉନାହାନ୍ତି କି ଭଲରେ ଖଣ୍ଡେ ପିନ୍ଧିବାକୁ ଦେଉ ନାହାନ୍ତି । ପାଠ ପଢ଼େଇବେ କ'ଣ ଓଲଟା ଚାକରାଣୀ ପରି ଯାବତୀୟ ଘରକାମ କରଉଛନ୍ତି । ପାପୀ ମଣିଷଗୁଡ଼ା । ସେ ଘଇତା ମାଇପ ଦୁଇଟା ପରା ମତେ ଥରେ କହୁଥିଲେ, ସେ ଛୁଆଟାକୁ ଏଇ ଦୋକାନରେ ରଖିବା ପାଇଁ । ମୋତେ କ'ଣ ଦଇବ ଛାଡ଼ିଛି, ଛୋଟ ଛୁଆକୁ କାମରେ ଲଗେଇବି ? ପୋଲିସ ବାନ୍ଧିବ ନାଇଁ !

ଛୁଆଟାକୁ ଦେଖିଲେ ମୋତେ ବି ଦୁଃଖ ଲାଗେ। ହେଲେ ମୁଁ କ'ଣ କରି ପାରିବି ! ମୋ ଘରେ ତ ପୁଅବୋହୂ ନାତିନାତୁଣୀ ପଲେ । ମୁଁ ସେମାନଙ୍କ ଦୟାରେ ବଞ୍ଚିଛି । ମୁଁ କାହାକୁ ଆଶ୍ରା ଦେବି । ତୁମେ ଯେମିତି ଆଜି ଖାଇବାକୁ ଦେଲ, ମୁଁ ସେମିତି ବେଳେବେଳେ ଦିଏ । ହେଲେ କିଛି ଲାଭ ନାହିଁରେ ବାପ । ଠାକୁର ଏକା ଭରସା ।

କଥାସବୁ କହୁଥିବା ବେଳେ ମାଉସୀ ଆଖିରେ ଲୁହ ଜକେଇ ଆସୁଥିଲା । କାନିରେ ପୋଛୁଥିଲା ସେ ।

ମୁଁ କହିଲି, "ଯଦି ଛୁଆଟି ପ୍ରତି ଏତେ ଅନ୍ୟାୟ ହେଉଛି, କେହି ପୋଲିସକୁ ଜଣାଉ ନାହାନ୍ତି କାହିଁକି ?"

"ଜଣାଇଥିଲେ ରେ ବାପା । ସାହିପଡିଶାରୁ କିଏ ଥାନାରେ କହିଦେଇଥିଲେ । ଥାନାବାବୁ ଆସିଥିଲେ । ପଚରାପଚରି କରି ସବୁ ସତ ଜାଣିବା ପରେ ବାପଟାକୁ ଥାନାକୁ ଧରି ନେଉଥିଲେ । ହେଲେ ସେ ଛୁଆଟି କ'ଣ ଛାଡ଼ିଲା ? ବାପଟା ସିନା ଅମଣିଷଟାଏ । ଝିଅ ପ୍ରତି ସ୍ନେହ ଶ୍ରଦ୍ଧା ନାହିଁ କିନ୍ତୁ ଝିଅଟା ବାପକୁ ବହୁତ ଭଲ ପାଏ । ବାପାକୁ କୁଣ୍ଢାଇ ଧରି ଏତେ କାନ୍ଦିଲା ଯେ ପୋଲିସ୍ ବାଧ ହୋଇ ତାକୁ ଛାଡ଼ିଦେଲା  ଅବଶ୍ୟ ତାଗିଦ୍ କରିଦେଇଯାଇଛି। ଝିଅକୁ ଅଣଦେଖା କଲେ ପୁଣି ଆସି ବାନ୍ଧି ନେଇଯିବୁ ବୋଲି କହିଯାଇଛନ୍ତି ।

ବାପଟା ସିନା ଟିକିଏ ନରମିଯାଇଛି, ହେଲେ ସେ ସାବତମା'ଟା ତ ମଣିଷ ନୁହେଁ । ରାକ୍ଷାସୁଣୀଟାଏ । ହାତ ସହିତ ଭାତରେ ବି ମାରୁଛି । ମଣିଷପଣିଆ ବୋଲି ଟିକିଏ ନାହିଁ ।"

ଏତେ ଗୁଡ଼ାଏ କଥା ଶୁଣିବା ପରେ ମନଟା ବିଚଳିତ ହୋଇ ଉଠୁଥିଲା । ଅନ୍ୟମନସ୍କ ଭାବରେ ସେଠାରୁ ଆସିଲି । କାର୍ଯ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ମୁଁ ତା'ରି କଥା ହିଁ ଭାବୁଥିଲି । ଆଉଥରେ ତାକୁ ଭେଟିବାର ଆଗ୍ରହ କ୍ରମଶଃ ଦୃଢ଼ରୁ ଦୃଢ଼ତର ହେଉଥିଲା ।

●●●

**ଶାନ୍ତନୁ ମହାପାତ୍ର,** ବି.ଏ., ବି.ଏଡ, ଶିକ୍ଷକ, କେନ୍ଦୁଝର । ଓଡିଆ ସାହିତ୍ୟରେ ଶ୍ରଦ୍ଧା । ପ୍ରକାଶିତ ପୁସ୍ତକ: ଗଳ୍ପ ଅଳ୍ପ ଅଳ୍ପ, ଗଳ୍ପ ନିଳୟ ।

# ଭୁଲ ରହିଲା କେଉଁଠି ?

Srujan ISSN 2976-9329

## ପ୍ରଭାତ ରଞ୍ଜନ ବେହୁରା

ବେଳେବେଳେ ଆମର କଥିତ ଭାଷା ଓ ଲିଖିତ ଭାଷା ସମାନ ରହିଥିଲେ ବି ସେଗୁଡ଼ିକ ପ୍ରକୃତରେ ଭିନ୍ନାର୍ଥକ ହୋଇଯାଏ । ଏ ପ୍ରସଙ୍ଗରେ ଉପେନ୍ଦ୍ରଭଞ୍ଜଙ୍କ ରାମାୟଣ କାବ୍ୟରୁ ପଦେ ଆଲୋଚନା କରିବା । ସେଇ ପଦଟି ହେଲା –

**"ବାବୁ ନାକ ଶିରୀ ଦାନ ଯୋଗ୍ୟ ଯୋଷାକୁ, ବିହର କାନନ କର ଆଲିଙ୍ଗନକୁ ।"**

ଏଇ ପଦଟି ଗୋଟିଏ ଚିଠିରେ ବଡ଼ଭାଇ ଶ୍ରୀରାମ ଲେଖିଥିଲେ ସାନଭାଇ ଲକ୍ଷ୍ମଣ ପାଖକୁ, ପୁଣି ପତ୍ରବାହକ ଥିଲେ ରାବଣର ଭଉଣୀ ସୂର୍ପଣଖା । (ଏଇ ଚିଠିଟି କେଉଁ ପରିସ୍ଥିତିରେ ଲେଖାଗଲା ଓ ସୂର୍ପଣଖା କାହିଁକି ନିଜେ ପତ୍ରବାହକ ହେଲେ, ତାହା ବର୍ଣ୍ଣନା କରାଯାଉନାହିଁ ।)

ତେବେ ଶ୍ରୀରାମଙ୍କ ଲେଖା ପଢ଼ି ସୂର୍ପଣଖା ସନ୍ତୁଷ୍ଟ ତଥା ଆନନ୍ଦିତ ଥିଲେ, କାରଣ ତାଙ୍କର ଈପ୍‌ସିତ କାମନା ପୂରଣ ହେବାର ସମ୍ଭାବନା ଥିଲା । ଚିଠିଟି ଯଥାବିଧି ଲକ୍ଷ୍ମଣଙ୍କ ହାତରେ ବି ପହଞ୍ଚିଗଲା, ଏବଂ ଭ୍ରାତୃଭକ୍ତ ଲକ୍ଷ୍ମଣ ଭ୍ରାତାଙ୍କ ବାର୍ତ୍ତାକୁ ଆଦେଶ ମନେକରି ଅବିଳମ୍ବେ କାର୍ଯ୍ୟରେ ପରିଣତ କରିଥିଲେ । ଫଳରେ ସୂର୍ପଣଖା ନିଜର ନାକ ଓ କାନ ହରେଇଥିଲେ, ଯାହା ରାବଣଙ୍କୁ ସୀତାଙ୍କ ହରଣ କରିବାକୁ ବାଧ କରିଥିଲା ।

ତେବେ ସୂର୍ପଣଖା ପ୍ରଥମେ ଚିଠିଟି ପଢ଼ି ବୁଝିଥିଲେ ଯେ –

ବାବୁ (ସାନଭାଇକୁ ସମ୍ବୋଧନ), ନାକ (ସ୍ୱର୍ଗ), ଶିରୀ (ସୁଖ), ଦାନ (ପ୍ରଦାନ କର), ଯୋଗ୍ୟ ଯୋଷାକୁ (ଉପଯୁକ୍ତ ନାରୀଙ୍କୁ), ବିହର କାନନ (କାନନରେ ବିହାର କର), କର ଆଲିଙ୍ଗନକୁ (ଆଲିଙ୍ଗନ କର) ।

ଗୋଟିଏ ଚିଠି ଜଣେ ଲେଖିଲେ, ନିର୍ଦ୍ଦିଷ୍ଟ ପତ୍ରବାହିକାଙ୍କ ମାଧ୍ୟମରେ ଉଦ୍ଦିଷ୍ଟ ବ୍ୟକ୍ତି ବି ତାହାକୁ ପ୍ରାପ୍ତ କଲେ । ଚିଠିଟି ବି ଗୋପନୀୟ ନଥିଲା, ପତ୍ରବାହିକା ମଧ୍ୟ ପାଠ କରିପାରିଥିବେ । ଏଠାରେ କୌଣସି ଗୋଳମାଳ ହୋଇନଥିଲା । ଲେଖାଟି ଉଦ୍ଦିଷ୍ଟ ପାଠକ, ଲକ୍ଷ୍ମଣ ନିଜେ ପାଠ କରିବା ପରେ ବୁଝିଥିଲେ ଏହିପରି –

ବାବୁ (ସାନଭାଇକୁ ସମ୍ବୋଧନ), ନାକ ଶିରୀ ଦାନ ଯୋଗ୍ୟ (ନାକର ସୌନ୍ଦର୍ଯ୍ୟ ଛେଦନଯୋଗ୍ୟ), ଯୋଷାକୁ (ରମଣୀର), ବିହର କାନ (କାନକୁ ବିଶେଷ ଭାବରେ ହରଣ କର), ନକର ଆଲିଙ୍ଗନକୁ (ଆଲିଙ୍ଗନ କର ନାହିଁ) ।

ଏଇ ପରିପ୍ରେକ୍ଷୀରେ କୁହନ୍ତୁ ତ, ଭୁଲ କାହାର ?

ପତ୍ରର ଲେଖକ ତଥା ପ୍ରେରକ ଖୋଲାପତ୍ରରେ ପ୍ରାପକଙ୍କୁ ନିର୍ଦ୍ଦେଶ ଦେଇ ପାରିବେ କି ପତ୍ରବାହିକାଙ୍କ କାନ ଓ ନାକ ହରଣ କରିବା ପାଇଁ ?

●●●

[କହିବାକୁ ଚାହୁଁଥିବା କଥା, ତା'ପାଇଁ କଥନରେ ବା ଲିଖନରେ ବ୍ୟବହୃତ ଶବ୍ଦସବୁ ସେଇ ଏକାକଥା ବା ଭାବ ପ୍ରକାଶ କରିବାରେ ବେଳେବେଳେ ସମର୍ଥ ହୁଅନ୍ତି ନାହିଁ, ପୁଣି ଶୁଣିବା, ପଢ଼ିବା ଲୋକେ ତାର ଭିନ୍ନ ଅର୍ଥ କରି ବସିବା ବି ଦେଖାଯାଏ । କଥିତ ଓ ଲିଖିତ ଭାଷାକୁ ଅନ୍ତତଃ ତ୍ରୁଟିଶୂନ୍ୟ କରିବାକୁ ଯତ୍ନଶୀଳ ହେବାକୁ ଶ୍ରୀ ବେହୁରା ଉତ୍ସାହିତ କରନ୍ତି ।]

●●●

**ପ୍ରଭାତ ରଞ୍ଜନ ବେହୁରା,** ବି.ଏସସି, ବି.ଏଡ୍, କାନାରା ବ୍ୟାଙ୍କରୁ ସେବାନିବୃତ୍ତ । ବ୍ୟାଙ୍କରେ ନିଯୁକ୍ତି ପାଇବା ପୂର୍ବରୁ ସେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଥିଲେ । ସେବାନିବୃତ୍ତ ହେବା ପରେ ସେ ଓଡ଼ିଆ ଭାଷାର ଶୁଦ୍ଧତା ପ୍ରତି ଧ୍ୟାନଦେଇ ଏକାଧିକ ପୁସ୍ତକ ଓ ପତ୍ରିକାର ପ୍ରୁଫ୍ ସଂଶୋଧନରେ ସମୟ ଦେବା ସହିତ ମାସିକ ସାହିତ୍ୟ ପତ୍ରିକା 'ସାହିତ୍ୟ ଚର୍ଚ୍ଚା'ର ବର୍ତ୍ତମାନ ସହ-ସମ୍ପାଦକ ଅଛନ୍ତି । ସେ ଅନୁବାଦ, ପ୍ରବନ୍ଧ ଲିଖନରେ ସମୟ ଅତିବାହିତ କରିବାକୁ ପସନ୍ଦ କରନ୍ତି । କେତେକ ପୁସ୍ତକ ମଧ୍ୟ ଏବେ ପ୍ରକାଶ ଅପେକ୍ଷାରେ ଅଛି । ସେ ଭୁବନେଶ୍ୱରରେ ରହନ୍ତି ।

# The cliff

Srujan ISSN 2976-9329

## Nilamadhab Kar

Imagine. All your life
You have struggled,
Climbed those rocky, slippery steps,
Created paths, where existed none,
And now, you are, where you are,
At the zenith, on the cliff edge

Looking back on all those days, and
Roads travelled, unbelievable
That you crossed all those hurdles
There's no going back. You can't,
You can't return to where you came from
You can only move forward

You are tired now, feet dragging,
Wings dangling,
You wonder, is this it?

And in the front - the cliff,
There isn't any road, path,
Nothing, anymore, nothing
Just the endless sky,
From your feet, looking down,
It's just the clouds, layers of veil
Hiding away the world underneath

At this point, moving forward
Means a leap of faith,
You just wish and pray
A gush of air lifts you,
Lands you safely
In the lap of nature,
When it's all misty, and unclear

Have faith, take your step,
There will be wings around you,
Of angels, lifting you
To unfathomable heights

Just have faith, and
Feel the colours painted around you
Winds have changed directions,
Feel.... You are floating already,
Like a kite, and fearless,
You know, the thread is well-
secured
In hands that care

●●●

# Holding on

Srujan ISSN 2976-9329

## Nilamadhab Kar

It’s how long you wish
To continue
To hold on

In a life
Where it’s not always easy
To feel loved and wanted

In a life
Where it’s always a struggle
To prove your
Honest intentions, wishes, and prayers

It’s so easy
To feel, it’s enough
That’s it and no more

As soon as you give up
And don’t want to continue
The body gives in
Becomes the last straw on itself
And sinks

Life crumbles
And fades away
●●●

Srujan ISSN 2976-9329

# You're past

## Nilamadhab Kar

Even if so much of yours is still around
You have become a thing of the past
Shades of grieving are nowhere seen

Even before the pyre is lit
People have started forgetting you
Already, as a past with no present

People wish to look forward
March on. Live the day, today
And dream, the coming tomorrows


They don't want to live in the past
They want it buried, done, and dusted
Even that involves remembering you

All who remember are seen as stuck,
In the past, tied to the dead. Pitied of
Lagging behind, slowing the journey
●●●

**Dr Nilamadhab Kar** is a psychiatrist, based in the UK. Besides scientific articles in the field of medicine, more specifically mental health; he also writes poems, stories and articles for public education in English and Odia, which have been widely published. He has authored and edited few medical books, an anthology of Odia poems and two books of translated poems from Odia to English. He is on the editorial board of a few medical and literary journals.

# Book review

Srujan ISSN 2976-9329




Puspita Jena. *Mo Gan Mati Mora Aliva Smruti*. Uday Publication, Bhubaneswar, 2024.

Puspita Jena writes stories, poems, essays, articles for children, and travelogues, which have been published widely. In the 'Mo Gan Mati Mora Aliva Smruti' book she has described her childhood experiences which reflect realities in the villages then. Her love for her village is aptly narrated in the pages of the book, along with photographs. The depiction highlights the beauty of the village, and its river, roads, delicacies, seasons, farmlands, and many other subtle observations have been portrayed delicately and lively. These desciptions are so generalizable to many villages in Odisha. These writings fill one with nostalgia. Puspita Jena belongs to Amiyapal, Kendrapara, and currently lives in New Delhi, India.

**Srujan: The Creativity Journal**
**ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ**

ISSN 2976-9329

## Information about the journal

ସୃଜନ : ଦି କ୍ରିଏଟିଭିଟି ଜର୍ଣ୍ଣାଲ [The Srujan: The Creativity Journal (SCJ) **ISSN 2976-9329]** showcases creative excellence linked to Odisha and promotes it worldwide. It puts together the choicest articles in Odia Literature and creativity in other artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

### Articles

Articles of creative writing (poems, short stories, paintings, sculpting, dance, photographs, and other art forms etc.) and about creative personalities related to Odisha are included in this International Journal. It is designed to be a multilingual journal. Translations from different languages to Odia and from Odia to other languages are also accepted. Articles from authors connected to Odisha who are writing in other languages are also accepted (preferably in English).

The Journal also encourages readers to suggest a good piece of creative writing or art of an author or creator to be included in this journal.

### Periodicity

At the moment it is thrice a year: **April, August and December**. The frequency may vary. There is provision of special issues occasionally.

### Publication Ethics

It is important that the authors need to adhere to the publication ethics. If plagiarism or any other unethical practice is brought the notice of the editorial board, a process will be followed and the article will be retracted and the readers will be informed. Readers are encouraged to report plagiarism or any unethical practice to the editorial board. Authors will remain responsible for any conflicts about their submission. Editorial board or the publishers will not have any liability.

## Instruction to authors

### Type of articles

**Poems:** Minimum 3 and up to 5 short poems can be submitted. Shorter poems with less than 20 lines are better.

**Short stories:** Only one short story can be submitted at a time, preferably in around 2000 words or less.

**Painting:** One or more paintings can be presented, along with a write up about the paintings, title, and theme, method of painting and about the painter. High quality JPEG files are needed.

**Photographs:** Artistic photographs can be submitted, one or more at a time, along with a write up about them. Photographs of creative sculptures can also be submitted. Photographs should be in high resolution JPEG files.

**Photographs of dance / dancer / with explanations**

**Photographs of sculptures / sculpting**

**Biography of famous creators in history:** Article on a creative person, detailing their creative achievements, and background can be submitted with relevant photographs. These articles are expected to be no more than 500 words.

**Book and Magazine Reviews:** short write ups up to 200 words with specific information.

### Preparation of the manuscript

Articles should be prepared in MS Word, any editable Font (Unicode font, e.g. Kalinga). Please check spellings, and avoid objectionable content. Save the file in **your name and the type of article** (e.g. Ramnath Lenka - Poem)

### Please provide these details

1. Author name* [if you use a pseudonym, please provide actual name, address and phone number]
2. Address: Current place of residence, State/Country*
3. Author biography (around 50-100 words) Example style: Name Surname, Artistry, usual work, … etc. …],* Please make it in one paragraph, to be written in third person providing specific information. Please do not send a detailed biodata.
4. Email* *[Please note: Articles sent from your email will be considered as your confirmation that it is your original article, and you will be solely responsible for any dispute or copyright violation.]*

5. Phone/WhatsApp (*not to be published*)
6. The details previous publication (if any) of submitted article: name of the magazine/newspaper where published, Year (date). *If published earlier, please ensure that, if needed, you have authority to republish or have written permission from the original publisher / copyright holder to republish.*
7. Title of the article
8. Content of the article
9. If submitting photographs of paintings, sculptures or artistic photography, etc., these should be given in high resolution JPEG files separately. JPEG file names should have the name of the author/contributor.

**Book and Magazine Reviews**

Srujan publishes **Book Reviews** in its issues to popularise books related to Odisha, Odia and translated literary / creative works. Interested authors, editors and publishers may send two copies of the book or an eCopy for review. Along with the book, please send following information by email to srujan.journal@gmail.com: 1 Title of the book: 2. Author full name: 3. Publisher: 4. Publication place: 5. Publication year: 6. Cover page photo of the book in JPEG. In addition any specific points about the book that should be considered for inclusion in review can be mentioned.

Srujan publishes **Magazine Reviews** in its issues to popularise magazines related to Odisha and Odia. Interested Editors and publishers may send two copies of the magazine or an eCopy for review. Along with the magazine, please send following information by email to srujan.journal@gmail.com: 1. Title of the magazine: 2. Full name of Editors: 3. Publisher and address: 4. Publication place: 5. Publication frequency: 6. Cover page photo of the Magazine in JPEG. Along with these, any specific points about the magazine that should be considered for inclusion in review and article submission email or address can be provided.

***Address to send the paper copies of the books and magazines:***

**Editor, Srujan, 60 Highfield Drive, Epsom, KT19 0AP, London, UK.**

However, if required, the books and magazines can be sent to: Srujan, 130, Ratnakar Bag, Bhubaneswar, 751018, India.

## Submission of articles

**Articles are submitted by email**. srujan.journal@gmail.com or srujan@instituteofinsight.org Communication regarding outcome of the article (acceptance or rejection) will be communicated in a reasonable time frame or within 3-6 months. The scope of additional communication is limited, considering that the project is supported by volunteers.

## Selection process

Some articles are invited. All other submitted articles are subjected to a review process (single-blind). Following review, based on the reviewers' feedback, articles are selected for publication. Editors facilitate the overall process. Articles with objectionable content that may hurt the sentiments are rejected. Articles not adhering 'author instructions' are not processed further. Please check for spelling mistakes, typographical issues before submission. Articles may be modified to fit into journal style. Editors' decisions are final.

## Copyright

Authors retain the copyright. The articles are published under suitable CreativeCommons License. Authors can submit their articles published in the past, if they hold the copyright, or have written permission from the previous publisher to republish. In the latter case the authors need to provide the written permission from the original copyright holder.

## Open access

The journal is open access. There are no publication fees for the authors; and it is freely available for the readers, with support from the Institute of Insight, UK.

---

## Template / Checklist for submission

**Author contact details:** Author name / Address: place, State/Country, / Email / Phone (not to be published)

**Author biography** (50-100 words) Please provide it in a paragraph. Examples of content (not mandatory) to include: Medium of creative expression, Education, Work, Leisure work, Published book titles, Recognitions / awards, Few lines about your creativity, Few lines about self

**Title of article**

**Content of the article**

Photographs for articles (paintings, photographs, sculptures etc.) should be given in high resolution JPEG files separately. File name should have the name of the author/contributor.

## Quality of Life Research and Development Foundation

Quality of Life Research and Development Foundation (QoLReF) is involved in improving Quality of Life through Evidence Based Methods. Its mission statement is: "Improving Life through Evidence and Experience."

The Foundation is a conglomerate of various disciplines involved in research and developmental activities to improve the 'Quality of Life'. It brings together the scientific and socio-cultural understandings to the awareness and utility of the public. Experts from various disciplines support the activities of the QoLReF. The foundation, through interactive ways helps in sharing the knowledge and experience improving the quality of life in general. It is registered as a charity organization, with scientific, sociocultural and service oriented objectives.

.

The Institute of Insight

## The Institute of Insight, UK
## [A non-profit organisation]

The Institute of Insight is a non-profit organisation with an objective to advance education, promote health and creativity to improve quality of life by providing opportunities for lifelong learning, training, appropriate services, research, and publications for the benefit of general public and professionals worldwide.

The Institute is working in partnership with **Quality of Life Research and Development Foundation (QoLReF)** and **Geriatric Care and Research organisation (GeriCaRe)** which are academic and charitable organisations supported by resource persons worldwide.

The Institute of Insight is currently supporting various public education initiatives, research related works and publications. It is contributing to the Healthy Ageing Conference a public education event in India, for elderly people and their caregivers. It sponsors publication of Journal of Geriatric Care and Research, Srujan, The Creativity Journal, which are freely available to general public and professionals.